ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଜୁନ୍ ୨/୨୦୨୧ (୧୨ ପୃଷ୍ଠା) | Bhubaneswar, Wednesday, June 2/2021 | ★★★★★★
୪୭ଶ ଭାଗ ୧୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଫ୍ରେଞ୍ଚ ଓପନରୁ ଓହରିଲେ ଓସାକା**
ମାନସିକ ଅବସାଦ କାରଣରୁ ଫ୍ରେଞ୍ଚ ଓପନରୁ ଓହରିଯାଇଛନ୍ତି ଜାପାନର ଷ୍ଟାର ମହିଳା ଟେନିସ ଖେଳାଳି ନାଓମି ଓସାକା। ୧୨

୧୦ **ସଚେତନ କରିବ 'ଅନ୍‌ଫେୟାର ଆଣ୍ଡ ଲଭ୍‌ଲି'**
ଫିଲ୍ମ 'ଅନ୍‌ଫେୟାର ଆଣ୍ଡ୍ ଲଭ୍‌ଲି'ରେ ଚର୍ମ ରଙ୍ଗ ସୌନ୍ଦର୍ଯ୍ୟ ବ୍ୟାଖ୍ୟା କରେନି ବୋଲି ଏକ ସୁନ୍ଦର ବାର୍ତ୍ତା ରହିଥିବା ଅଭିନେତ୍ରୀ ଇଲିଆନା ଡି'କ୍ରୁଜ୍ କହିଛନ୍ତି।



# ଟିକା ଗ୍ଲୋବାଲ ଟେଣ୍ଡରକୁ ଧକ୍କା

### ଡିସିଜିଆଇ ଅନୁମୋଦନ ନୀତିରେ ସଂଶୋଧନ

### ତୁରନ୍ତ ପଦକ୍ଷେପ ନେବାକୁ ହର୍ଷବର୍ଦ୍ଧନଙ୍କୁ ଚିଠି ଲେଖିଲେ ନବ

**ଭୁବନେଶ୍ୱର,୧।୬(ବ୍ୟୁରୋ)**

ରାଜ୍ୟ ସରକାର ୧୮ରୁ ୪୪ ବର୍ଷର ଲୋକଙ୍କୁ ମାଗଣାରେ କୋଭିଡ୍ ଟିକା ଯୋଗାଇବାକୁ ଘୋଷଣା କରିଛନ୍ତି। ହେଲେ ଟିକା ସଂଗ୍ରହ କରିବା ଏବେ ସରକାରଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। କେନ୍ଦ୍ର ସରକାର ଆବଶ୍ୟକତା ଅନୁଯାୟୀ ଟିକା ଯୋଗାଇ ପାରୁ ନ ଥିବାବେଳେ ରାଜ୍ୟ ସରକାରଙ୍କ ବିଶ୍ୱସ୍ତରୀୟ ଟିକା କିଣା ଟେଣ୍ଡରକୁ ଧକ୍କା ଲାଗିଛି। ରାଜ୍ୟ ସରକାରଙ୍କ ଗ୍ଲୋବାଲ ଟେଣ୍ଡର ପ୍ରକ୍ରିୟାରେ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ(ଡିସିଜିଆଇ) ଅନୁମତି ବିନା କୌଣସି ବିଦେଶୀ ଟିକା ପ୍ରସ୍ତୁତ କମ୍ପାନୀ ଟେଣ୍ଡରରେ ଭାଗ ନେଇ ପାରିବେ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ଥିଲା। ଏପରି କି ଗତ କ୍ୟାବିନେଟ ବୈଠକରେ ରାଜ୍ୟ ସରକାର ବିଶ୍ୱସ୍ତରୀୟ ଟେଣ୍ଡର ପାଇଁ ସର୍ତ୍ତରେ କେତେକ କୋହଳ କରିଥିଲେ। ହେଲେ ଡିସିଜିଆଇ ଅନୁମତି ଆବଶ୍ୟକ ପଡୁଥିବାରୁ ବିଦେଶୀ କମ୍ପାନୀ ଏହି ଟେଣ୍ଡରରେ ଅଂଶଗ୍ରହଣ କରି ନ ଥିବା ଜଣାପଡିଛି। ଫଳରେ ରାଜ୍ୟ ସରକାର ମଙ୍ଗଳବାର ଏନେଇ ଟେଣ୍ଡର ସର୍ତ୍ତରେ ସଂଶୋଧନ ଆଣିଛନ୍ତି। ପୂର୍ବରୁ ଟେଣ୍ଡର ଆବେଦନ ପାଇଁ ଡିସିଜିଆଇ ଅନୁମୋଦନ ବାଧ୍ୟତାମୂଳକ ଥିଲା। ☞ପୃଷ୍ଠା-୪




## ଫଳପ୍ରଦ ହେବା ନେଇ ସନ୍ଦେହ

**ଭୁବନେଶ୍ୱର, ୧।୬(ବ୍ୟୁରୋ)**

ରାଜ୍ୟ ସରକାର ଗ୍ଲୋବାଲ ଟେଣ୍ଡର ଜରିଆରେ ଟିକା କିଣିବାକୁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତା'ର ବାସ୍ତବତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟିକା ପାଇଁ ସାରା ବିଶ୍ୱ ବ୍ୟାକୁଳ। ଏପରି କି ଭାକ୍ସିନ ପ୍ରସ୍ତୁତ କରୁଥିବା ଭାରତ ସମେତ ଅନ୍ୟ ଦେଶ ଯଥା ଆମେରିକା, ରୁଷିଆ, ଜାପାନ, ଚାଇନା ଏବଂ ବ୍ରିଟେନ୍‌ର ସମସ୍ତ ନାଗରିକ ଏଯାବତ୍ ଟିକା ପାଇପାରି ନାହାନ୍ତି। ଏଭଳିସ୍ଥଳେ ଓଡ଼ିଶା ସମେତ ଦେଶର କେତେକ ରାଜ୍ୟ ଭାରତ ସରକାରଙ୍କ ଠାରୁ ଆବଶ୍ୟକ ଟିକା ନ ପାଇବାରୁ ଗ୍ଲୋବାଲ ଟେଣ୍ଡର ଜରିଆରେ ଟିକା କିଣିବା ପାଇଁ ଆଗଭର ହୋଇଛନ୍ତି। ଏହି ସମୟରେ ଦକ୍ଷିଣ କୋରିଆ, ତାଇୱାନ, ଆରବ ରାଷ୍ଟ୍ରଗୁଡ଼ିକ ଭଳି ବହୁ ଧନୀ ଦେଶ ସେମାନଙ୍କ ନାଗରିକଙ୍କ ପାଇଁ ଟିକା କିଣିବାକୁ ଉଦ୍ୟମ ଚଳାଇଛନ୍ତି। ଫଳରେ ଟିକା ପ୍ରସ୍ତୁତକାରୀ ସଂସ୍ଥାଗୁଡ଼ିକ ଉପରେ ଉତ୍ପାଦନର ଚାପ ବଢ଼ିବାରେ ଲାଗିଛି। ତେଣୁ ଓଡ଼ିଶା ଭଳି କେତେକ ରାଜ୍ୟର ଗ୍ଲୋବାଲ ଟେଣ୍ଡରରେ ଟିକା ପ୍ରସ୍ତୁତକାରୀ କମ୍ପାନୀ ନିଜ ଆଡୁ ଭାଗ ନିଆଯାଇ ନ ଥିବାରୁ ତାହା କାହାକୁ ଆଶ୍ଚର୍ଯ୍ୟ କରିବା କଥା ନୁହେଁ। ଏପରି କି ଭାରତର ୨ ଟିକା ପ୍ରସ୍ତୁତକାରୀ ସଂସ୍ଥା ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଭାରତ ବାୟୋଟେକ୍ ଓଡ଼ିଶାର ଏହି ଟେଣ୍ଡରରେ ଭାଗ ନ ନେବା ଏହାର ବଡ଼ ଉଦାହରଣ। ଏକ୍ଷେତ୍ରରେ ଆମ ଦେଶରେ କୌଣସି ସାମଗ୍ରୀ କିଣିବା ବେଳେ ଏଲ୍-୧(ସର୍ବନିମ୍ନ) ନୀତି ଟିକାର ଗ୍ଲୋବାଲ ଟେଣ୍ଡର ପ୍ରକ୍ରିୟାକୁ ସର୍ବାଧିକ ପ୍ରଭାବିତ କରିବ। କାରଣ ଆମେ ସବୁଠୁ କମ୍ ମୂଲ୍ୟ ଚାହିଁବା ବେଳେ ଅନେକ ଧନୀ ଦେଶ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଧିକ ମୂଲ୍ୟଦେଇ କିଣିପାରିବେ। ଗୋଆ, କର୍ନାଟକ ଏବଂ ଓଡ଼ିଶା ଭଳି ରାଜ୍ୟ ପ୍ରାକୃତିକ ସମ୍ପଦ ଯଥା ଲୁହାପଥର, ମାଙ୍ଗାନିଜ୍, କ୍ରୋମ ଆଦି ବିକିବା ପାଇଁ ଗ୍ଲୋବାଲ ଟେଣ୍ଡର ଡାକିଥାନ୍ତି। ସର୍ବାଧିକ ମୂଲ୍ୟ ଦେଇ କିଣିବାକୁ ପ୍ରସ୍ତୁତ ଥିବା ସଂସ୍ଥା ତାହାକୁ ହାତେଇଥାନ୍ତି। ହେଲେ ଟିକା ଗ୍ଲୋବାଲ ଟେଣ୍ଡରରେ ଓଲଟା ପରିସ୍ଥିତି ଯୋଗୁ ତାହା ଫଳପ୍ରଦ ହେଉ ନ ଥିବା ମନେ ହେଉଛି। ସେହିପରି କୌଣସି ବିଦେଶୀ ସଂସ୍ଥା ଯଦି ଟେଣ୍ଡର ପ୍ରକ୍ରିୟାରେ ସଫଳ ହୋଇ ଟିକା ଯୋଗାଏ, ତେବେ ବିଦେଶୀ ମୁଦ୍ରାରେ ତା'ର ମୂଲ୍ୟ ନେବାକୁ ଚାହିଁବା ସ୍ୱାଭାବିକ। ଏକ୍ଷେତ୍ରରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ବିପୁଳ ପରିମାଣର ବିଦେଶୀ ମୁଦ୍ରା ହାତଛଡ଼ା କରିବା ମଧ୍ୟ ସହଜ ☞ପୃଷ୍ଠା-୪

## ଭାକ୍ସିନ ମିଶ୍ରଣକୁ କେନ୍ଦ୍ରର ନା

### ଅଗଷ୍ଟ ସୁଦ୍ଧା ଦିନକୁ ୧ କୋଟିଙ୍କୁ ଟିକା

**ନୂଆଦିଲ୍ଲୀ,୧।୬**

କୋଭିଡ୍-୧୯ ନିରାକରଣ ପାଇଁ ଦୁଇ ପ୍ରକାର ଭାକ୍ସିନର ମିଶ୍ରଣକୁ ନେଇ ନାନା ମତ ପ୍ରକାଶ ପାଉଥିବାବେଳେ ମଙ୍ଗଳବାର କେନ୍ଦ୍ର ସରକାର ଏପରି ନ କରିବାକୁ ପରାମର୍ଶ ଦେଇଛନ୍ତି। ଅଧିକ ଅପ୍‌ଡେଟ୍ ନ ଆସିବା ପର୍ଯ୍ୟନ୍ତ ଭାକ୍ସିନଗୁଡ଼ିକୁ ମିଶାଇବା ଏକ ପ୍ରୋଟୋକଲ ନୁହେଁ। କୋଭିଶିଲ୍ଡ ଓ କୋଭାକ୍ସିନ ଟିକାର ଦୁଇ ଡୋଜ୍ ସମୟ ସୀମାରେ କିଛି ପରିବର୍ତ୍ତନ କରାଯାଇ ନାହିଁ ବୋଲି କେନ୍ଦ୍ର କହିଛି।

ଦେଶର କରୋନା ସ୍ଥିତିକୁ ନେଇ ମଙ୍ଗଳବାର ନୀତି ଆୟୋଗ ସଦସ୍ୟ ଡ. ଭି.କେ. ପଲ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଟିକାକରଣ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର (ଏସ୍‌ଓପି) ଅନୁସାରେ ହିଁ କରାଯିବା ଆବଶ୍ୟକ। ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାର ଟିକା ଦେବା ପ୍ରୋଟୋକଲ ନୁହେଁ। ଦୁଇ ପ୍ରକାର ଟିକା ମିଶାଇ ଦିଆଗଲେ ସକାରାତ୍ମକ ପ୍ରଭାବ ପଡ଼ିପାରେ। ତେବେ ଏହାର ନକାରାତ୍ମକ ପ୍ରତିକ୍ରିୟାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। କାରଣ ଅନ୍ତର୍ଜାତୀୟ ସ୍ତରରେ ଏନେଇ ବୈଜ୍ଞାନିକମାନେ ଗବେଷଣା ଜାରି ରଖିଛନ୍ତି। ଏହା ଏକ ଅମୀମାଂସିତ ବୈଜ୍ଞାନିକ ପ୍ରଶ୍ନ। ବିଜ୍ଞାନ ଏହାର ସମାଧାନ ବାହାର କରିବ।

ଅନ୍ୟପକ୍ଷରେ ଆସନ୍ତା ଜୁଲାଇ ଶେଷ କିମ୍ବା ଅଗଷ୍ଟ ମାସ ଆରମ୍ଭ ବେଳକୁ ଦିନକୁ ୧ କୋଟି ଲୋକଙ୍କୁ କୋଭିଡ୍ ଟିକା ଦିଆଯିବ ବୋଲି ମଙ୍ଗଳବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର୍) ଅଧ୍ୟକ୍ଷ ଡ. ବଳରାମ ଭାର୍ଗବ କହିଛନ୍ତି, ନମୁନା ଟେଷ୍ଟିଂର ପରିମାଣ ବୃଦ୍ଧି ଏବଂ କଟକଣା ଯୋଗୁ କରୋନାର ଦ୍ୱିତୀୟ ଲହରକୁ କିଛି ପରିମାଣରେ ରୋକାଯାଇ ପାରିଛି। କିନ୍ତୁ ଏପରି ପଦକ୍ଷେପ ଏକ ନିରନ୍ତର ସମାଧାନ ନୁହେଁ ବୋଲି ସେ ଚେତାଇ ଦେଇଛନ୍ତି। ଭାର୍ଗବ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଚଳିତ ବର୍ଷରେ ଦେଶର ପ୍ରାୟ ☞ପୃଷ୍ଠା-୪

## ପ୍ରତିଷ୍ଠିତ ଫୁଟ୍‌ବଲ କୋଚ୍ ନନ୍ଦକିଶୋରଙ୍କ ପରଲୋକ



**ଭୁବନେଶ୍ୱର, ୧।୬(କ୍ରୀଡ଼ା ପ୍ରତିନିଧି):** ରାଜ୍ୟ କ୍ରୀଡ଼ା ଜଗତ ପାଇଁ ଆସିଛି ଆଉ ଏକ ଦୁଃଖ ଖବର। ପ୍ରତିଷ୍ଠିତ ଫୁଟ୍‌ବଲ କୋଚ୍ ନନ୍ଦକିଶୋର ପଟ୍ଟନାୟକଙ୍କର ସୋମବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ଗତ ମାସ ୧୨ ତାରିଖରେ କରୋନାରେ ଆକ୍ରାନ୍ତ ଜଣାପଡ଼ିବା ପରେ ଘରେ କିଛିଦିନ ଆଇସୋଲେଶନରେ ରହିଥିଲେ। ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ସେ ୧୬ ତାରିଖରେ ବାରିପଦା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ଏବଂ ୧୭ ତାରିଖରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲେ। ନନ୍ଦକିଶୋରଙ୍କ ସ୍ତ୍ରୀ ଏବଂ ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ତାଙ୍କ ପରଲୋକରେ ରାଜ୍ୟ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳିଯାଇଛି। ଭାରତୀୟ ମହିଳା ଫୁଟ୍‌ବଲ ଦଳର ପ୍ରଥମ ଓଡ଼ିଆ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ କୋଚ୍‌ଭାବେ ନନ୍ଦକିଶୋର ବିଶେଷ ପରିଚିତ ଥିଲେ। ଏହା ବ୍ୟତୀତ ସେ ଗୀତାଞ୍ଜଳି ସାମନ୍ତରାୟ, ରଞ୍ଜିତା ମହାନ୍ତି, ପ୍ରଶାନ୍ତି ପ୍ରଧାନ, ସୁଦୀପ୍ତା ଦାଶ, ସରିତା ଜୟନ୍ତୀ ବେହେରାଙ୍କ ପରି ଡଜନେରୁ ଊର୍ଦ୍ଧ୍ୱ ନାମୀ ଖେଳାଳିଙ୍କୁ ସେ ପ୍ରଶିକ୍ଷଣ ଦେଇଥିଲେ। ମହିଳା ଫୁଟ୍‌ବଲକୁ ତାଙ୍କ ଅବଦାନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୧୫ ଅଗଷ୍ଟ ୨୯ରେ ତାଙ୍କୁ ଶ୍ରେଷ୍ଠ କୋଚ୍‌ଭାବେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରିଥିଲେ।

**ଆଜିର ସମ୍ପାଦକୀୟ**
**ସହଜ ରାସ୍ତା ନାହିଁ**




## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ବାତିଲ

### ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ନିଷ୍ପତ୍ତି

**ଭୁବନେଶ୍ୱର, ୧।୬(ବ୍ୟୁରୋ)**

- ପିଲାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ
- ଆଗ୍ରହୀ ଛାତ୍ରୀଛାତ୍ର ଦେଇପାରିବେ ପରୀକ୍ଷା



କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ପରୀକ୍ଷାକୁ କେନ୍ଦ୍ର ସରକାର ବାତିଲ କରିଛନ୍ତି। ଦେଶର କରୋନା ସ୍ଥିତିକୁ ଦୃଷ୍ଟିରେ ରଖାଯାଇ ଏଭଳି ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀ ଏ ନେଇ ଟୁଇଟ୍ କରି ସୂଚନା ଦେଇଛନ୍ତି। ମଙ୍ଗଳବାର ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ନେଇ ବରିଷ୍ଠ ମନ୍ତ୍ରୀ, ସଚିବମାନଙ୍କ ସହ ପ୍ରଧାନମନ୍ତ୍ରୀ ଏକ ସମୀକ୍ଷା ବୈଠକ କରିଥିଲେ। ବର୍ତ୍ତମାନ ସ୍ଥିତିରେ ପରୀକ୍ଷା ସମ୍ଭବ କି ନୁହେଁ ସେନେଇ ଏଥିରେ ଆଲୋଚନା ହୋଇଥିଲା। ପିଲାଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ, ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଆମ ପାଇଁ ପ୍ରାଥମିକତା। ଏନେଇ କୌଣସି ପ୍ରକାର ସାଲିସ କରାଯାଇ ପାରିବ ନାହିଁ। ଏ ନେଇ ପିଲା ଓ ଅଭିଭାବକଙ୍କ ମନରେ ଲାଗି ରହିଥିବା ଦ୍ୱନ୍ଦ୍ୱର ସମାପ୍ତି ଦରକାର। କରୋନା ମହାମାରୀ ☞ପୃଷ୍ଠା-୪

### ଆଇଏସ୍‌ସି ଦ୍ୱାଦଶ ବାତିଲ

**ଭୁବନେଶ୍ୱର,୧।୬ (ବ୍ୟୁରୋ)**

କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି କାଉନ୍‌ସିଲ୍ ଫର୍ ଦି ଇଣ୍ଡିୟାନ ସ୍କୁଲ ସାର୍ଟିଫିକେଟ ଏକ୍‌ଜାମିନେଶନ(ସିଆଇଏସ୍‌ସିଇ)ର ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାକୁ ମଙ୍ଗଳବାର ବାତିଲ୍ କରାଯାଇଛି। ପିଲାଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇ ବୋର୍ଡ ଏଭଳି ନିଷ୍ପତ୍ତି ନେଇଛି। ପରୀକ୍ଷା ଫଳ କିପରି ପ୍ରକାଶ କରାଯିବ ସେନେଇ ପରବର୍ତ୍ତୀ ସମୟରେ ସ୍କୁଲଗୁଡ଼ିକୁ ଜଣାଇ ଦିଆଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ପରୀକ୍ଷା ଫଳାଫଳକୁ ନେଇ ଯଦି କୌଣସି ଛାତ୍ରୀଛାତ୍ର ଅସନ୍ତୁଷ୍ଟ ପ୍ରକାଶ କରନ୍ତି, ତେବେ ସେମାନଙ୍କୁ ପୁନଶ୍ଚ ପରୀକ୍ଷାରେ ବସିବାର ସୁଯୋଗ ଦିଆଯିବ।

## ଯୁକ୍ତ୨ ପିଲାଙ୍କୁ ଟିକା ଦେବାକୁ ଲକ୍ଷ୍ୟ

### କେନ୍ଦ୍ରକୁ ଚିଠି ଲେଖିଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧।୬(ବ୍ୟୁରୋ)**

ଯୁକ୍ତ ୨ ଛାତ୍ରୀଛାତ୍ର ଓ ତାଙ୍କ ପରିବାରକୁ ଅଗ୍ରାଧିକାର ଭିତ୍ତିରେ ଟିକା ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷବର୍ଦ୍ଧନଙ୍କୁ ଟିକା ସମ୍ପର୍କରେ ଚିଠି ଲେଖି ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଏହା ଜଣାଇଛନ୍ତି। ଟିକା ପଞ୍ଜୀକରଣ ନିୟମ କୋହଳ କରିବା ଲାଗି ସେ ଚିଠିରେ ଉଲ୍ଲେଖ କରିଛନ୍ତି। ରାଜ୍ୟର ଅନେକ ସ୍ଥାନରେ ଟିକାକରଣ ନିମନ୍ତେ ଲୋକେ ନାମ ପଞ୍ଜୀକରଣ କରିପାରୁନାହାନ୍ତି। ବିଶେଷକରି ପାହାଡ଼ିଆ ଅଞ୍ଚଳବାସୀଙ୍କ ପଞ୍ଜୀକରଣରେ ସମସ୍ୟା ରହୁଛି। ସେହିପରି ଅନେକ ସ୍ଥାନରେ ଇଣ୍ଟରନେଟ୍ ଯୋଗାଯୋଗ ବହୁତ ଖରାପ ଥିବାରୁ ମଧ୍ୟ ଲୋକେ ପଞ୍ଜୀକରଣ କରିବାକୁ ସମର୍ଥ ହୋଇପାରୁ ନାହାନ୍ତି। ତେଣୁ ଟିକାକରଣ ନେଇ ରାଜ୍ୟ ସରକାରଙ୍କୁ ଅଧିକ କ୍ଷମତା ଦିଆଯାଉ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି। ରାଜ୍ୟ ସରକାର ଯୁକ୍ତ୨ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାରକୁ ଟିକାକରଣ କରିବାକୁ ଚାହୁଁଛନ୍ତି। ଏହାର ଗୁରୁତ୍ୱ ଉପଲବ୍ଧି କରି ତୁରନ୍ତ ପଦକ୍ଷେପ ନେବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଦାବି କରିଛନ୍ତି।

## ପେଟ୍ରୋଲ ୨୬, ଡିଜେଲ ୨୫ ପଇସା ବଢ଼ିଲା

**ନୂଆଦିଲ୍ଲୀ/ଭୁବନେଶ୍ୱର,୧।୬**

ମେ ୪ ରୁ ଅଦ୍ୟାବଧି ୧୭ ଥର ତୈଳ ଦର ବୃଦ୍ଧି ପାଇଲାଣି। ଏହି ସମୟ ମଧ୍ୟରେ ପେଟ୍ରୋଲ ଠାରୁ ଡିଜେଲ ମୂଲ୍ୟ ଅଧିକ ବୃଦ୍ଧି ପାଇଛି। ଗତ ୧୭ ଦିନ ମଧ୍ୟରେ ରାଜ୍ୟରେ ଡିଜେଲ ଲିଟର ପିଛା ୫.୦୫ ଟଙ୍କା ଏବଂ ପେଟ୍ରୋଲ ଲିଟର ପିଛା ୪.୧୦ ଟଙ୍କା ବଢ଼ିଛି। ଫଳରେ ଏହାର ପ୍ରଭାବ ସିଧାସଳଖ ପରିବହନ ବ୍ୟବସ୍ଥା ଉପରେ ପଡୁଛି। କ୍ରମାଗତ ଡିଜେଲ ଦର ବୃଦ୍ଧି ଯୋଗୁ ଖାଉଟି ଆହୁରି ଖର୍ଚ୍ଚାନ୍ତ ହେଉଛନ୍ତି। ମହାମାରୀର ମାନ୍ଦାବସ୍ଥା ସମୟରେ ତୈଳ ଦର ଠାରୁ ନେଇ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିବା ଯୋଗୁ ଉପଭୋକ୍ତାଙ୍କ ପାଇଁ ☞ପୃଷ୍ଠା-୪



# ତାଲା ଖୋଲୁଛନ୍ତି ରାଜ୍ୟ


ଉତ୍ତର ପ୍ରଦେଶର ମିର୍ଜାପୁରସ୍ଥିତ ବିନ୍ଧ୍ୟବାସିନୀ ମନ୍ଦିରରେ ଭିଡ଼।


ଭୋପାଳରେ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ ହେବା ପରେ ଦୋକାନୀମାନେ ନିଜ ନିଜ ଦୋକାନର ତାଲା ଖୋଲୁଛନ୍ତି।


ଗ୍ରେଟର ନୋଏଡାର ରାସ୍ତାକଡ଼ରେ ଗ୍ରାହକଙ୍କ ଅପେକ୍ଷାରେ ଜଣେ କୁମ୍ଭକାର।

# ସଂକ୍ରମଣ ପୁଣି ବଢ଼ିବା ଆଶଙ୍କା

## ସାମାଜିକ ଦୂରତ୍ୱକୁ ଅଣଦେଖା

**ନୂଆଦିଲ୍ଲୀ, ୧।୬**

କୋଭିଡ୍ ମୁକାବିଲା ପାଇଁ ବିଭିନ୍ନ ରାଜ୍ୟ ପକ୍ଷରୁ ନିଆଯାଇଥିବା ପଦକ୍ଷେପର ସୁଫଳ ଦେଖିବାକୁ ମିଳିଛି। ୨୪ ଘଣ୍ଟାରେ ଦେଶରେ ୧,୨୭,୫୧୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତ ୫୪ ଦିନରେ ଏହି ସଂଖ୍ୟା ସର୍ବନିମ୍ନ। ଦୈନିକ ସଂକ୍ରମଣ ହାର ୬.୬୨ ପ୍ରତିଶତକୁ ହ୍ରାସ ପାଇଛି। ସେହିପରି ଦିନକରେ ୨,୭୯୫ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଉଭୟ ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ହ୍ରାସ ପାଉଥିବା ଦେଖି ରାଜ୍ୟଗୁଡ଼ିକ ଲକ୍‌ଡାଉନ୍ ନିୟମକୁ କୋହଳ କରିଛନ୍ତି। ତେବେ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ଲୋକେ ସାମାଜିକ ଦୂରତ୍ୱ ସମେତ କୋଭିଡ୍ ଗାଇଡଲାଇନକୁ ଯେଭଳି ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି ସେଥିରୁ ଆଗକୁ ସଂକ୍ରମଣ ପୁଣି ବୃଦ୍ଧିପାଇବାର ଆଶଙ୍କା କରାଯାଉଛି।

ଦେଶରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨,୮୧,୭୫,୦୦୪ରେ ପହଞ୍ଚିଥିବାବେଳେ ସମୁଦାୟ ମୃତ୍ୟୁ ସଂଖ୍ୟା ୩,୩୧,୮୯୫କୁ ବୃଦ୍ଧି ପାଇଛି। ଗତ ୩୫ ଦିନରେ ଦୈନିକ ମୃତ୍ୟୁସଂଖ୍ୟା


ଆଗ୍ରାରେ ଲକ୍‌ଡାଉନ୍ ନିୟମ କୋହଳ ହେବା ପରେ ଏକ ବଜାରରେ ଭିଡ଼ ଜମାଇଛନ୍ତି ଲୋକେ।

- ଦିନକରେ ୨,୭୯୫ ମୃତ
- ୧.୨୭ ଲକ୍ଷ ପଜିଟିଭ୍ ଚିହ୍ନଟ

ସର୍ବନିମ୍ନ ରହିଛି। ସେହିପରି ୪୩ ଦିନ ପରେ ସକ୍ରିୟ ମାମଲା ୨୦ ଲକ୍ଷ ତଳେ ରହିଥିବା ମନ୍ତ୍ରଣାଳୟ ପକ୍ଷରୁ ଅପ୍‌ଡେଟ୍ କରାଯାଇଛି। ଏବେ ଆକ୍ଟିଭ୍ କେସ୍ ୧୮,୯୫,୫୨୦ ରହିଛି, ଯାହାକି ମୋଟ ସଂକ୍ରମଣର ୬.୭୩%। ସୋମବାର ୧୯,୨୫,୩୭୪ ନମୁନା ଟେଷ୍ଟ କରାଯାଇଥିଲା। କ୍ରମାଗତ ୮ ଦିନ ଧରି ପଜିଟିଭ୍ ହାର ୧୦ ପ୍ରତିଶତ ତଳେ ରହିଛି। ଆରୋଗ୍ୟ ହାର ୯୨.୦୯ ପ୍ରତିଶତକୁ ବୃଦ୍ଧି ପାଇଛି। ଲଗାତର ୧୯ ଦିନ ଧରି ସଂକ୍ରମଣ ଅପେକ୍ଷା ଅଧିକ ଲୋକ କରୋନାରୁ ସୁସ୍ଥ ହେଉଛନ୍ତି। ତେବେ ମୃତ୍ୟୁହାର ୧.୧୮ ପ୍ରତିଶତକୁ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଝାଡ଼ଖଣ୍ଡରେ ଲକ୍‌ଡାଉନ ଅବଧି ଜୁନ୍ ୧୦କୁ ବଢ଼ାଯାଇଥିବାବେଳେ କେତେକ ନିୟମ କୋହଳ କରାଯାଇଛି। ସେହିପରି ବିହାରରେ ମଧ୍ୟ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ତାଲାବନ୍ଦ ଅବଧି ବଢ଼ାଯିବା ସହ ବ୍ୟବସାୟିକ ଗତିବିଧି ଉପରୁ କେତେକ କଟକଣା ହଟାଯାଇଛି। ନିୟମ କୋହଳ କରିଥିବା ଅନ୍ୟରାଜ୍ୟଗୁଡ଼ିକ ମଧ୍ୟରେ ଉତ୍ତରପ୍ରଦେଶ, ଜମ୍ମୁ-କଶ୍ମୀର, ଦିଲ୍ଲୀ, ମଧ୍ୟପ୍ରଦେଶ ଓ ହିମାଚଳ ପ୍ରଦେଶ ରହିଛି। ଅନ୍ୟପକ୍ଷରେ ମହାରାଷ୍ଟ୍ର, ହରିୟାଣା, ତେଲଙ୍ଗାନା, ସିକିମ୍, ଓଡ଼ିଶା, କେରଳ, ତାମିଲନାଡୁ ଓ ଗୋଆ ଭଳି ରାଜ୍ୟ ସଂକ୍ରମଣ ରୋକିବା ପାଇଁ ଲକ୍‌ଡାଉନ୍ ବଢ଼ାଇଛନ୍ତି।

## ସଂକ୍ଷେପରେ

### ଆସିଲା ୩୦ ଲକ୍ଷ ଡୋଜ୍ ସ୍ପୁଟନିକ୍-ଭି

**ହାଇଦ୍ରାବାଦ, ୧।୬:** ରୁଷିଆ କରୋନା ଟିକା ସ୍ପୁଟନିକ୍-ଭିର ୩୦ ଲକ୍ଷ ଡୋଜ୍ ମଙ୍ଗଳବାର ବିମାନ ଯୋଗେ ହାଇଦ୍ରାବାଦରେ ପହଞ୍ଚିଛି। ଏକ ସ୍ୱତନ୍ତ୍ର ଚାଟାର୍ଡ ପ୍ଲେନ ଆର୍‌ୟୁ-୯୪୫୦ ଯୋଗେ ରୁଷିଆରୁ ବାହାରି ରାଜୀବ ଗାନ୍ଧୀ ବିମାନ ବନ୍ଦରରେ ଅପରାହ୍ନ ୩ଟା ୪୩ରେ ଅବତରଣ କରିଥିଲା। ଏ ନେଇ ଜିଏମ୍‌ଆର୍ ହାଇଦ୍ରାବାଦ୍ ଏୟାର କାର୍ଗୋ (ଜିଏଚ୍‌ଏସି)ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ପୂର୍ବରୁ ଜିଏଚ୍‌ଏସି ବହୁ ସଂଖ୍ୟାରେ ପରିବହନ ପରିଚାଳନା କରିଛି। କିନ୍ତୁ ସ୍ପୁଟନିକ୍ ଭି ଆମଦାନୀବେଳେ ଏକାଥରକେ ୫୬.୬ ଟନ୍‌ର ବଡ଼ ଧରଣର ପରିବହନ ପରିଚାଳନା କରିବା ଭାରତରେ ବର୍ତ୍ତମାନ ସୁଦ୍ଧା ପ୍ରଥମ ବୋଲି ଜିଏଚ୍‌ଏସି କହିଛି। ୯୦ ମିନିଟ୍‌ରୁ ମଧ କମ୍ ସମୟ ମଧ୍ୟରେ ଶିପ୍‌ମେଣ୍ଟ ପ୍ରକ୍ରିୟା ଶେଷ ହୋଇଥିଲା ସୂଚନା ଦିଆଯାଇଛି।

### ଏମ୍ସରେ ପୋଖରିୟାଲ



**ନୂଆଦିଲ୍ଲୀ, ୧।୬:** କରୋନାଜନିତ ସଂକ୍ରମଣ ବୃଦ୍ଧି ଯୋଗୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ 'ନିଶଙ୍କ'(୬୧) ମଙ୍ଗଳବାର ଦିଲ୍ଲୀ ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଗତ ଏପ୍ରିଲରେ ନିଶଙ୍କ କରୋନାରେ ସଂକ୍ରମିତ ହୋଇଥିଲେ। ଅକ୍ସିଜେନ ସ୍ତର ହ୍ରାସ ପାଇବାରୁ ତାଙ୍କୁ ହସ୍ପିଟାଲକୁ ନିଆଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଏମ୍ସ ପକ୍ଷରୁ କୁହାଯାଇଛି।

### ସ୍ୱପନ ଦାସଗୁପ୍ତା ରାଜ୍ୟ ସଭାକୁ ପୁନଃ ମନୋନୀତ



**ନୂଆଦିଲ୍ଲୀ, ୧।୬:** ଭାଜପା ଟିକେଟ୍‌ରୁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାସ୍ତ ହୋଇଥିବା ପୂର୍ବତନ ଖବରଦାତା ସ୍ୱପନ ଦାସଗୁପ୍ତା ରାଜ୍ୟ ସଭାକୁ ପୁନଃ ମନୋନୀତ ହୋଇଛନ୍ତି। ନିକଟରେ ସେ ରାଜ୍ୟ ସଭାରୁ ଇସ୍ତଫା ଦେଇ ନିର୍ବାଚନ ଲଢ଼ିଥିଲେ। ଏଥିସହ ରଘୁନାଥ ମହାପାତ୍ରଙ୍କ ପରଲୋକ ପରେ ତାଙ୍କ ସ୍ଥାନରେ ବରିଷ୍ଠ ଆଇନଜୀବୀ ମହେଶ ଜେଠମଲାନିଙ୍କୁ ପାର୍ଲମେଣ୍ଟର ଉଚ୍ଚ ସଦନକୁ ମନୋନୀତ କରାଯାଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଦୁଇ ଜଣଙ୍କୁ ରାଜ୍ୟ ସଭାକୁ ପଠାଯାଇଥିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି।

### ସିନୋଭାକ୍‌କୁ ଡବ୍ଲ୍ୟୁଏଚ୍‌ଓର ମଞ୍ଜୁରୀ

**ଜେନେଭା, ୧।୬:** ଚାଇନା ଦ୍ୱିତୀୟ କରୋନା ଟିକା ସିନୋଭାକ୍‌ର ଜରୁରିକାଳୀନ ବ୍ୟବହାର ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମଞ୍ଜୁରୀ ଦେଇଛି। ଏହି ଟିକା ଉତ୍ପାଦନ, କାର୍ଯ୍ୟକାରିତା ଏବଂ ସୁରକ୍ଷା ସମ୍ବନ୍ଧିତ ସମସ୍ତ ଅନ୍ତର୍ଜାତୀୟ ମାନଦଣ୍ଡ ପୂରଣ କରୁଥିବା ନେଇ ଡବ୍ଲ୍ୟୁଏଚ୍‌ଓର ଏହି ପଦକ୍ଷେପରୁ ନିଶ୍ଚିତ ହୋଇଛି। ଗତ ମାସରେ ଚାଇନା ଟିକା ସିନୋଫାର୍ମକୁ ଡବ୍ଲ୍ୟୁଏଚ୍‌ଓ ଜରୁରିକାଳୀନ ବ୍ୟବହାର ପାଇଁ ମଞ୍ଜୁରୀ ଦେଇଥିଲା।

# ଅରୁଣ ମିଶ୍ର ହେବେ ଏନ୍‌ଏଚ୍‌ଆର୍‌ସି ଅଧ୍ୟକ୍ଷ

**ନୂଆଦିଲ୍ଲୀ, ୧।୬**

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅରୁଣ ମିଶ୍ର ଦେଶର ପରବର୍ତ୍ତୀ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଅଧ୍ୟକ୍ଷ ନିଯୁକ୍ତ ହୋଇପାରନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଚୟନ କମିଟି ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ଜଷ୍ଟିସ୍ ମିଶ୍ରଙ୍କ ନାମ ସୁପାରିସ କରିଥିବା ଜଣାପଡ଼ିଛି। ସେହିପରି ଗୋଇନ୍ଦା ବ୍ୟୁରୋର ପୂର୍ବତନ ନିର୍ଦ୍ଦେଶକ ରାଜୀବ ଜୈନ ଓ ଜମ୍ମୁ-କଶ୍ମୀର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ମହେଶ କୁମାର ମିତ୍ତଲଙ୍କୁ ଏନ୍‌ଏଚ୍‌ଆର୍‌ସି ସଦସ୍ୟ ରୂପେ ନିଯୁକ୍ତି ମିଳିପାରେ।

ପ୍ରଧାନମନ୍ତ୍ରୀ ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ନେଇ ଗଠିତ ଚୟନ କମିଟି ଏନ୍‌ଏଚ୍‌ଆର୍‌ସି ଅଧ୍ୟକ୍ଷ ପଦ ଲାଗି ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ନାମ ସୁପାରିସ କରିଛି। ତେବେ ବଞ୍ଚିତ ସମୁଦାୟର ପ୍ରାର୍ଥୀଙ୍କ କଥା ବିଚାରକୁ ନିଆଯାଇ ନ ଥିବା ଦର୍ଶାଇ ଖାର୍ଗେ ତାଙ୍କ ନିଯୁକ୍ତି ଉପରେ ସହମତି ପ୍ରକାଶ କରିନାହାନ୍ତି। ଅରୁଣ ମିଶ୍ର ୧୯୭୮ରେ ଆଇନଜୀବୀ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ସେ ୧୯୯୮-୯୯ରେ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆର କନିଷ୍ଠତମ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ୧୯୯୯ ଅକ୍ଟୋବରରେ ଜଷ୍ଟିସ୍ ମିଶ୍ର ମଧ୍ୟପ୍ରଦେଶ

**ସୁପ୍ରିମକୋର୍ଟ ବିଚାରପତି ଥିବାବେଳେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ**


ଜଷ୍ଟିସ୍ ଅରୁଣ ମିଶ୍ର

ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ପରେ ସେ ରାଜସ୍ଥାନ ଏବଂ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ ହୋଇଥିଲେ। ୨୦୧୪ ଜୁଲାଇ ୭ରେ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତ ହୋଇଥିବା ଜଷ୍ଟିସ୍ ମିଶ୍ର ୨୦୨୦ ସେପ୍ଟେମ୍ବର ୩ରେ ଅବସର ନେଇଥିଲେ। ସେ ସୁପ୍ରିମକୋର୍ଟ ବିଚାରପତି ଥିବାବେଳେ ପ୍ରଧାନମନ୍ତ୍ରୀଙ୍କୁ ଉଚ୍ଚ ପ୍ରଶଂସା କରି ବିବାଦୀୟ ହୋଇଥିଲେ। ନରେନ୍ଦ୍ର ମୋଦି ଜଣେ ଦୂରଦୃଷ୍ଟି ସମ୍ପନ୍ନ ପ୍ରଧାନମନ୍ତ୍ରୀ ଭାବେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଲାଭ କରିଥିବା ଏପରି ଜଣେ ନେତା, ଯିଏକି ବୈଶ୍ୱିକ ସ୍ତରରେ ଚିନ୍ତା ଓ ସ୍ଥାନୀୟ ସ୍ତରରେ କାର୍ଯ୍ୟ କରନ୍ତି ବୋଲି ଜଷ୍ଟିସ୍ ମିଶ୍ର କହିଥିଲେ। ଏହାକୁ ନେଇ ସେତେବେଳେ ବିବାଦ ସୃଷ୍ଟି ହୋଇଥିଲା। ପ୍ରକାଶ ଯେ, ଏହା ପୂର୍ବରୁ ୨୭ ବର୍ଷ ମଧ୍ୟରେ ଏନ୍‌ଏଚ୍‌ଆର୍‌ସି ଅଧ୍ୟକ୍ଷ ରୂପେ କେବଳ ପୂର୍ବତନ ସିଜେଆଇମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ତେଣୁ ଏହାକୁ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସାର ପୁରସ୍କାର ବୋଲି କୁହାଯାଉଛି।

# ସଂକ୍ରମଣ ମାତ୍ରା କମାଏ ଭିଟାମିନ୍ ଡି

**ହାଇଦ୍ରାବାଦ, ୧।୬**

ଶରୀରରେ ଯଥେଷ୍ଟ ମାତ୍ରାରେ ଭିଟାମିନ୍ ଡି କରୋନା ସଂକ୍ରମଣ ହ୍ରାସ କରିବାରେ ପ୍ରମୁଖ ଭୂମିକା ନେଇଥାଏ। ଏ ସଂକ୍ରାନ୍ତରେ ହାଇଦ୍ରାବାଦସ୍ଥିତ ନିଜାମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏନ୍‌ଆଇଏମ୍‌ଏସ୍) ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ବିଶେଷକରି ଶ୍ୱାସକ୍ରିୟାଜନିତ ସଂକ୍ରମଣ ରୋକିବାରେ ଭିଟାମିନ୍ ଡି ସହାୟକ ହୋଇଥାଏ ବୋଲି www.nature.com ୱେବ୍‌ସାଇଟରେ ରିପୋର୍ଟ ପ୍ରକାଶ ପାଇଛି। ଶରୀରରେ ଭିଟାମିନ୍ ଡି ସ୍ତର ୮୦/୧୦୦ ନାନୋଗ୍ରାମ୍/ମିଲିଲିଟରକୁ ବୃଦ୍ଧି ପାଇଲେ ଗୁରୁତର ସଂକ୍ରମଣ ଆଶଙ୍କା କମ୍ ରହିଥାଏ ବୋଲି ଏଥିରେ ଦର୍ଶାଯାଇଛି। ସିକନ୍ଦରାବାଦ୍‌ସ୍ଥିତ ଗାନ୍ଧୀ ହସ୍ପିଟାଲର କୋଭିଡ୍ ରୋଗୀଙ୍କ ଉପରେ ଏହି ଅଧ୍ୟୟନ କରାଯାଇଥିଲା। କୋଭିଡ୍‌ଜନିତ ସଂକ୍ରମଣ ହ୍ରାସ କରିବାରେ ପଲ୍‌ସ ଡି ଥେରାପିର ପ୍ରଭାବ ଜାଣିବା ଏହି ଅନୁସନ୍ଧାନର ଲକ୍ଷ୍ୟ ରହିଥିଲା। ରିପୋର୍ଟ ପ୍ରସ୍ତୁତକାରୀ ହାଇଦ୍ରାବାଦ ବିବିନଗର ଏମ୍ସ ଅର୍ଥୋପେଡିକ୍ସ ମୁଖ୍ୟ ଡା. ମହେଶ୍ୱର ଲକ୍କିରେଡ୍ଡିଙ୍କ କହିବା ମୁତାବକ, ଭିଟାମିନ୍ ଡି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ସଂକ୍ରମିତଙ୍କ ଚିକିତ୍ସାରେ ପ୍ରମୁଖ ଭୂମିକା ନେଇଛି। ସାମାନ୍ୟ ଲକ୍ଷଣ ଥିବା ୧୩୦ ରୋଗୀଙ୍କ ଉପରେ ପଲ୍‌ସ ଡି ଥେରାପି କରାଯାଇଥିଲା। ସଂକ୍ରମିତଙ୍କୁ ଭିଟାମିନ୍-ଡି(ଭିଡି) ଏବଂ ନନ୍-ଭିଟାମିନ୍-ଡି ଦୁଇଟି ଗ୍ରୁପ୍ କରାଯାଇଥିଲା। ସାଧାରଣ ଚିକିତ୍ସା ସମେତ ଭିଡି ଗ୍ରୁପ୍‌କୁ ପଲ୍‌ସ ଡି ଥେରାପି ଦିଆଯାଇଥିଲା। ଏନ୍‌ଭିଡିରେ ଥିବା ରୋଗୀଙ୍କ କେବଳ ସାଧାରଣ ଚିକିତ୍ସା କରାଯାଇଥିଲା। ଭିଡି ଗ୍ରୁପ୍‌ରେ ସଂକ୍ରମଣ ମାତ୍ରା କମିଥିବାବେଳେ ଏନ୍‌ଭିଡି ଗ୍ରୁପ୍‌ରେ ତାହା ସେତେମାତ୍ରାରେ ପରିଲକ୍ଷିତ ହୋଇ ନ ଥିଲା।

## କେନ୍ଦ୍ରର ମହାମାରୀ ମୁକାବିଲା ଉଦ୍ୟମକୁ ବ୍ୟର୍ଥ କରିଛନ୍ତି ରାମଦେବ:ଆଇଏମ୍‌ଏ

**ନୂଆଦିଲ୍ଲୀ, ୧।୬:** ଦେଶରେ ମହାମାରୀ କରୋନା ସଂକ୍ରମଣ ରୋକିବା ପାଇଁ କେନ୍ଦ୍ର ସରକାର ଚଳାଇଥିବା ଉଦ୍ୟମକୁ ଯୋଗଗୁରୁ ରାମଦେବ ବ୍ୟର୍ଥ କରିଛନ୍ତି ବୋଲି ମଙ୍ଗଳବାର ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ(ଆଇଏମ୍‌ଏ) ପକ୍ଷରୁ ଅଭିଯୋଗ ଅଣାଯାଇଛି। ଡାକ୍ତରମାନଙ୍କ ସଂଘ ନାଗରିକମାନଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଏକ ଖୋଲାଚିଠିରେ ରାମଦେବଙ୍କ ମନ୍ତବ୍ୟକୁ ଦେଶବିରୋଧୀ ଏବଂ ଜନବିରୋଧୀ ଭାବେ ଅଭିହିତ କରିଛି। ଦେଶ ପାଇଁ ୧,୩୦୦ ଡାକ୍ତରଙ୍କ ଜୀବନ ଯାଇଥିବାବେଳେ ଏଲୋପାଥିକୁ ରାମଦେବଙ୍କ ସମାଲୋଚନା ନିନ୍ଦନୀୟ। ଏଭଳି ଲୋକଙ୍କୁ ଦୟା କରିବା ଅନୁଚିତ ବୋଲି ଆଇଏମ୍‌ଏ କହିଛି।



ନୂଆଦିଲ୍ଲୀ: ଏଲୋପାଥି ଉପରେ ଯୋଗଗୁରୁ ରାମଦେବଙ୍କ ବିବାଦୀୟ ମନ୍ତବ୍ୟ ପ୍ରତିବାଦରେ ଫେଡେରେଶନ୍ ଅଫ୍ ରେସିଡେଣ୍ଟ ଡକ୍ଟର୍ସ ଆସୋସିଏଶନ (ଏଫ୍‌ଓଆର୍‌ଡିଏ) ଏବଂ ରେସିଡେଣ୍ଟ ଡକ୍ଟର୍ସ ଆସୋସିଏଶନ (ଡିଆର୍‌ଏ) ପକ୍ଷରୁ ଦେଶବ୍ୟାପୀ କଳାଦିବସ ପାଳନ କରାଯାଇଛି। ଏହି ଅବସରରେ ନୂଆଦିଲ୍ଲୀସ୍ଥିତ ସଫଦରଜଙ୍ଗ ହସ୍ପିଟାଲରେ ଜଣେ ଡାକ୍ତର ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଚାଇନା ବ୍ଲଗରଙ୍କୁ ୮ ମାସ ଜେଲ

**ବେଜିଂ, ୧।୬**

ଗଲ୍‌ୱାନ ଘାଟିରେ ଗତବର୍ଷ ଜୁନ୍‌ରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷକୁ ନେଇ ନିଜ ବ୍ଲଗ୍‌ରେ ପୋଷ୍ଟ କରିଥିବା ଚାଇନିଜ୍ ବ୍ଲଗର କ୍ୟୁ ଜିମିଙ୍ଗ୍‌ଙ୍କୁ ସୋମବାର ୮ ମାସ ଜେଲ ଦଣ୍ଡାଦେଶ ହୋଇଛି। 'ଶହୀଦଙ୍କୁ ବଦନାମ' କରିବା ଅପରାଧରେ ଚାଇନା କୋର୍ଟ ତାଙ୍କୁ ଏହି ଦଣ୍ଡ ଦେଇଥିବା 'ଗ୍ଲୋବାଲ ଟାଇମ୍ସ'ରେ ରିପୋର୍ଟ ପ୍ରକାଶ ପାଇଛି। ଇଣ୍ଟରନେଟ୍ ସେଲିବ୍ରିଟି ୩୮ ବର୍ଷୀୟ ଜିମିଙ୍ଗ୍‌ଙ୍କ ପ୍ରାୟ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଫଲୋଅର୍ସ ରହିଛନ୍ତି।

ପୂର୍ବ ଲଦାଖ ସୀମାନ୍ତ ଗଲ୍‌ୱାନ ଉପତ୍ୟାକାରେ ସଂଘର୍ଷବେଳେ ୪୫ ପିଏଲ୍‌ଏ ସୈନିକଙ୍କ ମୃତ୍ୟୁ ଘଟିଥିବା ରୁଷିଆର ନ୍ୟୁଜ୍ ଏଜେନ୍ସି ଟିଏଏସ୍‌ଏସ୍ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଥିଲା। କିନ୍ତୁ ଏହି ସଂଘର୍ଷରେ ନିଜର ମାତ୍ର ୪ ସୈନ୍ୟ ନିହତ ହୋଇଥିବା ନେଇ ଚାଇନା କହିଥିଲା। ଚାଇନା ସରକାର ସେମାନଙ୍କ ପ୍ରକୃତ ସଂଖ୍ୟା ଲୁଚାଇଛନ୍ତି ବୋଲି ଜିମିଙ୍ଗ୍ ବ୍ଲଗରେ ପୋଷ୍ଟ କରିଥିଲେ। ସଂଘର୍ଷବେଳେ ଅଧିକ ସଂଖ୍ୟାରେ ପିଏଲ୍‌ଏ



**ଗଲ୍‌ୱାନରେ ଚାଇନା ସୈନ୍ୟଙ୍କ ମୃତ୍ୟୁ ବାବଦରେ ପୋଷ୍ଟ କରିଥିଲେ**

ସୈନ୍ୟ ନିହତ ହୋଇଥିବା ଜିମିଙ୍ଗ୍ କହିଥିଲେ। ଶାସକ କମ୍ୟୁନିଷ୍ଟ ପାର୍ଟି ସମେତ ଚାଇନା ସୈନ୍ୟଙ୍କ ବୀରତ୍ୱ ଉପରେ ସେ ପ୍ରଶ୍ନ ଉଠାଇଥିଲେ। ଭାରତୀୟ ଯବାନଙ୍କ ସାମ୍ନାରେ ଚାଇନା ସୈନ୍ୟ ଡରିଯିବା ସହ ସେମାନଙ୍କ ସହ ମୁକାବିଲା କରିପାରି ନ ଥିଲେ ବୋଲି ଜିମିଙ୍ଗ୍ କହିଥିଲେ। ଜିମିଙ୍ଗ୍ ନିଜ ଭୁଲ ସ୍ୱୀକାର କରିବା ସହ ଭବିଷ୍ୟତରେ ଏଭଳି ଅପରାଧ କରିବେ ନାହିଁ ବୋଲି କହିବା ପରେ ତାଙ୍କୁ ଅଳ୍ପ ଦିନର ଜେଲ ଦଣ୍ଡ ନିର୍ଦ୍ଦେଶ ଦିଆଯାଇଥିବା କୋର୍ଟ କହିଛନ୍ତି।

# କୋଭିଡ୍ ଅନାଥଙ୍କ ପାଇଁ ଯୋଜନା କ'ଣ

**ନୂଆଦିଲ୍ଲୀ, ୧।୬**

କରୋନା ମହାମାରୀର ଦ୍ୱିତୀୟ ଲହର ଅନେକ ପିଲାଙ୍କୁ ଅନାଥ କରିଦେଇଛି। ସେହି ଶିଶୁମାନଙ୍କୁ ଆଶ୍ୱସ୍ତି ପ୍ରଦାନ ଲାଗି କେନ୍ଦ୍ର ସରକାର କ'ଣ ସବୁ କଲ୍ୟାଣକାରୀ ଯୋଜନା ଗଢ଼ିଛନ୍ତି ତାହା ଜାଣିବା ପାଇଁ ଚାହିଁଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏନେଇ କେନ୍ଦ୍ରକୁ ଜବାବ ମାଗିଛନ୍ତି। ଏହାସହ ଖଣ୍ଡପୀଠ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଜଣେ ଲେଖାଏ ସଚିବ କିମ୍ବା ଯୁଗ୍ମ ସଚିବ ସ୍ତରୀୟ ଅଧିକାରୀଙ୍କୁ ନୋଡାଲ ଅଫିସର ନିଯୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନୋଡାଲ ଅଫିସରମାନେ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଓ ସେଗୁଡ଼ିକରୁ ସୁବିଧା ପାଇବାକୁ ଥିବା ଅନାଥଙ୍କୁ ଚିହ୍ନଟ ନେଇ ଆମିକସ୍ କ୍ୟୁରି ଗୌରବ



ଅଗ୍ରୱାଲଙ୍କ ସହ ଆଲୋଚନା କରିବେ। ଆସନ୍ତା ସୋମବାର ଏହାର ପରବର୍ତ୍ତୀ ଶୁଣାଣି ହେବ। କୋଭିଡ୍ ମହାମାରୀ ଯୋଗୁ ତେଲଙ୍ଗାନା, ତାମିଲନାଡୁ, କେରଳ, କର୍ନାଟକ, ଗୁଜରାଟ, ରାଜସ୍ଥାନ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ବିହାର ଓ ଝାଡ଼ଖଣ୍ଡର ସର୍ବାଧିକ ପିଲା ଅନାଥ ହୋଇଯାଇଥିବାରୁ ପ୍ରଥମେ ଏହି ୧୦ ରାଜ୍ୟର କଥା ବିଚାର କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି।

## ରାଜ୍ୟକୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧।୬**

**ମହାମାରୀରେ କଏଦୀଙ୍କୁ ଜାମିନ**

ମହାମାରୀ ସମୟରେ ଜେଲରେ ଭିଡ଼ କମାଇବା ପାଇଁ କେତେଜଣ କଏଦୀଙ୍କୁ ଜାମିନ ଦିଆଯାଇଛି ସେନେଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ମଙ୍ଗଳବାର ସୁପ୍ରିମକୋର୍ଟ ବିସ୍ତୃତ ତଥ୍ୟ ମାଗିଛନ୍ତି। ଜେଲ୍‌ରେ କେତେ ବନ୍ଦୀ କୋଭିଡ୍ ସଂକ୍ରମିତ ହୋଇ ପ୍ରାଣ ହରାଇଛନ୍ତି ତାହାର ରିପୋର୍ଟ ମଧ୍ୟ ମାଗିଛନ୍ତି ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଅବକାଶ କାଳୀନ ଖଣ୍ଡପୀଠ।

ଦେଶରେ ସଂକ୍ରମଣ ବଢ଼ିଚାଲିଥିବାବେଳେ ଜେଲ୍‌କୁ ଭିଡ଼ମୁକ୍ତ କରିବା ପାଇଁ ବନ୍ଦୀମାନଙ୍କୁ ଅନ୍ତରୀଣ ଜାମିନ ଦେବା କିମ୍ବା ପାରୋଲରେ ଛାଡ଼ିବା ଲାଗି ସର୍ବୋଚ୍ଚ ଅଦାଲତ ଗତମାସରେ ନିର୍ଦ୍ଦେଶ ଦେଇଥିଲେ। ଗତବର୍ଷ ମହାମାରୀ ବେଳେ ଯେଉଁ କଏଦୀମାନଙ୍କୁ ଜାମିନ କିମ୍ବା ପାରୋଲ ମିଳିଥିଲା, ସେମାନଙ୍କୁ ତୁରନ୍ତ ମୁକ୍ତ କରାଯାଉ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମେ' ୭ରେ କହିଥିଲେ।

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୧୭,୧୯,୬୬୬ | ୩୫,୭୦,୫୫୮ | ୧୫,୪୧,୩୫,୬୮୭ |
| ଭାରତ | ୨,୮୩,୦୬,୨୭୪ | ୩,୩୫,୧୦୫ | ୨,୬୧,୬୯,୫୧୧ |
| ଓଡ଼ିଶା | ୭,୭୩,୭୩୨ | ୨୭୯୧(+୫୩) | ୬,୯୨,୦୨୨ |

ମଙ୍ଗଳବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ସମୁଦ୍ରରେ ଭାସିଯାଇ ୨ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତ୍ୟୁ

ଭୋଗରାଇ,୧।୬(ଡି.ଏନ.ଏ.): ପଶ୍ଚିମବଙ୍ଗ ହାଓଡ଼ା ଲିଲୁଆ ଥାନା ଅଧୀନ ଜଗଦୀଶପୁର ଅଞ୍ଚଳର ୪ ଯୁବକ ଓଲ୍ଡଦୀଘା ସମୁଦ୍ର କୂଳରେ ଗାଧୋଉଥିବା ବେଳେ ଜୁଆରରେ ଭାସିଯାଇ ୨ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଦୁଇ ପର୍ଯ୍ୟଟକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସ୍ଥାନୀୟ ନେଳିଆ ଭାସିଯାଉଥିବା ୪ ଯୁବକଙ୍କୁ ଉଦ୍ଧାର କରି କୂଳକୁ ଆଣି ଦୀଘା ଜେନେରାଲ ହସ୍‌ପିଟାଲକୁ ନେଇଥିଲେ। ଡାକ୍ତର ୨ଜଣଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମୃତ ଯୁବକଦ୍ୱୟ ହେଲେ ନୁରମହମ୍ମଦ ମିଦ୍ୟା (୪୯) ଓ ମୈଦୁଲ ନସ୍କର (୩୮)। ଅନ୍ୟ ଦୁଇ ପର୍ଯ୍ୟଟକ ସୁସ୍ଥ ହୋଇଥିବା ବେଳେ ମୃତଦେହକୁ କାନ୍ଥି ଦାଗୁହା ହସ୍‌ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଦୀଘା ମେରାଇନ୍ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### କୂଅରେ ଶ୍ୱାସରୁଦ୍ଧ ହୋଇ ୨ ମୃତ

ରାଇଘର, ୧।୬(ଡି.ଏନ୍.ଏ.) କୂଅ ସଫା କରିବାକୁ ଯାଇଥିଲେ। ତା' ଭିତରେ ଶ୍ୱାସରୁଦ୍ଧ ହୋଇ ଚାଲିଗଲା ୨ ଜୀବନ। ଏଥିରେ ଅନ୍ୟ ଜଣେ ଗୁରୁତର ଅଛନ୍ତି। ଘଟଣାଟି ଘଟିଛି ନବରଙ୍ଗପୁର ଜିଲା ରାଇଘର ବ୍ଲକ ହାଟଭରାଣ୍ଡି ପଞ୍ଚାୟତ ସୋନାରପାରା ଗ୍ରାମରେ। ମୃତକମାନେ ହେଲେ ହେମରାଜ ହାଲ୍‌ବା ଓ ଅନୁପ କେଉଟ। ଏହି ଘଟଣାରେ କୂଅ ମାଲିକ ରାଜୁ କେଉଟ ଗୁରୁତର ଅଛନ୍ତି। ସୂଚନା ଅନୁଯାୟୀ, ରାଜୁ କେଉଟଙ୍କ ସହ ହେମରାଜ ଓ ଅନୁପ ତାଙ୍କ କୂଅ ସଫା କରିବାକୁ ଯାଇଥିଲେ। କୂଅ ଭିତରେ ପାଣି କମ୍ ଥିବାବେଳେ ସେଠାରେ ସେମାନେ ୩ଜଣ ସଫେଇ କାମ ଆରମ୍ଭ କରିଥିଲେ। କିଛି ସମୟ ମଧ୍ୟରେ ସେମାନେ ଶ୍ୱାସରୁଦ୍ଧ ହୋଇ ଛଟପଟ ହୋଇଥିଲେ। କୂଅ ବାହାରେ ଥାଇ ଦେଖୁଥିବା ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ବିଫଳ ହୋଇଥିଲେ। ଏହାପରେ ଲୋକେ କୁନ୍ଦେଇ ପୋଲିସ ଓ ରାଇଘର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ହେମରାଜ ଓ ଅନୁପଙ୍କ ମୃତ୍ୟୁ ହୋଇ ସାରିଥିଲା। ରାଜୁଙ୍କୁ ଗୁରୁତର ଅବସ୍ଥାରେ ହାଟଭରାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ରାଜୁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି। ଖବରପାଇ କୁନ୍ଦେଇ ଥାନାଧିକାରୀ ଫକୀରମୋହନ ଖରା, ରାଇଘର ତହସିଲଦାର ଜଗୁ ପୂଜାରୀ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ।

# ଏଥର ସ୍ୱାଭାବିକ ମୌସୁମୀ

- ଜୁନ୍ ୧୧ ସୁଦ୍ଧା ଓଡ଼ିଶାକୁ ଛୁଇଁବ
- ୭ରେ ଲଘୁଚାପ ସମ୍ଭାବନା



ଭୁବନେଶ୍ୱର,୧।୬(ବ୍ୟୁରୋ)

ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ସ୍ୱାଭାବିକ ରହିବ। ଓଡ଼ିଶାରେ ସ୍ୱାଭାବିକ ବର୍ଷା ହେବ। ରାଜ୍ୟରେ ହାରାହାରି ବୃଷ୍ଟିପାତ ୧୧୫ରୁ ୧୨୦ ସେଣ୍ଟିମିଟର ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୩ ତାରିଖ ସୁଦ୍ଧା ମୌସୁମୀ କେରଳ ଛୁଇଁବ ବୋଲି ପୂର୍ବାନୁମାନ କରାଯାଇଛି। ଜୁନ୍ ୧୦ କିମ୍ବା ୧୧ ତାରିଖରେ ମୌସୁମୀ ଓଡ଼ିଶାକୁ ପ୍ରବେଶ କରିବା ସମ୍ଭାବନା ରହିଛି। ଜୁନ୍ ୭ କିମ୍ବା ୮ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏହା ମୌସୁମୀକୁ ଅଧିକ ସକ୍ରିୟ କରିବ ବୋଲି ଅନୁମାନ କରାଯାଇଛି। ଲଘୁଚାପ ପ୍ରଭାବରେ ମୌସୁମୀ ଆଗକୁ ବଢ଼ିବା ସହ ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ ଏବଂ ଗଞ୍ଜାମର କିଛି ଅଞ୍ଚଳରେ ପ୍ରବେଶ କରିବ। ଜୁନ୍ ମାସରେ ମୌସୁମୀ ବର୍ଷା ସ୍ୱାଭାବିକ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଜୁଲାଇ ଓ ଅଗଷ୍ଟ ମାସରେ ମୌସୁମୀ ବର୍ଷା କିଭଳି ରହିବ ସେ ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇ ନାହିଁ। ଗତ ବର୍ଷ ମୌସୁମୀ ରାଜ୍ୟକୁ ନିର୍ଦ୍ଧାରିତ ସମୟରେ ଆସିଥିଲେ ମଧ୍ୟ ଭଲ ବର୍ଷା ନ ଥିଲା। ଜୁନ୍ ମାସ ଶୁଖିଲା ପଡ଼ିଥିବା ବେଳେ ଜୁଲାଇ ମାସରେ ପ୍ରବଳ ବର୍ଷା ଯୋଗୁ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ମଙ୍ଗଳବାର ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ଦେଶରେ ୯୬ରୁ ୧୦୪ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ଦେଶର ଉତ୍ତର-ପଶ୍ଚିମ ଓ ଦକ୍ଷିଣ ଭାଗରେ ମୌସୁମୀ ସ୍ୱାଭାବିକ ରହିବ।

ତେବେ କେନ୍ଦ୍ରାଞ୍ଚଳ ମୁଖ୍ୟତଃ ମଧ୍ୟପ୍ରଦେଶ, ମହାରାଷ୍ଟ୍ରର କିଛି ଅଞ୍ଚଳରେ ଅଧିକ ବର୍ଷା ହୋଇପାରେ। ଏହାଛଡ଼ା ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଆସାମ, ଅରୁଣାଚଳପ୍ରଦେଶରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ କମ୍ ହୋଇପାରେ ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

ରାଜ୍ୟରେ ଗତ କିଛିଦିନ ହେବ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ବାୟୁ ମଣ୍ଡଳରେ ଆର୍ଦ୍ରତା ୮୦ ପ୍ରତିଶତରୁ ଅଧିକ ରହୁଛି। ଆସନ୍ତା ୩ ଦିନ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ଆକାଶ ମେଘାଚ୍ଛନ୍ନ ରହୁଥିବାରୁ ସର୍ବୋଚ୍ଚ ତାପମାତ୍ରା ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୪୦.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ ୪୦.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ଇନ୍ଦ୍ରମଣି ତ୍ରିପାଠୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ

**ଓଏଏସ୍ ସ୍ତରରେ ଅଦଳବଦଳ**



ଇନ୍ଦ୍ରମଣି ତ୍ରିପାଠୀ

ଭୁବନେଶ୍ୱର, ୧।୬(ବ୍ୟୁରୋ)

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଥିବା ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ତୁଷାରକାନ୍ତ ମହାନ୍ତିଙ୍କୁ ଲ୍ୟାଣ୍ଡ୍ ରେକର୍ଡସ ଆଣ୍ଡ୍ ସର୍ଭେର ନିର୍ଦ୍ଦେଶକ, ମନୋଜ କୁମାର ମହାନ୍ତିଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ, ବିଜୟ କୁମାର ଦାସଙ୍କୁ ଇଡ୍‌କୋ ସିଜିଏମ୍ (ଲ୍ୟାଣ୍ଡ) ଏବଂ ରତ୍ନାକର ସାହୁଙ୍କୁ ନବରଙ୍ଗପୁର ଏଡିଏମ୍ ଭାବେ ନିଯୁକ୍ତି ଦିଆଯାଇଛି। ସୂଚନାଯୋଗ୍ୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସୋମବାର ଅବସର ନେଇଥିଲେ। ଏହାପରେ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀଙ୍କୁ ପରବର୍ତ୍ତୀ ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଥିଲା। ଏହି କ୍ରମରେ ନିରଞ୍ଜନ ସେଠୀ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଥିଲେ।

# ୩ ବର୍ଷର ଶିଶୁପୁତ୍ରକୁ ହତ୍ୟା, ବାପା ଗୁରୁତର

**ମାନସିକ ବିକୃତ ଯୁବକଙ୍କ ଉନ୍ମତ୍ତକାଣ୍ଡ**

ପୋଲସରା,୧।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ଭାବରଡ଼ା ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମାନସିକ ବିକୃତ ଯୁବକଙ୍କ କାତି ଆକ୍ରମଣରେ ୩ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ବାପା ଗୁରୁତର ହୋଇଛନ୍ତି। ମୃତ ଶିଶୁପୁତ୍ର ହେଲେ ଉକ୍ତ ଗାଁର ବୁଲୁ ସାହୁଙ୍କ ପୁଅ ଆଦର୍ଶ। ଗୁରୁତର ବୁଲୁଙ୍କୁ ପ୍ରଥମେ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ବୁଲୁଙ୍କ ଭାଇ ପରମେଶ୍ୱରଙ୍କ ଏତଲା କ୍ରମେ ପୋଲସରା ଥାନାରେ ନଂ. ୧୭୫/୨୧ରେ ଏକ ମାମଲା ରୁଜୁ କରାଯାଇଛି। ହତ୍ୟାରେ ବ୍ୟବହୃତ କାତିକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ପୋଲିସ ହେପାଜତରେ ରଖିଛି।

ପ୍ରକାଶ ଯେ, ଆଦର୍ଶ ନିଜ ଘର ଆଗରେ ପିଲାମାନଙ୍କ ସହ ଖେଳୁଥିଲେ। ଏହି ସମୟରେ ସମ୍ପୃକ୍ତ ମାନସିକ ବିକାରଗ୍ରସ୍ତ ଯୁବକ ଜଣକ କାତିରେ ଆଦର୍ଶ ବେକକୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଆଦର୍ଶର ମୃତ୍ୟୁ ଘଟିଥିଲା। ଏହା ଦେଖି ବାପା ବୁଲୁ ସେଠାକୁ ଆସିବାରୁ ତାଙ୍କୁ ମଧ୍ୟ ସେ ଉକ୍ତ କାତିରେ ହାଣିବା ସହ ପଡ଼ୋଶୀ ହରିହର ସାହୁଙ୍କ ପରିବାରକୁ ମଧ୍ୟ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ହରିହରଙ୍କ ପରିବାର କବାଟ ବନ୍ଦ କରିଦେବାରୁ ସମ୍ପୃକ୍ତ ଯୁବକ ବାରିପଟେ ବନ୍ଧାଯାଇଥିବା ଗାଈକୁ ଆକ୍ରମଣ କରିଥିଲେ। ଏହି ଖବରପାଇ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ସଦଳବଳ ଭାବରଡ଼ା ଗାଁରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ ଯାଇ ମଧ୍ୟ ଯାଞ୍ଚ କରିଛି। ହତ୍ୟାକାରୀଙ୍କ ମା'ଙ୍କୁ ପଚାରିବାରୁ ପ୍ରାୟ ଦଶବର୍ଷ ହେବ ପୁଅ ମୁଣ୍ଡ ଖରାପ ଅଛି। ତାକୁ ଔଷଧ ଦିଆଯାଉଥିଲା ବୋଲି ସେ କହିଛନ୍ତି।



ପୁରୀ: ମଙ୍ଗଳବାର ଭୋଇସେବକମାନେ ଅଖକାଠକୁ ଲୁହା ଶଗଡ଼ରେ ରଥଖଳାକୁ ବୋହି ନେଉଛନ୍ତି।

# ତୃତୀୟ ଲହର ପାଇଁ ପ୍ରସ୍ତୁତ ରୁହ: ମୁଖ୍ୟମନ୍ତ୍ରୀ

**କୋଭିଡ୍ ସମୀକ୍ଷା**

- ସ୍ୱାମୀଙ୍କୁ ହରାଇଥିବା ମହିଳା, ମା' ବାପା ହରାଇଥିବା ପିଲାଙ୍କୁ ପେନ୍‌ସନ
- ହିତାଧିକାରୀଙ୍କୁ ଆଗୁଆ ୩ ମାସର ଭତ୍ତା ମିଳିବ
- ପିଲାମାନଙ୍କ ଯତ୍ନ ଉପରେ ସ୍ୱତନ୍ତ୍ର ଫୋକସ୍
- ବ୍ଲାକ୍ ଫଙ୍ଗସ୍‌ର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ



ନବୀନ ପଟ୍ଟନାୟକ

ଭୁବନେଶ୍ୱର,୧।୬(ବ୍ୟୁରୋ)

ଆଗାମୀ ସପ୍ତାହ ମଧ୍ୟରେ ରାଜ୍ୟରେ କୋଭିଡ୍ ଦ୍ୱିତୀୟ ଲହରର ରୋଗୀଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି। ଅଭିଜ୍ଞତାକୁ ଉପଯୋଗ କରି ଆମକୁ ତୃତୀୟ ଲହର ପାଇଁ ପ୍ରସ୍ତୁତ ରହିବାକୁ ହେବ। ପ୍ରତ୍ୟେକ ଜିଲାରେ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ସ୍ୱତନ୍ତ୍ର ଫୋକସ୍ ରଖି ବ୍ୟବସ୍ଥା କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କୋଭିଡ୍‌ରେ ସ୍ୱାମୀଙ୍କୁ ହରାଇଥିବା ମହିଳା ଏବଂ ମା'ବାପାଙ୍କୁ ହରାଇଥିବା ପିଲାମାନଙ୍କୁ ପ୍ରାଥମିକତାଭିତ୍ତିରେ ଚିହ୍ନଟ କରାଯିବ। ଆଗାମୀ ୨ ସପ୍ତାହ ମଧ୍ୟରେ ମଧୁବାବୁ ପେନ୍‌ସନ ଯୋଜନାରେ ସେମାନଙ୍କୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମସ୍ତ ସାମାଜିକ ନିରାପତ୍ତା ଯୋଜନାର ହିତାଧିକାରୀମାନଙ୍କୁ ଆଗୁଆ ୩ ମାସର ପେନ୍‌ସନ ନଗଦ ଆକାରରେ ହିତାଧିକାରୀଙ୍କ ଗାଁରେ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟରେ କୋଭିଡ୍ ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଦେଶର ବିଭିନ୍ନ ରାଜ୍ୟରେ ବର୍ତ୍ତମାନ ବ୍ଲାକ୍ ଫଙ୍ଗସ୍ ରୋଗୀ ବହୁ ସଂଖ୍ୟାରେ ବାହାରୁଥିବାରୁ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ରାଜ୍ୟରେ ଏହାର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଲିମପ୍ରାପ୍ତ ଡାକ୍ତର ଓ ଔଷଧ ମହଜୁଦ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟର ମେଡିକାଲ କଲେଜ ସମେତ ସବୁ ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ଓ ନନ୍-କୋଭିଡ୍ ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କୁ ଚିହ୍ନଟ କରି ଅଲଗା ଅଲଗା ୱାର୍ଡରେ ସେମାନଙ୍କୁ ଚିକିତ୍ସା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଗ୍ରାମାଞ୍ଚଳରେ ସଂକ୍ରମଣ ରୋକିବା ପାଇଁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି। କୋଭିଡ୍ ପରୀକ୍ଷାକୁ ଆହୁରି ଜୋରଦାର କରାଯିବ ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି ଯେ ରାଜ୍ୟର ଦକ୍ଷିଣ ଓ ପଶ୍ଚିମ ଭାଗରେ ପଜିଟିଭି ହାର ହ୍ରାସ ପାଇଥିବାବେଳେ ଉପକୂଳବର୍ତ୍ତୀ ୧୧ ଜିଲାରୁ ରାଜ୍ୟର ମୋଟ ପଜିଟିଭ ସଂଖ୍ୟାର ୬୩ ପ୍ରତିଶତ ରହୁଛି। ତେଣୁ ଉପକୂଳ ଓଡ଼ିଶାରେ ଅଧିକ ଟେଷ୍ଟିଂ ଉପରେ ଜୋର ଦିଆଯିବ। ପୋଲିସ ମହାନିର୍ଦ୍ଦେଶକ ଅଭୟ ଓ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଏମ୍. ଅକ୍ଷୟ ସେମାନଙ୍କ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ।

# ଚିଲିକାରେ ୧୦୬ ପ୍ରଜାତିର ୪୮,୭୨୮ ପକ୍ଷୀ



**୫ ବର୍ଷରେ ଗ୍ରୀଷ୍ମକାଳୀନ ପକ୍ଷୀସାରଣୀ**

| ମସିହା | ମୋଟ୍ ପକ୍ଷୀ ସଂଖ୍ୟା | ପ୍ରଜାତି | ସ୍ଥାନୀୟ | ବିଦେଶାଗତ |
|---|---|---|---|---|
| ୨୦୧୭ | ୪୧୫୬୯ | ୧୧୩ | ୧୦୩୭୪ | ୩୧୧୯୫ |
| ୨୦୧୮ | ୫୦୫୪୧ | ୯୭ | ୭୪୯୮ | ୪୩୦୪୩ |
| ୨୦୧୯ | ୩୮୨୭୧ | ୧୦୬ | ୯୩୩୯ | ୨୮୯୩୨ |
| ୨୦୨୦ | ୪୪୩୪୬ | ୯୮ | ୧୨୪୫୫ | ୩୧୮୯୧ |
| ୨୦୨୧ | ୪୮୭୨୮ | ୧୦୬ | ୧୦୯୭୨ | ୩୭୭୫୬ |

ବାଲୁଗାଁ,୧।୬(ଡି.ଏନ୍.ଏ.)

ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ନୀଳାମ୍ବୁ ଚିଲିକାରେ ଏବେ ୧୦୬ ପ୍ରଜାତିର ୪୮ହଜାର ୭୨୮ଟି ପକ୍ଷୀ ଅବସ୍ଥାନ କରିଛନ୍ତି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କରାଯାଇଥିବା ଗ୍ରୀଷ୍ମକାଳୀନ ପକ୍ଷୀଗଣନା ରିପୋର୍ଟରୁ ଜଣାପଡ଼ିଛି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଛି।

ପ୍ରକାଶ ଯେ, ପ୍ରତିବର୍ଷ ପରି ଚଳିତ ବର୍ଷ ବାଲୁଗାଁ ବନ୍ୟପ୍ରାଣୀ ଡିଭିଜନ ଅଧୀନ ୫ଟି ରେଞ୍ଜ ଅଞ୍ଚଳରେ ଏହି ଗ୍ରୀଷ୍ମକାଳୀନ ପକ୍ଷୀଗଣନା ଗତ ୨୫ ତାରିଖରେ ଆରମ୍ଭ ହୋଇଥିଲା। ବାଲୁଗାଁ, ଟାଙ୍ଗୀ, ସାତପଡ଼ା, ଚିଲିକା ଓ ରମ୍ଭା ରେଞ୍ଜର ସମସ୍ତ କର୍ମଚାରୀ ଏହି ଗଣନା କାର୍ଯ୍ୟରେ ସାମିଲ୍ ହୋଇଥିଲେ। ଗଣନାର ୬ଦିନ ପରେ ଅର୍ଥାତ୍ ମଙ୍ଗଳବାର ବିଭାଗ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସମଗ୍ର ଚିଲିକାରେ ୧୦୬ ପ୍ରଜାତିର ୪୮ହଜାର ୭୨୮ଟି ପକ୍ଷୀଙ୍କ ସମାଗମ ହୋଇଛି। ସେଥିରୁ ବିଦେଶାଗତ ୩୭,୭୫୬ ଥିବା ବେଳେ ସ୍ଥାନୀୟ ୧୦,୯୭୨ଟି ପକ୍ଷୀ ରହିଛନ୍ତି। ସର୍ବାଧିକ ସଂଖ୍ୟାରେ ଲିଟିଲ କମୋରାଣ୍ଟ ୪୭୬୨, ଏସିଆନ୍ ଓପୋନ୍ ବିଲ୍ ଷ୍ଟର୍କ(ଗେଣ୍ଡାଳିଆ) ୪୬୮୧ ବିଦେଶାଗତ ପକ୍ଷୀ ଥିବା ବେଳେ ସ୍ଥାନୀୟ ପାଣିକୁଆ ପ୍ରଜାତିର ଲିଟିଲ ଇଗ୍ରେଟ ୪୨୨୦, କାଫଟେଲ ଇଗ୍ରେଟ୍ ୩୧୦୩ ଏବଂ ହାଉସ୍ କ୍ରୋ ୨୮୬୩ଟି ଦୃଷ୍ଟିଗୋଚର ହୋଇଛି। ୫ଟି ରେଞ୍ଜ ମଧ୍ୟରୁ ବାଲୁଗାଁ ରେଞ୍ଜ ତଥା ନଳବଣ ଅଞ୍ଚଳରେ ୧୫୯୦୮, ଟାଙ୍ଗୀ ରେଞ୍ଜ ତଥା ଭୂଷଣ୍ଡପୁର ଓ ମଙ୍ଗଳାଯୋଡି ଚିଲିକା ଅଞ୍ଚଳରେ ୧୫୨୦୦, ଚିଲିକା ରେଞ୍ଜ ତଥା ନୂଆପଡ଼ା ଓ କୃଷ୍ଣପ୍ରସାଦ ଅଞ୍ଚଳରେ ୧୧୪୯୬, ସାତପଡ଼ା ରେଞ୍ଜରେ ୪୦୮୨ ଏବଂ ରମ୍ଭା ରେଞ୍ଜରେ ସର୍ବନିମ୍ନ ୨୦୪୨ଟି ପକ୍ଷୀଙ୍କ ସମାଗମ ହୋଇଥିବା ଗଣନାରୁ ଜଣାପଡ଼ିଛି। ତେବେ ଚିଲିକାକୁ ଆକର୍ଷଣୀୟ କରୁଥିବା ଫ୍ଲେମିଙ୍ଗୋ ୬୦ଟି ଏବଂ ପେଲିକାନ୍ ୧୫୦ଟି ଦୃଷ୍ଟିଗୋଚର ହୋଇଛନ୍ତି। ପକ୍ଷୀ ଅଭୟାରଣ୍ୟ ନଳବଣରେ କେବଳ ୬୦ ପ୍ରଜାତିର ୭୫୧୬ଟି ବିଦେଶୀ ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ୨୫ତାରିଖ ଭୋର ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କର୍ମଚାରୀମାନେ ଏହି ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ। ଏଥିପାଇଁ ପ୍ରତ୍ୟେକ ଗ୍ରୁପକୁ ଗୋଟିଏ ଲେଖାଏ ଡଙ୍ଗା, ବାଇନାକୁଲାର, ୱାକିଟକି, ଜିପିଏସ୍ ଆଦି ଯନ୍ତ୍ରାଂଶ ଯୋଗାଇ ଦିଆଯାଇଥିଲା। ଶୀତଦିନେ ସୁଦୂର ବରଫାବୃତ ରାଷ୍ଟ୍ରାଞ୍ଚଳରେ ହିମ ବୃଷ୍ଟି ଯୋଗୁ ଅସହ୍ୟ ଶୀତରୁ ରକ୍ଷା ପାଇବା ଏବଂ ଉପଯୁକ୍ତ ଖାଦ୍ୟ, ବାସସ୍ଥାନ ଅନ୍ୱେଷଣରେ ପକ୍ଷୀମାନେ ହଜାର ହଜାର ମାଇଲ୍ ଦୂର ଅତିକ୍ରମ କରି ଚିଲିକାରେ ଆସି ଅବସ୍ଥାନ କରିଥାଆନ୍ତି। ବର୍ଷାଦିନେ ଜନ୍ମନେଇଥିବା ଛୋଟ ଛୋଟ ମାଛ ଏବଂ ତୃଣ ଜାତୀୟ ଉଦ୍ଭିଦ ଏମାନଙ୍କର ମୁଖ୍ୟ ଆହାର ପାଲଟିଥାଏ। ମାର୍ଚ୍ଚ ପହିଲାକୁ ଗ୍ରୀଷ୍ମ ଛୁଇଁବା ମାତ୍ରେ ଏହି ପକ୍ଷୀମାନେ ପୁନର୍ବାର ନିଜ ଭିଟାମାଟିକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି। ତେବେ କେତେକ ପ୍ରଜାତିର ପକ୍ଷୀ ସ୍ୱବାସସ୍ଥାନକୁ ନ ଫେରି ଚିଲିକାକୁ ଆଦରି ଏଠାରେ ରହିଥାଆନ୍ତି। ପ୍ରତିବର୍ଷ ମେ' ମାସରେ ଏହି ପକ୍ଷୀଙ୍କ ପ୍ରଜାତି ଓ ସଂଖ୍ୟା ନିର୍ଦ୍ଧାରଣ ପାଇଁ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଗଣନା କରାଯାଇଥାଏ।

# ମୃତ୍ୟୁରେ ସର୍ବାଧିକ ରେକର୍ଡ

**ଦିନକରେ ୩୭ ମୃତ**

- ଆଉ ୮, ୭୩୫ ଆକ୍ରାନ୍ତ ଚିହ୍ନଟ
- ସୁପର ସ୍ପ୍ରେଡରଙ୍କ ଯୋଗୁ ସଂକ୍ରମଣ ବଢୁଛି



ଭୁବନେଶ୍ୱର, ୧।୬(ବ୍ୟୁରୋ)

କରୋନାର ଦ୍ୱିତୀୟ ଲହର ସାରା ଦେଶରେ ମୃତ୍ୟୁର ତାଣ୍ଡବ ରଚୁଛି। ଓଡ଼ିଶା ମଧ୍ୟ ଏହାର ପ୍ରଭାବରୁ ବାଦ୍ ଯାଇନାହିଁ। ଓଡ଼ିଶାରେ ସଂକ୍ରମଣ ଯଦିଓ ହ୍ରାସ ପାଉଛି, ମାତ୍ର ମୃତ୍ୟୁସଂଖ୍ୟା କମିବାର ନାଁ ନେଉନାହିଁ। ମୃତ୍ୟୁ ସଂଖ୍ୟା ରେକର୍ଡ କରିଚାଲିଛି। ମେ' ମାସରେ ୭୨୨ଜଣଙ୍କ ଜୀବନ ନେଇଥିବା କରୋନା ଜୁନ୍ ପହିଲାରେ ଆଉ ଏକ ରେକର୍ଡ କରିଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ସର୍ବାଧିକ ୩୭ଜଣଙ୍କ ମୃତ୍ୟୁ ଘଟିଛି। ସେପଟେ ରାଜ୍ୟରେ ମୃତ୍ୟୁସଂଖ୍ୟା ବଢ଼ିବାର କାରଣ କ'ଣ ସେ ନେଇ ଡିଏମ୍‌ଇଟି ସି.ବି.କେ. ମହାନ୍ତି ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ୧୫ ଦିନ ଆଗରୁ ଅନେକ ଲୋକ ଗୁରୁତର ଥିଲେ। ତେଣୁ ଏବେ ମୃତ୍ୟୁ ସଂଖ୍ୟା ବଢୁଛି। କିନ୍ତୁ ମୃତ୍ୟୁହାର କ୍ଷେତ୍ରରେ ଆମେ ଭଲ ସ୍ଥିତିରେ ରହିଛୁ ବୋଲି ଡିଏମ୍‌ଇଟି ପ୍ରକାଶ କରିଛନ୍ତି। ରାଜ୍ୟରେ ଗତ ୨୪ଘଣ୍ଟାରେ ମୃତ୍ୟୁ ଘଟିଥିବା ୩୭ଜଣଙ୍କ ମଧ୍ୟରେ ଅନୁଗୋଳରୁ ସର୍ବାଧିକ ୫ଜଣ ଥିବାବେଳେ କଟକ ଓ କଳାହାଣ୍ଡିରୁ ୪ଜଣ ଲେଖାଏ ରହିଛନ୍ତି। ସେହିପରି ଖୋର୍ଦ୍ଧା, ଝାରସୁଗୁଡ଼ା, ନବରଙ୍ଗପୁର, ସୁନ୍ଦରଗଡ଼ରୁ ୩ଜଣ ଲେଖାଏ, କେନ୍ଦ୍ରାପଡ଼ା, ନୂଆପଡ଼ା, ରାୟଗଡ଼ା, ସୁବର୍ଣ୍ଣପୁରରୁ ୨ଜଣ ଲେଖାଏ ଏବଂ କୋରାପୁଟ, ଗଞ୍ଜାମ, ଗଜପତି ଓ ବଲାଙ୍ଗୀରରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୨,୭୯୧କୁ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ରାଜ୍ୟରେ ଦିନକରେ ଆଉ ୮,୭୩୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୨୨୨ଜଣ ରହିଛନ୍ତି। ସେହିପରି କଟକରୁ ୬୭୩, ବାଲେଶ୍ୱର ୫୬୬, ଯାଜପୁର ୫୦୭, ଢେଙ୍କାନାଳ ୫୦୩, ପୁରୀ ୪୬୭, ଅନୁଗୋଳ ୪୫୬, କେନ୍ଦ୍ରାପଡ଼ା ୩୮୭, ଜଗତ୍‌ସିଂହପୁର ୩୮୨, ମୟୂରଭଞ୍ଜରୁ ୩୪୨ ଜଣ ରହିଛନ୍ତି। ବାକି ସବୁ ଜିଲାରେ ସଂକ୍ରମଣ ୨ଶହ ତଳକୁ ରହିଛି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୭,୭୩,୭୩୨ରେ ପହଞ୍ଚିଛି। ରାଜ୍ୟରେ ସୁପର ସ୍ପ୍ରେଡରଙ୍କ ଯୋଗୁ ସଂକ୍ରମଣ ବଢୁଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ନିରୋଜ ମିଶ୍ର କହିଛନ୍ତି। କରୋନା ସଂକ୍ରମଣ ନେଇ ପ୍ରତିକ୍ରିୟା ରଖି ସେ କହିଛନ୍ତି, ଏବେ ଯେତିକି ମୃତ୍ୟୁସଂଖ୍ୟା ବାହାରିଛି ତାହା ଦୁଇ ସପ୍ତାହ ତଳର। ଯେତେବେଳେ ନିୟମିତ ୧୧ ହଜାର ସଂକ୍ରମିତ ବାହାରୁଥିଲେ ସେତେବେଳେ ଏହି ରୋଗୀ ଚିହ୍ନଟ ହୋଇ ଗୁରୁତର ହୋଇଥିଲେ। ତେବେ ସୁପର ସ୍ପ୍ରେଡର କାର୍ଯ୍ୟକଳାପ ଯୋଗୁ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଛି। ବିଶେଷକରି ଗାଁରେ ହେଉଥିବା ଭୋଜିଭାତ ପାଇଁ ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଶିକ୍ଷିତମାନେ ନିୟମ ମାନୁ ନ ଥିବାରୁ ସଂକ୍ରମଣ ବଢ଼ିଚାଲିଛି।

**୨ ଆଇଏଏସ୍ ଅଫିସରଙ୍କ ବଦଳି** ଭୁବନେଶ୍ୱର,୧୬(ବ୍ୟୁରୋ): ଆଇଏଏସ୍ ଅଫିସର ସ୍ତରରେ ଅଦଳ ବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଲ୍ୟାଣ୍ଡ ରେକର୍ଡ୍ସ ଆଣ୍ଡ ସର୍ଭେର ନିର୍ଦ୍ଦେଶକ ଶଶଧର ନାୟକଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସଚିବ ଭାବେ ବଦଳି କରାଯାଇଥିବାବେଳେ ଶିଳ୍ପ ବିଭାଗର ଅତିରିକ୍ତ ସଚିବ ତଥା ଇଡ୍‌କୋର ସିଜିଏମ୍(ଲ୍ୟାଣ୍ଡ) ସୁଶାନ୍ତ ମହାନ୍ତିଙ୍କୁ ଡାଇରେକ୍ଟର ଇଷ୍ଟେଟ୍ ଭାବେ ବଦଳି କରାଯାଇଛି।

**ଆଜିର ମନ୍ତବ୍ୟ**

"ବ୍ଲାକ ଫଙ୍ଗସ୍ ଔଷଧ ଅଭାବ ପାଇଁ କ'ଣ ପଦକ୍ଷେପ ନିଆଯାଉଛି ତାହା କେନ୍ଦ୍ର ସରକାର ସ୍ପଷ୍ଟ କରନ୍ତୁ।
–ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................


ସୂର୍ଯ୍ୟକାନ୍ତ
ପରିବାରବର୍ଗ


ଶୁଭମ୍
ପରିବାରବର୍ଗ


ଦିବ୍ୟାଂସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କର: କଂଗ୍ରେସ

**ପିସିସି 'ୟାସ୍' ଟାସ୍କଫୋର୍ସ କମିଟିର ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ**

ଭୁବନେଶ୍ୱର,୧୬(ବ୍ୟୁରୋ)

ବାତ୍ୟା 'ୟାସ୍'ର ପ୍ରାକ୍ ପ୍ରସ୍ତୁତିରେ ବ୍ୟାପକ ଅବହେଳା ଯୋଗୁ ଲକ୍ଷ ଲକ୍ଷ ଲୋକ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଉଭୟ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଆକାଶମାର୍ଗରୁ ୟାସ୍ କ୍ଷତିଗ୍ରସ୍ତ ଜିଲା ପରିଦର୍ଶନ କରିଥିଲେ ବି କ୍ଷତିଗ୍ରସ୍ତ ଲୋକଙ୍କ ନିକଟରେ ସରକାରୀ ସୁବିଧା ପହଞ୍ଚି ନ ପାରିବା ଅତ୍ୟନ୍ତ ଦୁଃଖଦାୟକ ଘଟଣା ବୋଲି ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି କହିଛନ୍ତି।

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ନେତୃତ୍ୱରେ ପିସିସି 'ୟାସ୍' ଟାସ୍କଫୋର୍ସ କମିଟି ଭଦ୍ରକ, ବାଲେଶ୍ୱର ଜିଲାର ୟାସ୍ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିଥିଲା। ମଙ୍ଗଳବାର ପିସିସି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି ଯେ ସରକାରୀ କର୍ମଚାରୀମାନେ ଶାସକ ଦଳର କର୍ମୀ ଓ ଜନପ୍ରତିନିଧିଙ୍କ ହାତବାରିସି ସାଜି ରିଲିଫ ସାମଗ୍ରୀ ଦଳୀୟ ପ୍ରିୟାପ୍ରୀତି ଆଧାରରେ ବଣ୍ଟନ କରିବା ଅତ୍ୟନ୍ତ ଦୁଃଖଦାୟକ। ୨ ଜିଲାର ହଜାର ହଜାର ହେକ୍ଟର ଜମିରେ ଲୁଣାପାଣି ପଶି ସମ୍ପୂର୍ଣ୍ଣ ନଷ୍ଟ କରିଥିବା ବେଳେ ରାଜ୍ୟ ସରକାର ମାତ୍ର ୧୫୧ ହେକ୍ଟର ଚାଷଜମି ଲୁଣାପାଣିରେ କ୍ଷତିଗ୍ରସ୍ତ ହୋଇଥିବା କେନ୍ଦ୍ରକୁ ତଥ୍ୟ ପ୍ରଦାନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମାଝି କହିଛନ୍ତି। ପ୍ରାୟ ୫୦୦ରୁ ୭୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଧାନ, ପନିପରିବା ଓ ପାନଚାଷୀଙ୍କର ପ୍ରାୟ୧୦୦ କୋଟି ଟଙ୍କା କ୍ଷତି ହୋଇଥିବା ଟାସ୍କଫୋର୍ସ କମିଟି ଆକଳନ କରିଛି। ରାଜ୍ୟ ସରକାର ତୁରନ୍ତ ଏକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁସେ ଦାବିକରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଓଡ଼ିଆ ଝିଅ ଦେଲେ ୬୮,୫୦୦ ଡଲାର

ଭୁବନେଶ୍ୱର,୧୬(ବ୍ୟୁରୋ)

ଓଡ଼ିଆ ଝିଅ ଜୟଶ୍ରୀ ମହାନ୍ତିଙ୍କ ଦ୍ୱାରା ଆମେରିକାରେ ସ୍ଥାପିତ ଆମ ବିଶ୍ୱାସ (ଆୱାର ବିଶ୍ୱାସ) ସଂସ୍ଥା ରାଜ୍ୟର କୋଭିଡ୍ ପରିଚାଳନାରେ ନିଜର ସହଯୋଗ ସ୍ୱରୂପ ୬୮,୫୦୦ ଡଲାର ଅନ୍‌ଲାଇନ୍ ଟ୍ରାନ୍ସଫର ମାଧ୍ୟମରେ ଦାନ କରିଛନ୍ତି। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ଏହି ସୂଚନା ଦେଇଛନ୍ତି। ଦାନ ପଠାଇ ମହାନ୍ତି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା କୋଭିଡ୍ ପରିଚାଳନାରେ ଅନେକ ଉତ୍ତମ ଉଦାହରଣ ସୃଷ୍ଟି କରିଛି। ସମୟୋଚିତ ପଦକ୍ଷେପ ଯୋଗୁ ରାଜ୍ୟରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣାଧୀନ ଅଛି। ଆଗାମୀ ଦିନରେ ଓଡ଼ିଶା କୋଭିଡ୍ ସଂଗ୍ରାମରେ ନିଶ୍ଚୟ ବିଜୟୀ ହେବ।

# ୨ ମାଓବାଦୀ ନିହତ

ମାଲକାନଗିରି,୧୬ (ଡି.ଏନ୍.ଏ.)

ମାଲକାନଗିରି ସୀମାନ୍ତ ଅନ୍ଧ୍ରନ-କୁଆମାରୀ ଜଙ୍ଗଲରେ ମାଓବାଦୀଙ୍କ ଏକ ଶିବିର ଚାଲିଥିବା ଖବର ପାଇ ଏସ୍‌ପି ସିଦ୍ଧାର୍ଥ ତିୱାରୀଙ୍କ ନେତୃତ୍ୱରେ ଡିଆର୍‌ଜି ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇଥିଲା। କେସ୍‌କାଲ ଅଞ୍ଚଳରୁ ୪୦ ଜଣ ଯବାନ ଏଥିରେ ସାମିଲ ହୋଇଥିଲେ। ପୋଲିସ ପହଞ୍ଚିଥିବା ଜାଣିବା ପରେ ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ପରେ ପୋଲିସ ପକ୍ଷରୁ ଗୁଳିଚାଳନା କରାଯାଇଥିଲା। ପ୍ରାୟ ୪ଘଣ୍ଟା ଧରି ଏହି ଗୁଳି ବିନିମୟ ହେବା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ତଲାସୀ ବେଳେ ଜଣେ ମହିଳା ଓ ଜଣେ ପୁରୁଷ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ପୋଲିସ ମୃତଦେହ ଜବତ କରିଛି। ଏମାନେ ଦଣ୍ଡକାରଣ୍ୟ ମାଓବାଦୀ ଡିଭିଜନର ସଦସ୍ୟ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଘଟଣାସ୍ଥଳରୁ ୪ଟି ଅତ୍ୟାଧୁନିକ ବନ୍ଧୁକ, ବିସ୍ଫୋରକ ସହ ମାଓବାଦୀଙ୍କ ବ୍ୟବହୃତ ସାମଗ୍ରୀକୁ ପୋଲିସ ଜବତ କରିଛି।



## ଗୁଣପୁର ଜେଲର ୭୦ ଅନ୍ତେବାସୀ, ୫ କର୍ମଚାରୀଙ୍କୁ କରୋନା

ଗୁଣପୁର,୧୬(ଡି.ଏନ୍.ଏ)

ରାୟଗଡା ଜିଲା ଗୁଣପୁର ଜେଲ ତଥା ଉପ କାରାଗାରର ୭୦ ଅନ୍ତେବାସୀଙ୍କ ସମେତ ୫ ଜଣ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ କାମାକ୍ଷୀ ପ୍ରସାଦ ପତି ମଙ୍ଗଳବାର ସୂଚନା ଦେଇଛନ୍ତି। ଜେଲର ୧୧୩ ଅନ୍ତେବାସୀଙ୍କ ମଧ୍ୟରୁ ୭୦ ଜଣ ଓ ୧୪ କର୍ମଚାରୀଙ୍କ ମଧ୍ୟରୁ ୫ ଜଣ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ସମସ୍ତ ଅନ୍ତେବାସୀଙ୍କୁ ସଙ୍ଗରୋଧରେ ରଖାଯାଇଛି ବୋଲି ଜେଲ ସୁପରିଣ୍ଟେଣ୍ଡେଣ୍ଟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

**classifieds Everyday** 0674-2580101, 2549302


MATRIMONIAL

**GROOM WANTED**

Bride 37+ wanted for Brahmin boy 41, 5'4", Business Consultant (Mumbai), B.Com., MBA, Contact: 8763301611. D-70454

Manager ପଦବୀରେ କାର୍ଯ୍ୟରତ ଗୋଟିଏ କନ୍ୟା ଥିବା 45 ବୟସ୍କା କରଣ ବିଧବା ଚାକିରିଆ ଝିଅଙ୍କୁ ବରପାତ୍ର ଦରକାର। 7681044808. D-67595


real estate

**SALE**

Bhubaneswar Sum Hospitalରୁ 4 k.m. ଦୂରତାରେ boundary plot ମିଳୁଛି। Owner-9090963952. D-70849

Ready to move 2BHK flat(1st floor), 1150sqft. Near Mount Litera Zee School, Kateni, Bhubaneswar. Immediate for sale. Contact- 9937162220. Price - 30Lakhs**. D-20819

Residential Plots at Nakhara (Anantapur) Dadhichi, Madanpur (Opp.) GEC, Sundarpada (Balabhadrapur), Rangabazar, Pahala. 7978209813. D-70848

**LEASE**

Lease rent for 10000 sft. besides NH Nakhara to Adasapur road. 8249851363, 8118078023. D-70455

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


healthcare

Monalisa massage club : All types body massage with hiprofile smart lady rooms service available 9708545108. D-20823


business

Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20820

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

## ପ୍ରଥମ ପୃଷ୍ଠାରୁ...

### ଟିକା ଗ୍ଲୋବାଲ...

ଏଣିକି ବିଡରମାନେ ଡିସିଜିଆଇର ପ୍ରାକ୍ ଅନୁମୋଦନ ବିନା ଆବଶ୍ୟକ କାଗଜପତ୍ର ସହିତ ଟେଣ୍ଡରରେ ସିଧାସଳଖ ଅଂଶଗ୍ରହଣ କରିପାରିବେ। ତେବେ ଆବେଦନ ପାଇଁ ଟିକା ଉତ୍ପାଦନ କମ୍ପାନୀ ଯୁକ୍ତରାଷ୍ଟ୍ର ଆମେରିକାର ଖାଦ୍ୟ ଓ ଔଷଧ ପ୍ରଶାସନ(ୟୁଏସ୍‌ଏଫ୍‌ଡିଏ) କିମ୍ବା ୟୁରୋପିଆନ ମେଡିସିନ ଏଜେନ୍ସି(ଇଏମ୍ଏ) ବା ବ୍ରିଟେନର ମେଡିସିନ୍ସ ଆଣ୍ଡ ହେଲ୍‌ଥକେୟାର ପ୍ରଡକ୍ଟସ ରେଗୁଲେଟୋରି ଏଜେନ୍ସି(ଏମ୍‌ଏଚ୍‌ଆର୍‌ଏ) କିମ୍ବା ଜାପାନର ଫାର୍ମାସ୍ୟୁଟିକାଲ୍ସ ଆଣ୍ଡ ମେଡିକାଲ ଡିଭାଇସେସ ଏଜେନ୍ସି(ପିଏମ୍‌ଡିଏ) କିମ୍ବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ତାଲିକାଭୁକ୍ତ ହୋଇଥିବାର କାଗଜପତ୍ର ଦାଖଲ କରିବା ଆବଶ୍ୟକ। ଏଥିସହିତ ଟେଣ୍ଡରରେ ଯୋଗ୍ୟତା ଅର୍ଜନ କରିଥିବା କମ୍ପାନୀ ଡିସିଜିଆଇ ଅନୁମୋଦନ ଆଣିବା ପରେ ତାକୁ ପର୍ଚେଜ ଅର୍ଡର ଦିଆଯିବ ବୋଲି ସଂଶୋଧିତ ନିର୍ଦ୍ଦେଶାବଳୀରେ କୁହାଯାଇଛି।

ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ସ୍ୱଦେଶୀ ଟିକା କମ୍ପାନୀ ସିରମ୍ ଇନ୍‌ଷ୍ଟିଚ୍ୟୁଟ ଏବଂ ଭାରତ ବାୟୋଟେକ ରାଜ୍ୟ ସରକାର ଡାକିଥିବା ପ୍ରି ଟେଣ୍ଡର ବିଡିଂରେ ଅଂଶଗ୍ରହଣ କରି ନାହାନ୍ତି। ସେମାନଙ୍କ ଉପରେ ଟିକା ଉତ୍ପାଦନ ପାଇଁ ପ୍ରବଳ ଚାପ ପଡୁଥିବାରୁ ଟେଣ୍ଡରରେ ଭାଗ ନେଇ ନ ଥିବା ଜଣାପଡ଼ିଛି। ଏଭଳିସ୍ଥିତିରେ ଟେଣ୍ଡର ପ୍ରକ୍ରିୟା ସଫଳ ହେଉ ନ ଥିବାରୁ ରାଜ୍ୟ ସରକାର ଟିକା ଯୋଗାଇବା ପାଇଁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏପରିକି କେନ୍ଦ୍ର ସରକାରଙ୍କ ମାଧ୍ୟମରେ ଟିକା ଯୋଗାଗଲେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଟିକାର ଖର୍ଚ୍ଚ ବହନ କରିବେ ବୋଲି ଜଣାଇଛନ୍ତି। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ମଙ୍ଗଳବାର ଚିଠି ଲେଖିଛନ୍ତି।

ନବ ଚିଠରେ ଉଲ୍ଲେଖ କରିଛନ୍ତି ଯେ, ଦେଶରେ କରୋନା ସଂକ୍ରମଣ ହାର ହ୍ରାସ ପାଇବାରେ ଲାଗିଛି। ବିଶ୍ୱର ଅନେକ ଦେଶ ବହୁମୁଖୀ ସଂକ୍ରମଣର ସମ୍ମୁଖୀନ ହେଉଛନ୍ତି। ସମ୍ଭାବ୍ୟ ତୃତୀୟ ଲହର ପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ। ଟିକାକରଣ ଏହି ମହାମାରୀ କବଳରୁ ଲୋକଙ୍କୁ ରକ୍ଷା କରିବାର ଏକମାତ୍ର ବାଟ। ଯଥା ସମ୍ଭବ ଟିକାକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ। ଟିକାକରଣ ଆରମ୍ଭରୁ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇଛି। ରାଜ୍ୟରେ ୬୧,୦୬,୪୧୫ ଲୋକଙ୍କୁ ଗୋଟିଏ ଲେଖାଏ ଟିକାକରଣ କରାଯାଇଛି। ଗତ ଏପ୍ରିଲ ଠାରୁ ରାଜ୍ୟରେ ଦୈନିକ ୨ଲକ୍ଷ ଲୋକଙ୍କୁ ଟିକା ଦିଆଯାଇ ଆସୁଛି। ଦିନକୁ ୩ଲକ୍ଷ ଲୋକଙ୍କୁ ଟିକା ଦେବା ବ୍ୟବସ୍ଥା ଥିବାବେଳେ ଟିକା ଅଭାବରୁ ବର୍ତ୍ତମାନ ଏହା ୬୦ରୁ ୭୦ହଜାରକୁ ଖସି ଆସିଛି। କେନ୍ଦ୍ର ସରକାର ୧୮ରୁ ୪୪ ବର୍ଷ ଲୋକଙ୍କ ପାଇଁ ସିଧାସଳଖ ଟିକା କିଣିବା ପାଇଁ ଅନୁମତି ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସିରମ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆରୁ ୨୨୦ ଲକ୍ଷ କୋଭିଶିଲ୍ଡ ଏବଂ ଭାରତ ବାୟୋଟେକରୁ ୧୦.୩୪ ଲକ୍ଷ ଟିକା କିଣିବାକୁ ଅର୍ଡର ଦେଇଥିଲେ। ତେବେ ସିଧାସଳଖ ଟିକା କିଣିବାରେ ସମସ୍ୟା ଦେଖା ଦେବାରୁ ଓଡ଼ିଶା ସରକାର ମେ ୧୦ତାରିଖରେ ବସିଥିବା କ୍ୟାବିନେଟ ବୈଠକରେ ବିଶ୍ୱସ୍ତରୀୟ ଟେଣ୍ଡର ଆହ୍ୱାନ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ପ୍ରି ବିଡିଂ ଟେଣ୍ଡରରେ ଟିକା କମ୍ପାନୀମାନେ ଅଂଶ ଗ୍ରହଣ କରୁ ନ ଥିବା ଦେଖାଯାଉଛି। ଏପରିକି ଅନ୍ୟ ରାଜ୍ୟଗୁଡ଼ିକ ମଧ ଟେଣ୍ଡର କରିବାରେ ସଫଳ ହୋଇପାରି ନାହାନ୍ତି। ଗଣମାଧ୍ୟମ ସୂତ୍ର ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଡକାଯାଉଥିବା ଟେଣ୍ଡରରେ କୌଣସି କମ୍ପାନୀ ଅଂଶ ଗ୍ରହଣ କରୁ ନାହାନ୍ତି। ଫାଇଜର ଓ ମଡର୍ନା ଭଳି ଅନ୍ତର୍ଜାତୀୟ କମ୍ପାନୀ ରାଜ୍ୟ ସହ ଚୁକ୍ତି ନ କରି କେନ୍ଦ୍ର ସରକାରଙ୍କ ସହ ଚୁକ୍ତି କରିବାକୁ ଚାହୁଁଛନ୍ତି। ଏପରିକି କେନ୍ଦ୍ର ସରକାରଙ୍କଠାରୁ ଅନୁମତି ନେବାପରେ ରାଜ୍ୟକୁ ଟିକା ଯୋଗାଣ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ବଦଳରେ କେନ୍ଦ୍ର ସରକାର ବିଶ୍ୱସ୍ତରରୁ ଟିକା କିଣି ରାଜ୍ୟଗୁଡ଼ିକୁ ଯୋଗାଇବାକୁ ନବ ଚିଠିରେ ଉଲ୍ଲେଖ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଗଣାରେ ଟିକା ଦେବାକୁ ଘୋଷଣା କରିଥିବାରୁ ଟିକା ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବାକୁ ପ୍ରସ୍ତୁତ ବୋଲି ନବ କହିଛନ୍ତି। ଏଥିସହିତ ଇଣ୍ଟରନେଟ୍ ସୁବିଧା ନ ଥିବା ଜିଲାଗୁଡ଼ିକ ପାଇଁ ଅନ୍‌ଲାଇନ ପଞ୍ଜୀକରଣ ବାଧ୍ୟତାମୂଳକ ନ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଟିକାକରଣ ଅଧିକାଂଶ ଦେଶରେ ଲୋକଙ୍କ ଜୀବନ ବଞ୍ଚାଇବା ସହ ଆର୍ଥିକ ଅବସ୍ଥାରେ ମଧ ସୁଧାର ଆଣୁଛି। ଏସବୁ ଦୃଷ୍ଟିରେ ରଖି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନବ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

### ଫଳପ୍ରଦ ହେବା...

ମନେ ହେଉନାହିଁ। ଅନ୍ୟପକ୍ଷରେ ଟେଣ୍ଡରରେ ଭାଗ ନେବାପାଇଁ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ(ଡିସିଜିଆଇ)ର ଅନୁମତି ବାଧ୍ୟତାମୂଳକ କରାଯାଇଥିଲା, ଯାହାକି ଏବେ ଭୁଲ ନୀତି ସାବ୍ୟସ୍ତ ହୋଇଛି। କାରଣ ମଡର୍ନା, ଫାଇଜର ଭଳି ଟିକା ପ୍ରସ୍ତୁତକାରୀ ବିଦେଶୀ କମ୍ପାନୀ ଡିସିଜିଆର ଅନୁମତି ପାଇଁ ଅପେକ୍ଷା କରିବା ଯୋଗୁ ରାଜ୍ୟଗୁଡ଼ିକର ଟେଣ୍ଡର ପ୍ରକ୍ରିୟା ଆଗେଇପାରୁ ନାହିଁ। ଏହି ପ୍ରକ୍ରିୟାରେ ନିଜକୁ ଦୂରେଇ ରଖିଥିବା କେନ୍ଦ୍ରସରକାର ତୁରନ୍ତ ହସ୍ତକ୍ଷେପ କରି ରାଜ୍ୟଗୁଡ଼ିକ ପାଇଁ ବିଶ୍ୱ ବଜାରରୁ ଟିକା କିଣିବା ବ୍ୟବସ୍ଥା କରନ୍ତୁ ବୋଲି ଓଡ଼ିଶା, କେରଳ ସମେତ ଅନେକ ଅଣଭାଜପା ଶାସିତ ରାଜ୍ୟ ଦାବି କଲେଣି। କିନ୍ତୁ ଏହା ଅତି ବିଳମ୍ବରେ କରାଯାଇଛି। ହେଲେ କେନ୍ଦ୍ର ସରକାରଙ୍କଠାରୁ ତୁରନ୍ତ ସୁଫଳ ମିଳିବା ଆଶା ନ ଥିବା ମନେକରି ଓଡ଼ିଶା ସରକାର ମଙ୍ଗଳବାର ଟେଣ୍ଡର ନିୟମରେ କୋହଳ କରିଛନ୍ତି। ତାହା ମଧ ଫଳପ୍ରଦ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ଭାକ୍ସିନ ମିଶ୍ରଣକୁ...

୧୦୮ କୋଟି ଲୋକଙ୍କୁ ଟିକା ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାକୁ ଦୃଷ୍ଟିରେ ରଖି ଜୁଲାଇ ମଧ୍ୟଭାଗ କିମ୍ବା ଅଗଷ୍ଟ ପହିଲା ଆଡ଼କୁ ଦୈନିକ କୋଟିଏ ଡୋଜ୍ ଟିକା ଉପଲବ୍ଧ ହେବ। ବର୍ତ୍ତମାନ ଭାକ୍ସିନ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡ଼ିକ ନିଜ ଉତ୍ପାଦନ କ୍ଷମତା ବଢ଼ାଇବା ଆବଶ୍ୟକ। ଏପରି କରାଗଲେ ଭବିଷ୍ୟତରେ ଟିକା ଅଭାବ ରହିବ ନାହିଁ। ବର୍ତ୍ତମାନ ଟିକା ଅଭାବ ପରିଲକ୍ଷିତ ହେଉଥିଲେ ମଧ ଭାକ୍ସିନ ନିଅଣ୍ଟ ହେଉନାହିଁ। ଲୋକଙ୍କୁ ଜୁଲାଇ ମଧ୍ୟଭାଗ କିମ୍ବା ଅଗଷ୍ଟ ଆରମ୍ଭ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରିବାକୁ ପଡ଼ିବ। ସେତେବେଳେ ଆମ ପାଖରେ ପର୍ଯ୍ୟାପ୍ତ ଟିକା ଉପଲବ୍ଧ ହେବ, ଯାହାର ପରିମାଣ ଦୈନିକ କୋଟିଏ ଡୋଜ୍ ହେବ। ଡିସେମ୍ବର ସୁଦ୍ଧା ସାରା ଦେଶରେ ଟିକାକରଣ ହୋଇଯାଇଥିବା ନେଇ ଆମେ ଆଶା କରୁଛୁ ବୋଲି ଭାର୍ଗବ କହିଛନ୍ତି।

ଜିଲାଗୁଡ଼ିକୁ ଖୋଲିବା ଲାଗି ଥିବା ନିୟମ ସମ୍ପର୍କରେ କେନ୍ଦ୍ର କହିଛି ଯେ, କୋଭିଡ୍ ପଜିଟିଭ୍ ହାର ସପ୍ତାହେ ଧରି ୫% ତଳକୁ ରହିବା ଉଚିତ। ୭୦%ରୁ ଅଧିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କୁ ଟିକା ଦିଆଯିବା ଉଚିତ। କୋଭିଡ୍‌ର ଉପଯୁକ୍ତ ବ୍ୟବହାର କାର୍ଯ୍ୟକାରୀ କରାଇବା ଲାଗି ଗୋଷ୍ଠୀଗତ ଉଦ୍ୟମ ହେବା ଜରୁରୀ। ପ୍ରକାଶ ଯେ, ଦେଶର ୩୩୪ ଜିଲାରେ ପଜିଟିଭ୍ ହାର ୫%ରୁ କମ୍ ରହିଛି। ଗତ ସପ୍ତାହରୁ ୩୦ ରାଜ୍ୟରେ ସକ୍ରିୟ ମାମଲା କମ୍ ରହୁଥିବା ଜଣାପଡ଼ିଛି। ସେହିପରି ମେ' ୭ରେ କୋଭିଡ୍-୧୯ର ଦ୍ୱିତୀୟ ଲହର ଶୀର୍ଷକୁ ଛୁଇଁଥିବା ରେକର୍ଡ କରାଯାଇଥିବାବେଳେ ବର୍ତ୍ତମାନ ଏଥିରେ ପ୍ରାୟ ୬୯% ହ୍ରାସ ଘଟିଥିବା ଜଣାପଡ଼ିଛି ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି।

### ୨୩ କୋଟି ଡୋଜ୍ ଦିଆସରିଲାଣି

ଭାକ୍ସିନ ଯୋଗାଣକୁ ନେଇ କେନ୍ଦ୍ର ସହ ଅନେକ ରାଜ୍ୟ ମୁହାଁମୁହିଁ ଅବସ୍ଥାରେ ରହିଛନ୍ତି। ରାଜ୍ୟଗୁଡ଼ିକ ପାଖରେ ପର୍ଯ୍ୟାପ୍ତ ଟିକା ନ ଥିବାରୁ ଅନେକ ସ୍ଥାନରେ ଟିକାକରଣ କେନ୍ଦ୍ର ବନ୍ଦ ହୋଇଯାଇଛି। ବିଶେଷକରି ୧୮ରୁ ୪୪ ବର୍ଷୀୟଙ୍କୁ ଦେବା ପାଇଁ ଉଦ୍ଦିଷ୍ଟ ଟିକା ପ୍ରାୟ ସବୁଠି ଅଭାବ ରହୁଛି। ଦିଲ୍ଲୀ ଓ ତାମିଲନାଡୁ ଭଳି କେତେକ ରାଜ୍ୟକୁ ଟିକାକରଣ ବନ୍ଦ କରିବାକୁ ପଡ଼ିଥିବାବେଳେ ଭାଜପା ଶାସିତ ଉତ୍ତରପ୍ରଦେଶ ବିଦେଶରୁ ଭାକ୍ସିନ ଆମଦାନୀ କରିବା ପାଇଁ ଗ୍ଲୋବଲ ଟେଣ୍ଡର ଆହ୍ୱାନ କରିଛି। ଅନ୍ୟପକ୍ଷରେ ରାଜ୍ୟଗୁଡ଼ିକ ନିକଟରେ ପର୍ଯ୍ୟାପ୍ତ ଟିକା ମହଜୁଦ ଥିବା କେନ୍ଦ୍ର ସରକାର କହୁଛନ୍ତି। ମଙ୍ଗଳବାର ସୁଦ୍ଧା ଦେଶରେ ୨୩ କୋଟି ଡୋଜ୍ ଟିକା ଯୋଗାଇ ଦିଆଯାଇଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଖରେ ବର୍ତ୍ତମାନ ୧.୫୭ କୋଟି ଡୋଜ୍ ଟିକା ମହଜୁଦ ରହିଛି। ପ୍ରକାଶ ଯେ, ସୁପ୍ରିମକୋର୍ଟଙ୍କୁ ସୋମବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ ଏହି ପ୍ରତିଶ୍ରୁତି ଦିଆଯାଇଛି। ଦେଶରେ ବର୍ତ୍ତମାନ ଦୈନିକ ୨୮.୩୩ ଲକ୍ଷ ହିସାବରେ ମାସକୁ ୮.୫ କୋଟି ଡୋଜ୍ ଟିକା ଉତ୍ପାଦନ ହେଉଥିବା ନେଇ ଗତ ସପ୍ତାହରେ କେରଳ ହାଇକୋର୍ଟଙ୍କୁ କେନ୍ଦ୍ର ସରକାର ଅବଗତ କରାଇଥିଲେ।

### ସିବିଏସ୍‌ଇ ଦ୍ୱାଦଶ...

ପରି ଏକ ଚାପଯୁକ୍ତ ପରିବେଶରେ ପିଲାଙ୍କୁ ପରୀକ୍ଷା ଦେବାକୁ ବାଧ କରାଯିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତେବେ ପରୀକ୍ଷା ଫଳ ପ୍ରକାଶନରେ ସ୍ଥିରୀକୃତ ମାନଦଣ୍ଡ ଅନୁଯାୟୀ ଓ ଉଚିତ ସମୟସୀମା ମଧ୍ୟରେ ପ୍ରସ୍ତୁତ ହୋଇଛି କି ନାହିଁ, ତାହା ନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଆଗ୍ରହୀ ଛାତ୍ରୀଛାତ୍ରଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ମଧ କରାଯାଇଛି। ଯେଉଁ ଛାତ୍ରୀଛାତ୍ର ଚାହିଁବେ, ପୂର୍ବବର୍ଷ ଭଳି ପରୀକ୍ଷା ଦେଇପାରିବେ। ସ୍ଥିତି ସ୍ୱାଭାବିକ ହେଲେ ସେମାନେ ପରୀକ୍ଷାରେ ବସିପାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ସ୍ୱରାଷ୍ଟ୍ର, ପ୍ରତିରକ୍ଷା, ଅର୍ଥ, ସୂଚନା ଓ ପ୍ରସାରଣ, ପେଟ୍ରୋଲିୟମ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଯୋଗ ଦେଇଥିଲେ। ସେହିପରି କ୍ୟାବିନେଟ ସଚିବ, ସ୍କୁଲ ଶିକ୍ଷା ଓ ଉଚ୍ଚ ଶିକ୍ଷା ବିଭାଗର ସଚିବମାନେ ମଧ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ସିବିଏସ୍‌ଇ ଦଶମ ପରୀକ୍ଷା ମେ' ୪ରୁ ଜୁନ୍ ୭ ପର୍ଯ୍ୟନ୍ତ ଏବଂ ଦ୍ୱାଦଶ ପରୀକ୍ଷା ମେ' ୪ରୁ ଜୁନ ୧୫ ମଧ୍ୟରେ ହେବ ବୋଲି ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ କରୋନାର ଦ୍ୱିତୀୟ ଲହରରେ ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଥମେ ଦଶମ ପରୀକ୍ଷା ବାତିଲ ହୋଇଥିଲା ଏବଂ ଦ୍ୱାଦଶ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଦ୍ୱାଦଶ ପରୀକ୍ଷା ବାତିଲ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିଲା। ଏପରିକି ପରୀକ୍ଷା ବାତିଲ କରିବା ପାଇଁ ସୁପ୍ରିମକୋର୍ଟରେ ମଧ ଆବେଦନ କରାଯାଇଥିଲା। ଆସନ୍ତା ଗୁରୁବାର ଏନେଇ ଶୁଣାଣି ଥିବା ବେଳେ ମଙ୍ଗଳବାର ସରକାର ପରୀକ୍ଷା ବାତିଲ ନେଇ ନିଷ୍ପତ୍ତି ନେଇଛନ୍ତି। ସେପଟେ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ବାତିଲ ନିଷ୍ପତ୍ତିକୁ ସ୍ୱାଗତ କରିଛି ଓଡ଼ିଶା ଅଭିଭାବକ ମହାସଂଘ। ଓଡ଼ିଶା ସରକାର ମଧ ଯୁକ୍ତ୨ ପରୀକ୍ଷା ନିମନ୍ତେ ଏଭଳି ନିଷ୍ପତ୍ତି ନେବା ଦରକାର ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ନେଇ ଯାହା ନିଷ୍ପତ୍ତି ଆସିବ, ସେହି ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ଯୁକ୍ତ୨ ପରୀକ୍ଷା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

### ପେଟ୍ରୋଲ ୨୬...

ଏହା ବୋଝ ଉପରେ ନଳିତା ବିଡା ସଦୃଶ୍ୟ ପାଲଟି ଯାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ପେଟ୍ରୋଲ ୨୬ ପଇସା ଏବଂ ଡିଜେଲ ୨୫ ପଇସା ବଢ଼ିଛି। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୯୫.୨୨ ଟଙ୍କା ଏବଂ ଡିଜେଲ ୯୩.୦୩ ଟଙ୍କାରେ ବିକ୍ରି ହେଉଛି।

ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୬ ପଇସା ଏବଂ ଡିଜେଲ ୨୩ ପଇସା ବୃଦ୍ଧି ଘଟିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୪.୪୯ ଟଙ୍କା ଏବଂ ଡିଜେଲ ୮୫.୩୮ ଟଙ୍କାରେ ପହଞ୍ଚିଛି। ସେହିପରି ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଯଥାକ୍ରମେ ୯୫.୯୯ ଟଙ୍କା, ୯୪.୫୦ ଟଙ୍କା ଏବଂ ୧୦୦.୭୨ ଟଙ୍କାରେ ପହଞ୍ଚିଛି। ଅନ୍ୟପକ୍ଷରେ ଏହିସବୁ ମେଟ୍ରୋ ସହରରେ ଡିଜେଲ ଲିଟର ପିଛା ୯୦.୧୨ ଟଙ୍କା, ୮୮.୨୩ ଟଙ୍କା ଏବଂ ୯୨.୬୯ ଟଙ୍କାରେ ବିକ୍ରି ହେଉଥିବା ଜଣାପଡିଛି।

ଦେଶର ପ୍ରମୁଖ ରାଜ୍ୟ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ରାଜସ୍ଥାନ କେତେକ ସହରରେ ପେଟ୍ରୋଲ ୧୦୦ ଟଙ୍କା ଉପରେ ଥିବା ବେଳେ ଡିଜେଲ ଦର ମଧ ୧୦୦ ନିକଟବର୍ତ୍ତିରେ ବିକ୍ରି ହେଉଛି। ସେହିପରି ଓଡିଶାର ମାଲକାନଗିରିର ବିଭିନ୍ନ ବ୍ଲକରେ ପେଟ୍ରୋଲ ୧୦୦ ପାର କରିଥିବା ବେଳେ ଡିଜେଲ ୧୦୦ ଛୁଇଁବାକୁ ଅପେକ୍ଷା କରିଛି ବୋଲି ପେଟ୍ରୋଲିୟମ ଡିଲରମାନେ ମତ ବ୍ୟକ୍ତ କରିଛନ୍ତି।

ତେଲ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ଟିକସ ହ୍ରାସ ସହ ତୈଳ ଦରକୁ କିପରି ହ୍ରାସ କରାଯାଇପାରିବ ସେ ନେଇ କେନ୍ଦ୍ର ସରକାର ଏକ ଦୀର୍ଘସୂତ୍ର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବିରୋଧ କଂଗ୍ରେସ ଓ ଅନ୍ୟ ରାଜନୈତିକ ଦଳଗୁଡିକ ପକ୍ଷରୁ କୁହାଯାଇଛି। ୨୦୧୪ରେ ପେଟ୍ରୋଲ ୭୧ ଟଙ୍କା ଓ ଡିଜେଲ ୫୭ ଟଙ୍କା ରହିଥିବା ବେଳେ ଗତ ୭ ବର୍ଷରେ ଏହି ଦର ୧୦୦ ଟପିବାକୁ ବସିଲାଣି ବୋଲି ବିରୋଧୀ ଦଳ ଗୁଡିକ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ନୀଚାରୋହୀ ମଙ୍ଗଳ ହେତୁ ଆପଣଙ୍କ ଦୈହିକ ଦୁର୍ବଳତା କାର୍ଯ୍ୟହାନିର କାରଣ ହେବ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ବୃଷ**
ଅଫିସରେ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ବୃହସ୍ପତିଙ୍କ କୁପ୍ରଭାବରୁ ଅଟକି ରହିଥିବା କାମର ଚିନ୍ତା ଆଜି ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଓ ପରିବହନ ବେଶ୍ ଭଲରେ ଚାଲିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତି କିମ୍ବା ସମସ୍ୟାର ଆଶଙ୍କା ରହିଛି।

**ମିଥୁନ**
ଶୁଭଗ୍ରହ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ କରିବେ ଏବଂ ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ବିଭିନ୍ନ ଯୋଜନା, ସାଂଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପରିବାର ଭିତରେ ସମ୍ପର୍କ ହାନି ଚିନ୍ତା ବୃଦ୍ଧି କରିପାରେ। ସଂଯମତାର ଅଭାବ ଦୁଶ୍ଚିନ୍ତାର କାରଣ ହେବାର ଆଶଙ୍କା ରହିଛି।

**କର୍କଟ**
ଆଜି ବନ୍ଧୁଙ୍କ ସହ ବିବାଦ ଓ କିଛି ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ପରିବାରରେ ପୂର୍ବ ସମସ୍ୟା ସମାଧାନରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। ସଭାସମିତିରେ ଅପ୍ରିୟ ସତ୍ୟ ପ୍ରକାଶ କରି ବନ୍ଧୁଙ୍କ ଅପ୍ରିୟଭାଜନ ହେବେ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ନ ହୋଇପାରେ।

**ସିଂହ**
ବନ୍ଧୁଙ୍କ ସାହାଯ୍ୟ ଓ ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ସରସ ସୁନ୍ଦର କରିବ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ଆଜି ସତକଥା କହି ବିବାଦ ଘେରରେ ପଡିପାରନ୍ତି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ ସନ୍ଦେହ ଘେରରେ ରହିବେ। କୌଣସି ଗୁଜବ ମନକୁ ଚହଲାଇ ଦେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ଲକ୍ଷ୍ୟ ପୂରଣ ଦିଗରେ ଅସହଯୋଗ, ଅସମ୍ମାନ ପାଇ ଦୁଃଖିତ ହେବେ। ଅର୍ଥ କିମ୍ବା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ।

**ତୁଳା**
ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରା କାମକୁ ଅଗ୍ରଗାମୀ କରାଇବାରେ ସାହାଯ୍ୟ କରିବ। ଜଣେ ପଡୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। କୌଣସି ନିର୍ଦ୍ଦିଷ୍ଟ କାରଣ ନ ଥାଇ ସାୟାହ୍ନେ ମନଟା ଭଲ ଲାଗି ନ ପାରେ। ପିଲାଙ୍କ ଆଚରଣରେ ପରିବର୍ତ୍ତନ କାରଣରୁ ମନେ ମନେ ବିରକ୍ତ ହେବେ।

**ବିଛା**
ଯାହା ଖୋଜୁଛନ୍ତି ଓ ଆଶା କରୁଛନ୍ତି ଅବଶ୍ୟ ପାଇବେ, ମାତ୍ର ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିବା ଭଲ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ କୌଶଳ ପ୍ରୟୋଗ କଲେ ଉପକୃତ ହେବେ। ନିଜେ ରହିବା ପରିସରରେ ସାଧାରଣ କଥାକୁ କେନ୍ଦ୍ର କରି ଅପରାହ୍ନରେ ଟେନସନ୍ ବଢିପାରେ।

**ଧନୁ**
ବନ୍ଧୁଙ୍କ ଅସୌଜନ୍ୟମୂଳକ ବ୍ୟବହାରରେ କର୍ମକ୍ଷେତ୍ରରେ ଅସନ୍ତୋଷର ମାତ୍ରା ବୃଦ୍ଧି ପାଇବ। ଅତି ଦରକାରୀ ଜିନିଷଗୁଡିକ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି।

**ମକର**
ବନ୍ଧୁଙ୍କ ସହ ଆଲୋଚନା ପରିସରରେ ନୀରବତା ଅବଲମ୍ବନ କରିବାକୁ ପସନ୍ଦ କରିବେ। ସମ୍ପର୍କୀୟମାନେ କାଳେ ଦେବାକୁ ପଡିବ,ଏହି କାରଣରୁ ପାଖ ମାଡିବେ ନାହିଁ। ରୁଗ୍‌ଣ ପିତା କିମ୍ବା ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାର ଲକ୍ଷଣ ପ୍ରକାଶ ପାଇବ। ପାଖ ପଡୋଶୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମପାଇଁ ଆଗଭର ହୋଇପାରନ୍ତି।

**କୁମ୍ଭ**
ଆଜିର ଯାତ୍ରା, ଶୁଭ କାର୍ଯ୍ୟାରମ୍ଭ, ସତ୍‌ଚିନ୍ତା ଓ ଶୁଦ୍ଧଭାବନା ମନରେ ଭାବାନ୍ତର ସୃଷ୍ଟି କରିବ। ସାମାନ୍ୟ କେତେକ ସଧାରଣ ଅସୁବିଧାକୁ ବାଦ୍ ଦେଲେ ଦିନଟିରେ ବହୁତ ଭଲ କାମ କରିବେ। ନୂତନ ଜିନିଷ କ୍ରୟ କରିବା ସକାଶେ ପାଇଁ ମନ ବଳାଇପାରନ୍ତି। ପରିବାର ମଧ୍ୟରେ ଛୋଟ କଥାକୁ ଧରିଲେ ଅଯଥା ସୁସମ୍ପର୍କ ବ୍ୟାହତ ହେବ।

**ମୀନ**
ଆଜିର ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରି ପାରନ୍ତି। ବାକି ଅର୍ଥ ଆଦାୟରେ ସକ୍ଷମ ହେବେ କିନ୍ତୁ ବାକ୍ ଅସଂଯମତା ଯୋଗୁଁ ସୁସମ୍ପର୍କ ବ୍ୟାହାତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ। ପାରିବାରିକ କ୍ଷେତ୍ରରେ ବୁଝାମଣାରେ ଉନ୍ନତି ଘଟିବ।

ଆଜି ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ବୁଧବାର, ଜୁନ୍ ୨ ତାରିଖ, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, କର୍କଟ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ଗୃହପ୍ରବେଶ ଓ ଜଳାଶୟ ଖନନ ପାଇଁ ଶୁଭ। ଦିବା ଘ.୦୭.୪୮ମି. ଗତେ ଘ.୧୧.୧୮ମି. ମଧ୍ୟେ, ଘ.୦୧.୫୬ମି. ଗତେ ଘ.୦୫.୨୬ମି. ମଧ୍ୟେ, ଘ.୧୦.୩୧ମି. ଗତେ ଘ.୧୨.୪୧ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୧.୪୪ ମି. ଗତେ ଘ.୦୧.୨୩ମି. ମଧ୍ୟେ ରାହୁକାଳ।

## ଲକ୍‌ଡାଉନ୍‌ରେ ଚଷମା ଦୋକାନ ଖୋଲା ରହିବ

ଭୁବନେଶ୍ୱର,(ବ୍ୟୁରୋ): ଲକ୍‌ଡାଉନ ସମୟରେ ରାଜ୍ୟରେ ଚଷମା ଦୋକାନ ଖୋଲା ରହିବ। ଏ ନେଇ ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇ ଦିଆଯାଇଥିବା ମଙ୍ଗଳବାର ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପ୍ରଦୀପ ଜେନା ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟର କେତେକ ଜିଲାରେ ଚଷମା ଦୋକାନ ବନ୍ଦ ରହିଥିବା ଆମ ନଜରକୁ ଆସିଛି। ଏହା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ହୋଇଥିବାରୁ ଚଷମା ଦୋକାନ ଖୋଲା ରଖିବାକୁ କୁହାଯାଇଛି।



### ସଂକ୍ଷେପରେ

## କଂଗ୍ରେସ ନେତା ସେକ୍ ଅବଦୁଲ ବାରୀଙ୍କ ପରଲୋକ

ଖୋର୍ଦ୍ଧା ଅଫିସ,୧।୬: ଖୋର୍ଦ୍ଧା ଜିଲାର ବରିଷ୍ଠ କଂଗ୍ରେସ ନେତା ତଥା ଓଡ଼ିଶା ପ୍ରଦେଶ କମିଟିର ପୂର୍ବତନ ସଂଖ୍ୟାଲଘୁ ବର୍ଗର ଅଧକ୍ଷ, ବରିଷ୍ଠ ଆଇନଜୀବୀ ସେକ୍ ଅବଦୁଲ ବାରୀଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି।



କରୋନାରେ ଆକ୍ରାନ୍ତ ହୋଇ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଖୋର୍ଦ୍ଧା ବ୍ଲକ ବାଜପୁର ଗ୍ରାମରେ ସେ ଜନ୍ମ ହୋଇଥିଲେ। ତୃଣମୂଳ ସ୍ତରରେ ସେ କଂଗ୍ରେସ ଦଳକୁ ସୁଦୃଢ଼ କରିଥିଲେ। ତାଙ୍କ ବିୟୋଗରେ ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ଜଟଣୀ ବିଧାୟକ ସୁରେଶ ରାଉତରାୟ ପ୍ରମୁଖ ବାରୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ସୁରକ୍ଷା କର୍ମୀଙ୍କୁ ହତ୍ୟା ଅଭିଯୋଗ

- ଜିମ୍‌ରୁ ଝୁଲନ୍ତା ମୃତଦେହ ଜବତ
- ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କଲେ ସମ୍ପର୍କୀୟ
- କ୍ୟାପିଟାଲ ହସ୍ପିଟାଲରେ ଭଙ୍ଗାରୁଜା, ଉତ୍ତେଜନା



ହସ୍ପିଟାଲ ପରିସରରେ ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ଭୁବନେଶ୍ୱର,୧।୬(ବ୍ୟୁରୋ)

ବଡ଼ଗଡ଼ ଥାନା ଅନ୍ତର୍ଗତ କଳ୍ପନା ଛକସ୍ଥିତ ଭଞ୍ଜକଳା ମଣ୍ଡପ ନିକଟ ୟୋଗିକ୍ ଜିମ୍ ସେଣ୍ଟର ପରିସରରୁ ମଙ୍ଗଳବାର ଜଣେ ସୁରକ୍ଷାକର୍ମୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ନୟାଗଡ଼ ଜିଲା ରଣପୁର ଅନ୍ଧାଲୁଆ ଗ୍ରାମର ରଞ୍ଜିତ ନାୟକ (୨୨)। ସେ ଭୁବନେଶ୍ୱରରେ ରହିବା ସହ ଉକ୍ତ ଜିମ୍‌ରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାରବର୍ଗ ଓ ସମ୍ପର୍କୀୟମାନେ ଗଣମାଧ୍ୟମ ଆଗରେ ଅଭିଯୋଗ ଆଣି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସୂଚନା ମୁତାବକ, ରଞ୍ଜିତ କିଛିବର୍ଷ ତଳେ ଭୁବନେଶ୍ୱରକୁ କାମ ଅନ୍ୱେଷଣରେ ଚାଲିଆସିଥିଲେ। ସେ ୟୁନିଟ ୬ ଅକ୍ଷମ କେନ୍ଦ୍ର ବସ୍ତିରେ ଏକ ଘରଭଡ଼ା ନେଇ ରହୁଥିଲେ। ଗତ ୩ବର୍ଷ ହେଲା ୟୋଗିକ୍ ଜିମ୍ ସେଣ୍ଟରରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ ଥିଲେ। ସେ ରାତି ୧୦ଟାରୁ ସକାଳ ପର୍ଯ୍ୟନ୍ତ ଡ୍ୟୁଟି କରିଥାନ୍ତି। ସୋମବାର ରାତିରେ ରଞ୍ଜିତ ଉକ୍ତ ଜିମ୍‌କୁ ଡ୍ୟୁଟି ପାଇଁ ଯାଇଥିଲେ। ତେବେ ମଙ୍ଗଳବାର ସକାଳ ୬ଟାରେ ଫାଟକ ଖୋଲା ନ ହେବାରୁ ଜିମ୍‌ର ସଦସ୍ୟମାନେ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପରେ ଭିତରପଟୁ ତାଲା ପଡ଼ିଥିବା ଫାଟକକୁ ଭାଙ୍ଗି ଖୋଲାଯାଇଥିଲା। ଜିମ୍ ପରିସରସ୍ଥ ପୁଲ୍ ଅପ୍ ପାଇପରେ ରଞ୍ଜିତଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ତାଙ୍କ ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣି ତଦନ୍ତ ଦାବିରେ ହୋହଲ୍ଲା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା। ସେଠାକୁ ମଧ୍ୟ ରଞ୍ଜିତଙ୍କ ୫୦ରୁ ଊର୍ଦ୍ଧ୍ୱ ସମ୍ପର୍କୀୟ ଯାଇ ଭଙ୍ଗାରୁଜା କରିଥିଲେ। ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲା। ଏନେଇ ବଡ଼ଗଡ଼ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ସମ୍ପର୍କୀୟମାନେ ଗଣମାଧ୍ୟମ ଆଗରେ ହତ୍ୟା ଅଭିଯୋଗ କରୁଥିଲେ ମଧ୍ୟ ଥାନାରେ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି। ମୃତ ଯୁବକଙ୍କ ମୋବାଇଲ ଟ୍ରାକିଂ କରାଯିବା ସହ ଜିମ୍‌ରେ କାର୍ଯ୍ୟରତ ୫ଜଣ ସଦସ୍ୟଙ୍କୁ ଜେରା କରାଯିବ। ସେହିପରି ଜିମ୍ ପରିସରରୁ ବାଇକ, ୨ଟି କାଟଗ୍ଲାସ ଜବତ କରାଯାଇଛି। ବିଭିନ୍ନ ପାରିପାର୍ଶ୍ୱିକ ଦିଗକୁ ନେଇ ତଦନ୍ତ କରାଯିବ। ଅନ୍ୟପକ୍ଷରେ ମୃତକଙ୍କର କାହା ସହିତ ଶତ୍ରୁତା ନ ଥିଲା। ଘଟଣାର ଠିକ ଭାବେ ତଦନ୍ତ କରାଗଲେ ସତ୍ୟତା ଜଣାପଡ଼ିବ ବୋଲି ରଞ୍ଜିତଙ୍କ ସମ୍ପର୍କୀୟଙ୍କ ସମେତ ଜିମ୍‌ର କୋଚ ତଥା ଇନଚାର୍ଜ ବାବୁଲି ସ୍ୱାଇଁ କହିଛନ୍ତି।

### ସନ୍ଦେହ ବଢ଼ାଉଛି ତଳେ ଗୋଡ଼ ଲାଗିବା

ରଞ୍ଜିତଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ରହିଥିଲେ ମଧ୍ୟ ପାଦ ଚଟାଣରେ ଲାଗିଥିଲା। ପୋଲିସ ମୃତଦେହ ଜବତ କରିବାବେଳେ ୨ଗୋଡ଼ରେ ଚପଲ ମଧ୍ୟ ରହିଥିଲା। ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

## ରିପୋର୍ଟ ଦାଖଲ କଲେ ଆମିକସ୍ କ୍ୟୁରୀ

### ସ୍ୱେରେଜ୍ ଟାଙ୍କିରେ ଶ୍ରମିକଙ୍କ ମୃତ୍ୟୁ ଘଟଣା

କଟକ ଅଫିସ, ୧।୬

କଟକ ଓ ଭୁବନେଶ୍ୱରର ସ୍ୱେରେଜ ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଆମିକସ୍‌କ୍ୟୁରୀ ବିଭୁ ପ୍ରସାଦ ତ୍ରିପାଠୀ ଏବଂ ପମି ରଥ ସୋମବାର ଦୁଇଟି ରିପୋର୍ଟ ଦାଖଲ କରିଛନ୍ତି। ଏହି ଦୁଇ ରିପୋର୍ଟ ଉପରେ ପ୍ରତି ଜବାବ ରଖିବାକୁ ହାଇକୋର୍ଟ ରାଜ୍ୟ ସରକାର, ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଓ କଟକ ମହାନଗର ନିଗମ(ସିଏମ୍‌ସି)କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ଏହି ମାମଲାରେ ୱାଟର କର୍ପୋରେଶନ ଅଫ ଓଡ଼ିଶା (ୱାଟ୍‌କୋ)କୁ ପକ୍ଷଭୁକ୍ତ କରିବା ସହ ଏହାର ପରିଚାଳନା ନିର୍ଦ୍ଦେଶକଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି। କଟକ ସିଡିଏରେ ସ୍ୱେରେଜ ଟାଙ୍କିରେ ପଶି କାମ କରୁଥିବାବେଳେ ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଭୁବନେଶ୍ୱର ଟଙ୍କପାଣି ରୋଡ ନିକଟ ଏକ ଘର ସ୍ୱେରେଜ ଟାଙ୍କିରେ କାମ କରୁଥିବାବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ତେଣୁ ମୃତ ଶ୍ରମିକମାନଙ୍କ ପରିବାରକୁ ଦିଆଯାଇଥିବା କ୍ଷତିପୂରଣ ବାବଦରେ ସବିଶେଷ ତଥ୍ୟ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଜଣାଇବାକୁ ହାଇକୋର୍ଟ ୱାଟ୍‌କୋକୁ ନିର୍ଦ୍ଦେଶ ଦେଇଛନ୍ତି।

ଭୁବନେଶ୍ୱରରେ ମରିଥିବା ଶ୍ରମିକ ଦ୍ୱୟ ସଫେଇ କର୍ମଚାରୀ ନୁହଁନ୍ତି ବୋଲି ଜନସ୍ୱାସ୍ଥ୍ୟ ବିଭାଗ ଇଞ୍ଜିନିୟର ଇନ୍ ଚିଫ୍‌ଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ କୁହାଯାଇଛି। ଫଳରେ ସେମାନେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କ୍ଷତିପୂରଣ ପାଇବା ପାଇଁ ହକ୍‌ଦାର ନୁହନ୍ତି ବୋଲି ବିଭୁ ତାଙ୍କ ରିପୋର୍ଟରେ ଜଣାଇଛନ୍ତି। ଏଥିରେ ଅନ୍ୟତମ ଆମିକସ୍‌କ୍ୟୁରୀ ପମି ଓଡ଼ିଶାରେ ପ୍ରୋହିବିଶନ ଅଫ ଏମ୍ପ୍ଲଏଜ୍ ମାନୁଆଲ ସ୍କାଭେଞ୍ଜର୍ସ ଆଣ୍ଡ ଦେୟାର ରିହାବିଲ୍‌ଟେସନ୍ ରୁଲସ୍ (ପିଇଏମ୍‌ଏସ୍‌ଆର)-୧୯୯୩ ଏବଂ ୨୦୧୩ ଲାଗୁ ହୋଇ ନ ଥିବା ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ଏହାକୁ ଗ୍ରହଣ କରି ଏହା ଉପରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ସିଡିଏରେ ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟଣାକୁ ନେଇ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସମେତ ୯ଜଣଙ୍କୁ ନୋଟିସ୍ ଜାରି କରିଥିଲେ। ଜୁଲାଇ ୬ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

### ତାଳଦଣ୍ଡା କେନାଲ ରାସ୍ତା ପ୍ରଶସ୍ତୀକରଣ

## ଆଜି ଭଙ୍ଗାଯିବ ବାସଗୃହ, ଦୋକାନ

କଟକ ଅଫିସ, ୧।୬: ତାଳଦଣ୍ଡା କେନାଲ ପାର୍ଶ୍ୱ ରାସ୍ତା ପ୍ରଶସ୍ତୀକରଣ ପାଇଁ ଛତ୍ରବଜାର ତେଲୁଗୁ ସାହିରେ ଥିବା ୯୦ଟି ବାସଗୃହ ଓ ୮ଟି ଦୋକାନକୁ ବୁଧବାର ସିଏମ୍‌ସି ପକ୍ଷରୁ ଭଙ୍ଗାଯିବ। ଏଥିପାଇଁ ମଙ୍ଗଳବାର ୯୦ଟି ପରିବାରର ୪୫୦ ଜଣ ସଦସ୍ୟଙ୍କୁ ନୂଆପଡା ବାଲିସାହିସ୍ଥିତ ସାର୍ତ୍ତୋଳ ପ୍ରାଥମିକ ବିଦ୍ୟାଳୟରେ ଥଇଥାନ କରାଯିବା ସହ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ୮ ଦିନବ୍ୟାପୀ ଏମାନଙ୍କୁ ରନ୍ଧାଖାଦ୍ୟ ଓ ଆବଶ୍ୟକ ଔଷଧ ଯୋଗାଇ ଦିଆଯିବ। ତେବେ ପ୍ରତ୍ୟେକ ପରିବାରକୁ ପୂର୍ବରୁ ୧୫ ଫୁଟ୍‌ରେ ୧୫ ଫୁଟ୍ ବାସୋପଯୋଗୀ ପ୍ଲଟ ଯୋଗାଯିବା ସହ ଉକ୍ତ ପ୍ଲଟ୍‌ରେ ଘର ନିର୍ମାଣ ପାଇଁ ୫୦ ହଜାର ଟଙ୍କା ଚେକ୍ ମାଧ୍ୟମରେ ବୁଧବାର ପ୍ରଦାନ କରାଯିବ। ଏଥିସହ ଦୋକାନ ମାଲିକଙ୍କୁ ୨୦/୩୦ ହଜାର ଟଙ୍କା କ୍ଷତିପୂରଣ ବାବଦରେ ପ୍ରଦାନ କରାଯିବ ବୋଲି ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ ସୂଚନା ଦେଇଛନ୍ତି।

## ଲୁଟେରା ଗ୍ୟାଙ୍ଗ ଠାବ: ୪ ଗିରଫ, ୫ ବାଇକ୍ ଜବତ

କଟକ ଅଫିସ, ୧।୬



କ୍ୟାଣ୍ଟନମେଣ୍ଟ ପୋଲିସ ଏକ ବାଇକ୍ ଲୁଟେରା ଗ୍ୟାଙ୍ଗର ୪ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ପଟ୍ଟାପୋଲ ଅଞ୍ଚଳର ରାଜା ଓରଫ ଅଭିଷେକ ନାଇଡୁ, ଫୁଲବାଣୀ ଅଞ୍ଚଳର ଉମାକାନ୍ତ ବେହେରା, ମାନସ ଦଳଛତ୍ର ଓ ବୃଷଭାନୁ ମଲ୍ଲିକ। ସେମାନଙ୍କ ନିକଟରୁ ୫ଟି ଚୋରା ବାଇକ୍ ଜବତ କରାଯାଇଛି। ଡିସିପି ପ୍ରତୀକ ସିଂ ଦେଇଥିବା ସୂଚନା ମୁତାବକ, ପଟ୍ଟାପୋଲ ଅଞ୍ଚଳର ବି. ସଞ୍ଜୀବ ରାଓ ଗତ ଜାନୁଆରୀ ୨୫ ତାରିଖ ରାତିରେ ତାଙ୍କ ଘର ସମ୍ମୁଖରେ ବାଇକ୍ ରଖିଥିବାବେଳେ ଚୋରି ହୋଇଯାଇଥିଲା। ଏ ନେଇ ସେ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲା। ଲୁଟ୍ ଘଟଣାରେ ରାଜାଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା। ଥାନାକୁ ଆଣି ପଚରାଉଚରା କରିବା ପରେ ଏହି ଆନ୍ତଃ ଜିଲା ଲୁଟେରା ଗ୍ୟାଙ୍ଗ ସଂକ୍ରାନ୍ତରେ ପୋଲିସ ଜାଣିବାକୁ ପାଇଥିଲା। ରାଜା କନ୍ଧମାଳ ଅଞ୍ଚଳର କେତେଜଣ ସହଯୋଗୀଙ୍କ ସହ ମିଶି କଟକ ସହରର ବିଭିନ୍ନ ସ୍ଥାନରୁ ବାଇକ୍ ଲୁଟ୍ କରିଥାନ୍ତି। ପରେ ନମ୍ବର ପ୍ଲେଟ୍ ବଦଳାଇ ତାହାକୁ ବିକ୍ରି କରିଥାନ୍ତି। ଏହି ଗ୍ୟାଙ୍ଗ କଟକ, ଜଗତ୍‌ସିଂହପୁର ଓ କନ୍ଧମାଳ ଅଞ୍ଚଳରେ ସକ୍ରିୟ ଥିବା ପୋଲିସ ଜାଣିବାକୁ ପାଇଛି।

## ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡକୁ ଅଧିକ କ୍ରିୟାଶୀଳ କରାଯିବ

ଭୁବନେଶ୍ୱର,୧।୬(ବ୍ୟୁରୋ): ପ୍ରାଣୀଙ୍କ ମଙ୍ଗଳ ସାଧନ ଓ ସେମାନଙ୍କ ପ୍ରତି ହେଉଥିବା ନିଷ୍ଠୁର ଆଚରଣରୁ ସୁରକ୍ଷା ପ୍ରଦାନ କରିବା ଦିଗରେ ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଏହି ବୋର୍ଡକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ଏହାକୁ ଅଧିକ ସଶକ୍ତ ସହ ଭିତ୍ତିଭୂମିର ବିକାଶ କରାଯିବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ମଙ୍ଗଳବାର ଭର୍ଚ୍ଚୁଆଲରେ ଆୟୋଜିତ ପୁନର୍ଗଠିତ ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡର ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ କହିଲେ, ପ୍ରାଣୀ ଚିକିତ୍ସା ବ୍ୟବସ୍ଥାକୁ ଅଧିକ ବ୍ୟାପକ କରାଯିବା ସହିତ ପାଟ୍ରୋଲିଂ ଓ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଏଥିସହିତ ବ୍ୟାପକ ସଚେତନତା ସୃଷ୍ଟି ଆବଶ୍ୟକ। ଉକ୍ତ ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଆର୍. ରଘୁପ୍ରସାଦ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ତଥା ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡ ସଦସ୍ୟ ସଚିବ ସ୍ମୃତିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜଧାନୀରେ ୯୭୪ ପଜିଟିଭ୍ ଚିହ୍ନଟ, ୩ ମୃତ

ଭୁବନେଶ୍ୱର,୧।୬(ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ ଧିରେ ଧିରେ ଆୟତ୍ତକୁ ଆସୁଛି। ଗତ ୨୪ ଘଣ୍ଟାରେ ମହାନଗରରୁ ୯୭୪ଜଣ ନୂତନ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୭୦ଜଣ କ୍ୱାରାଣ୍ଟାଇନ୍‌ରୁ ହୋଇଥିବାବେଳେ ୮୦୪ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସର୍ବାଧିକ ୫୯ଜଣ ସଂକ୍ରମିତ ନୟାପଲ୍ଲୀ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ରାଜଧାନୀରେ ସଂକ୍ରମିତଙ୍କ ସଂଖ୍ୟା ୭୬ହଜାର ୭୫୮ରେ ପହଞ୍ଚିଛି। ସେହିପରି ୨୪ଘଣ୍ଟାରେ ୧ହଜାର ୪୭ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଫେରିଛନ୍ତି। ତେବେ ଗୋଟିଏ ଦିନରେ ୩ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବାରୁ ଏହି ସଂଖ୍ୟା ୩୪୧କୁ ବୃଦ୍ଧି ପାଇଛି। ଏବେ ୧୧ହଜାର ୧୭୪ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି।

## ଠକିଲେ ୧.୪୦ କୋଟି, ମିଳିଲା ୧୨ ଲକ୍ଷ

### ମେ'ରେ ସାଇବର ଠକେଇ ନେଇ ପୋଲିସର ରିପୋର୍ଟ

ଭୁବନେଶ୍ୱର,୧।୬(ବ୍ୟୁରୋ)

ରାଜ୍ୟରେ ଅନ୍‌ଲାଇନ କାରବାର ବୃଦ୍ଧି ପାଇଛି। ଏହାର ସୁଯୋଗ ନେଇ ସାଇବର ଠକମାନେ ଗତ ମେ ମାସରେ ରାଜ୍ୟରେ ୧କୋଟି ୪୦ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏଥିମଧ୍ୟରୁ ୧୨ ଲକ୍ଷ ଟଙ୍କା ଫେରସ୍ତ ଆଣିବାରେ ପୋଲିସ ସଫଳ ହୋଇଛି। ମଙ୍ଗଳବାର କମିଶନରେଟ୍ ପୋଲିସର ସାଇବର ସେଲ୍ ପକ୍ଷରୁ ଏ ସଂକ୍ରାନ୍ତ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ ହୋଇଛି ଯେ, ଲକଡାଉନ୍ ଓ ଶଟଡାଉନ୍ ଭିତରେ ମେ ମାସରେ ରାଜ୍ୟରୁ ୧ କୋଟି ୪୦ଲକ୍ଷ ୯ହଜାର ୪୬୯ ଟଙ୍କା ସାଇବର ଠକ ଠକିନେଇଛନ୍ତି। କେବଳ ଭୁବନେଶ୍ୱରରୁ ୭୦ଲକ୍ଷ ୭୮ ହଜାର ୭୧୪ ଟଙ୍କା ଠକି ନିଆଯାଇଛି। ତେବେ ଅଭିଯୋଗ କ୍ରମେ ୧୨ ଲକ୍ଷ ୫ହଜାର ୩୦୬ ଟଙ୍କା ଫେରାଇ ଆଣିବାରେ ପୋଲିସ ସଫଳ ହୋଇଛି। ମେ' ମାସରେ ୧୭ଟି ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଛି। ସାଇବର ଡେସ୍କକୁ ୫୨୯ଟି କଲ୍ ଆସିଥିଲା। ଏଥିରୁ ଭୁବନେଶ୍ୱରରୁ ୨୫୬ କଲ୍ ରହିଛି । ୧୬୦ଟି ୟୁପିଆଇରେ ଠକେଇ ମଧ୍ୟରୁ ଭୁବନେଶ୍ୱରରୁ ୬୩ଟି , କ୍ରେଡିଟ୍ ଓ ଡେବିଟ୍ କାର୍ଡ ମାଧ୍ୟମରେ ୧୦୦ଟି ଠକେଇରୁ ରାଜଧାନୀରୁ ୪୮ଟି ରହିଛି। କଲ୍ ମାଧ୍ୟମରେ ୨୬୯ ଠକେଇ ମଧ୍ୟରୁ ୮୫ଟି ଭୁବନେଶ୍ୱରର ବୋଲି ଜଣାପଡ଼ିଛି। ଅଭିଯୋଗ କ୍ରମେ ୫୬ଟି ନମ୍ବରକୁ ବ୍ଲକ କରାଯାଇଛି। ବାରମ୍ବାର ଜନସଚେତନତା ସତ୍ତ୍ୱେ ଇ-ପେମେଣ୍ଟ ବ୍ୟବସ୍ଥା ଯୋଗୁ ଠକେଇ ଅଧିକ ହେଉଛି। ଏ ନେଇ ଅଭିଯୋଗ ପାଇଁ ସାଇବର ସେଲ୍ ପକ୍ଷରୁ ହେଲ୍ପ ଡେସ୍କ ନମ୍ବର ୭୪୪୦୦୦୬୭୦୯ ଜାରି କରାଯାଇଛି।

## ଆଜିଠୁ ୧୮ରୁ ୪୪ ବର୍ଷୀୟଙ୍କୁ ଦ୍ୱିତୀୟ ଡୋଜ୍

- ବିଏମ୍‌ସି ପକ୍ଷରୁ ୪ ସ୍ୱାସ୍ଥ୍ୟକେନ୍ଦ୍ର ଚିହ୍ନଟ
- ପର୍ଯ୍ୟାପ୍ତ ଟିକା ନାହିଁ, ଅଧାରୁ ବନ୍ଦ ହୋଇପାରେ ଟିକାକରଣ

ଭୁବନେଶ୍ୱର, ୧।୬(ବ୍ୟୁରୋ)

ବହୁ ପ୍ରତୀକ୍ଷା ପରେ ଶେଷରେ ରାଜଧାନୀ ଭୁବନେଶ୍ୱରରେ ବୁଧବାରଠାରୁ ୧୮ରୁ ୪୪ ବର୍ଷୀୟ ବର୍ଗଙ୍କ ପାଇଁ ୨ୟ ଡୋଜ୍ କୋଭିଡ୍ ଟିକାକରଣ ଆରମ୍ଭ ହେବାକୁ ଯାଉଛି। ଏନେଇ ବିଏମ୍‌ସି ପକ୍ଷରୁ ୟୁନିଟ-୩ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଘାଟିକିଆ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପୋଖରୀପୁଟ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ କ୍ୟାପିଟାଲ ହସ୍ପିଟାଲକୁ ଚିହ୍ନଟ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରୁ ହିଁ ସ୍ଲଟ୍ ବୁକିଂ ଆରମ୍ଭ ହୋଇଯାଇଛି। ଜୁନ୍ ୨ରୁ ୫ ତାରିଖ ପର୍ଯ୍ୟନ୍ତ ଟିକାକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ପ୍ରତ୍ୟହ ସକାଳ ୮ଟା ୩୦ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଟିକାକରଣ ଚାଲୁ ରହିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସହରରେ ପର୍ଯ୍ୟାପ୍ତ ପରିମାଣର ଟିକା ନ ଥିବାରୁ କେବଳ ଏହି ୪ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ଟିକାକରଣ ପାଇଁ ଅନୁମତି ଦିଆଯାଇଛି। ସେହିପରି ପ୍ରଥମ ଦିନରେ ପ୍ରତି ସେଣ୍ଟରରେ ୫୦ଜଣ ଲେଖାଏ ମୋଟ ୨ଶହ ଜଣଙ୍କୁ ଟିକା ଦେବା ପାଇଁ ସ୍ଲଟ୍ ବ୍ୟବସ୍ଥା ହୋଇଛି। ଏହି ବର୍ଗର ଲୋକଙ୍କ ପାଇଁ ଖୁବ୍ କମ୍ ଟିକା ରହିଥିବାରୁ ଆସନ୍ତା ୫ତାରିଖ ପର୍ଯ୍ୟନ୍ତ ଟିକା ଦିଆଯାଇପାରିବ କି ନାହିଁ ସେ ନେଇ ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଖୁବ୍‌ଶୀଘ୍ର ଦ୍ୱିତୀୟ ଡୋଜ୍ ଟିକା ଆସିବ ଓ ୧୮ରୁ ୪୪ବର୍ଗର ହିତାଧିକାରୀଙ୍କୁ ଟିକା ଦିଆଯିବ। ତେବେ ୪୫ରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଟିକା ରହିଛି ବୋଲି ବିଏମ୍‌ସିର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଅନ୍ତର୍ଯ୍ୟାମୀ ମିଶ୍ର କହିଛନ୍ତି। ସେହିପରି ଟିକା ନେବା ପାଇଁ ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ଦେଖା ଦେଉଥିବାରୁ ସ୍ଲଟ୍ ଖୋଲିବାର କିଛି ମିନିଟ୍ ମଧ୍ୟରେ ହିଁ ସମସ୍ତ ସ୍ଲଟ୍ ବୁକିଂ ହୋଇଯାଉଛି। ତେଣୁ ଅନେକଙ୍କୁ ସ୍ଲଟ ପାଇବାରେ ସମସ୍ୟା ଦେଖା ଦେଉଛି। ଅନେକେ ଏଥିପାଇଁ କୋ-ୱିନ୍ ଆପ୍‌ରେ ତ୍ରୁଟି ଥିବା ଅଭିଯୋଗ କରୁଛନ୍ତି, ମାତ୍ର ଆପ୍‌ରେ କୌଣସି ଅସୁବିଧା ନାହିଁ। ଏବେ ପର୍ଯ୍ୟାପ୍ତ ଟିକା ନାହିଁ। ଟିକା ଆସିବା ପରେ ଅଧିକ ସ୍ଲଟ୍ ଖୋଲାଯିବ ଓ ହିତାଧିକାରୀମାନେ ଏହାର ଲାଭ ଉଠାଇ ପାରିବେ ବୋଲି ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ମେ ୩ରୁ ୨୮ ତାରିଖ ମଧ୍ୟରେ ୧୮-୪୪ ବର୍ଷ ବର୍ଗର ମୋଟ ୧ ଲକ୍ଷ ୫୧ ହଜାର ୪୨୬ ଜଣ ପ୍ରଥମ ଡୋଜ୍ ନେଇଛନ୍ତି। ଭୁବନେଶ୍ୱରରେ ବିଶେଷ କରି ୧୮ ରୁ ୪୪ ବର୍ଗର ହିତାଧିକାରୀ ଯେଉଁମାନେ ପ୍ରଥମ ଡୋଜ ନେଇନାହାନ୍ତି ସେମାନଙ୍କ ପାଇଁ ଟିକା ସଙ୍କଟ ଅଭାବ ପରିଲକ୍ଷିତ ହୋଇଛି।

**ODISHA PUBLIC SERVICE COMMISSION**
**CUTTACK**
**NOTICE**

No. 3354/PSC, (DR-IV) (2PG-01-2021-22) Dt. 01.06.2021

No. D-30:- The Commission, forthwith cancels the Advertisement No. 16 of 2019-20 for recruitment to the post of Programmer in the office of the Odisha Public Service Commission, Cuttack in view of the revised Recruitment Rule for the said post.

All subsequent Notices/ Orders to the above advertisement thus stands rescinded.

OIPR-12002/11/0015/2122 Sd./- Secretary

ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ
**ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ**
ଖଲ୍ଲିକୋଟ, ଗଞ୍ଜାମ, ଓଡ଼ିଶା-୭୬୧୦୩୦, ଦୂରଭାଷ- ୦୬୮୧୦୨୫୬୩୫୨
ପତ୍ର ସଂଖ୍ୟା ୨୬୫/ ସ.ଚା.କା.ମ. ଖଲ୍ଲିକୋଟ ତାରିଖ ୦୧।୦୬।୨୦୨୧
Email ID: govtcollegeofartandcrafts@gmail.com

**ନାମଲେଖା ବିଜ୍ଞପ୍ତି**

**ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଖଲ୍ଲିକୋଟ**

No.RR-02:- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅନୁବନ୍ଧନରେ ଥିବା ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଖଲ୍ଲିକୋଟରେ ଚିତ୍ରକଳା ଓ କାରୁ କଳାରେ ବି.ଭି.ଏ. ୧ମ ବର୍ଷ ପାଉଣ୍ଡେସନ୍ (ଚାରିବର୍ଷିଆ ସ୍ନାତକ ଶ୍ରେଣୀ), ବି.ଭି.ଏ. ପାଠ୍ୟକ୍ରମରେ ୨୦୨୧-୨୨ ଶିକ୍ଷାବର୍ଷରେ ନାମ ଲେଖାଇବା ପାଇଁ ପୁରୁଷ ଓ ମହିଳା ପ୍ରାର୍ଥୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଯେଉଁମାନେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାରୁ +୨ ପାସ୍ କରିଥିବେ କିମ୍ବା ତତ୍ତୁଲ୍ୟ ଯୋଗ୍ୟତା ଥିବା ପ୍ରାର୍ଥୀ / ପ୍ରାର୍ଥିନୀ ଯେଉଁମାନଙ୍କର କଳାଶିକ୍ଷା ପ୍ରତି ଆଗ୍ରହ ଥିବ ସେମାନେ ଦରଖାସ୍ତ କରିପାରିବେ। ସେମାନଙ୍କ ଚୟନ ଏକ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ନିର୍ଣ୍ଣୟ କରାଯିବ। ଏଥିରେ ଚିତ୍ରକଳା ସହିତ, ସାଧାରଣ ଜ୍ଞାନ ବିଷୟରେ ପରୀକ୍ଷା କରାଯିବ। ସର୍ବୋଚ୍ଚ ବୟସ ସୀମା ୨୩ ବର୍ଷ। ଶାରୀରିକ ଅକ୍ଷମ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ କ୍ଷେତ୍ରରେ ୫ ବର୍ଷ କୋହଳ କରାଯିବ।

ଆବଶ୍ୟକୀୟ ଫର୍ମ ପ୍ରତ୍ୟେକ କାର୍ଯ୍ୟଦିବସରେ ମହାବିଦ୍ୟାଳୟର ଅଫିସରୁ Rs.୪୫ (ପଞ୍ଚଚାଳିଶ ଟଙ୍କା) ବିନିମୟରେ ଉପଲବ୍ଧ ହୋଇପାରିବ। ଡିମାଣ୍ଡ ଡ୍ରାଫ୍ଟ / ପୋଷ୍ଟାଲ ଅର୍ଡର ଗ୍ରହଣୀୟ ନୁହେଁ। ମନିଅର୍ଡର ମାଧ୍ୟମରେ ନିମ୍ନ ଅଧିକାରୀଙ୍କ ଠିକଣାରେ ୧୦୦ ଟଙ୍କା ପଇଠ କଲେ ଫର୍ମ ପଠାଇବା ବ୍ୟବସ୍ଥା କରାଯିବ।

ଇଚ୍ଛୁକ ପ୍ରାର୍ଥୀ / ପ୍ରାର୍ଥିନୀ +୨ ପରିଷଦ, ଓଡ଼ିଶା ଫଳ ପ୍ରକାଶନଠାରୁ ୧୫ ଦିନ ମଧ୍ୟରେ ଆବଶ୍ୟକୀୟ ଫର୍ମ ସଂଗ୍ରହ ଓ ଦାଖଲ ପ୍ରତ୍ୟେକ କାର୍ଯ୍ୟଦିବସରେ କରିପାରିବେ।

ସ୍ୱା./- ଅଧ୍ୟକ୍ଷ
ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଖଲ୍ଲିକୋଟ, ଗଞ୍ଜାମ
OIPR-03003/11/0001/2122

**ଓଡ଼ିଶା ରାଜ୍ୟ ବିହନ ନିଗମ ଲିଃ**

**ବିଶେଷ ସୂଚନା**

No. CAD-376:- ଏତଦ୍ୱାରା ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ରାଜ୍ୟ ବିହନ ନିଗମ ତାର ସମସ୍ତ ନିଜସ୍ୱ ଡିଲର, ପ୍ୟାକ୍ସ, ଲ୍ୟାମ୍ପସ ଓ ନିଜସ୍ୱ ବିହନ ବିକ୍ରୟ କେନ୍ଦ୍ର ଜରିଆରେ ବିହନ ଯୋଗାଉଅଛି । ରାଜ୍ୟ ସରକାରଙ୍କ ପତ୍ର ସଂଖ୍ୟା- 2980/R&DM/DM Dt.30.05.2021 ଦ୍ୱାରା କୃଷି ପାଇଁ ବିହନ ପ୍ରକ୍ରିୟାକରଣ, ବିହନ ପ୍ରାମାଣୀକରଣ, ବିହନ ପରିବହନ ଓ ବିହନ ବିକ୍ରୟ ପ୍ରକ୍ରିୟାକୁ କୋଭିଡ-19 କଟକଣାମୁକ୍ତ କରାଯାଇଅଛି ଏବଂ ଉପଯୁକ୍ତ ସମୟରେ ଚାଷୀମାନଙ୍କୁ ବିହନ ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ବିହନ ବିକ୍ରୟ କେନ୍ଦ୍ରଗୁଡ଼ିକ ସଦାସର୍ବଦା ଖୋଲା ରହିଅଛି । ତେଣୁ ଚାଷୀ ଭାଇ / ଡିଲର / ପ୍ୟାକ୍ସ / ଲ୍ୟାମ୍ପସ ସପ୍ତାହର ଯେକୌଣସି ଦିନ ବା ଯେକୌଣସି ସମୟରେ ନିଜ ଇଚ୍ଛା ମୁତାବକ ନିକଟସ୍ଥ ବିହନ ବିକ୍ରୟ କେନ୍ଦ୍ର କିମ୍ବା ରାଜ୍ୟ ବିହନ ନିଗମର ନିଜସ୍ୱ ବିକ୍ରୟ କେନ୍ଦ୍ରଗୁଡ଼ିକରୁ ବିହନ କ୍ରୟ କରିପାରିବେ । ବିହନ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ କରୋନା କଟକଣାମୁକ୍ତ ଅଟେ ।

Sd./- ପରିଚାଳନା ନିର୍ଦ୍ଦେଶକ
ଓଡ଼ିଶା ରାଜ୍ୟ ବିହନ ନିଗମ
OIPR-01045/11/0002/2122

**ODISHA PUBLIC SERVICE COMMISSION**
**ADVERTISEMENT No.03 OF 2021-22**
**Recruitment to the post of Programmer in Group-B in the Office of Odisha Public Service Commission, Cuttack**
**WEBSITE - http://opsconline.gov.in**

**No. D-31:-** On-line applications are invited from the prospective candidates through the Proforma application to be made available on the Website (**http://opsconline.gov.in**) **from 08.06.2021 to 29.06.2021** for recruitment to 02 (Two) posts of Programmer in Group - B in the Office of Odisha Public Service Commission, Cuttack on contractual basis. During the period of contractual appointment, he/she shall draw consolidated monthly remuneration of Rs. 16,880/- (falling under the scale of pay of Rs. 35,400/- in Level - 9, Cell 1 as per the Pay Matrix provided under Rule - 3 of ORSP, 2017 corresponding to pre-revised scale of pay of Rs. 9,300-34,800/- with Grade Pay of Rs, 4,200/-). The post shall continue on contractual basis for a period of 06 (Six) years. On the date of satisfactory completion of six years of contractual service, he/she shall be deemed to have been regularly appointed.

2. **VACANCY POSITION:**

| Category | No. of vacancies |
|---|---|
| Un-reserved | 02 |

3. **AGE:**
A candidate must have attained the age of **21 (Twenty-one)** years and must not be above the age of **32 (Thirty-two) years** as on **1st day of January 2021** i.e. he/she must have been born **not earlier than 2nd January, 1989 and not later than 1st January, 2000.**
The upper age limit prescribed above shall be relaxable by 5 (five) years in respect of Women (UR) candidates.
SAVE AS PROVIDED ABOVE, THE AGE LIMITS PRESCRIBED CAN IN NO CASE BE RELAXED.
Date of birth entered in the High School Certificate or equivalent certificate issued by the concerned Board/Council will only be accepted by the Commission.

4. **EDUCATIONAL QUALIFICATION:**
A candidate should possess Master's Degree in Computer Application from a recognized University with at least 60% marks.

5. **HOW TO APPLY:**
(a) **Candidate must go through the details of the Long Advertisement available in the Website of OPSC before filling up the Online Application Form.**
(b) Candidates must apply online through the website of OPSC i.e. http://opsconline.gov.in. Applications received through any other mode will not be accepted and summarily be rejected.
The candidates are required to visit the Website of the Commission at http://opsc.gov.in for detailed information about the programme of the examination, notice regarding rejection of applications; other important notices etc. and also keep track of publication of various notices to the effect in the leading local daily newspapers for information.

CUTTACK
DATE- 01.06.2021

Sd./- SECRETARY
ODISHA PUBLIC SERVICE COMMISSION
CUTTACK
OIPR-12002/11/0014/2122

**ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା**
**"ଏ ଆର୍" (AR) ସିରିଜ୍**
**ବିଶେଷ ସୂଚନା**

No. DSPL-41: ଓଡ଼ିଶା ସ୍ୱଳ୍ପ ସଞ୍ଚୟ ଜମାକାରୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସାମ୍ପ୍ରତିକ କରୋନା ଭୂତାଣୁ ସଂକ୍ରମଣ (Covid-19) ଓ ତଦ୍‌ଜନିତ ପରିସ୍ଥିତି ପରିପ୍ରେକ୍ଷୀରେ, ଏହି ଯୋଜନା ଅନ୍ତର୍ଗତ କୁପନ ସଂଗ୍ରହର ଶେଷ ତାରିଖ ତା୩୧।୦୫।୨୦୨୧ରିଖ ପରିବର୍ତ୍ତେ ତା୩୧।୦୭।୨୦୨୧ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା ଏବଂ ତଦନୁସାରେ ଏହାର ଉଠାଣ କାର୍ଯ୍ୟକ୍ରମ ତା୧୮।୦୭।୨୦୨୧ରିଖ ପରିବର୍ତ୍ତେ ତା୨୬।୦୯।୨୦୨୧ରିଖରେ ଅନୁଷ୍ଠିତ ହେବା ପାଇଁ ଆପାତତଃ ସ୍ଥିର କରାଗଲା।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡ଼ିଶା ସରକାର
OIPR-05001/13/0001/2122

ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଜତ ହୋଇ ଏଣୁ ତେଣୁ ଗପିଯାଏ– ଯାହା ନ କହିବା ଉଚିତ ସେସବୁ କହିପକାଏ– ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ । –ଶ୍ରୀମା



# ସହଜ ରାସ୍ତା ନାହିଁ

ଟିକାକରଣ ଦାୟିତ୍ୱ କେନ୍ଦ୍ର କିଭଳି ମୁଣ୍ଡାଇବ ସେଥିଲାଗି ଚାପ ପକାଇବା ପାଇଁ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ୩୧ ମେ'ରେ ଓଡ଼ିଶା ଓ ପଶ୍ଚିମବଙ୍ଗ ସମେତ ୧୧ ରାଜ୍ୟର ଅଣ–ଭାଜପା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖି ଏକଜୁଟ ହେବାକୁ ଆହ୍ୱାନ ଦେଇଛନ୍ତି । ରାଜ୍ୟଗୁଡ଼ିକ ନିଜସ୍ୱ ଖର୍ଚ୍ଚରେ ଟିକା କିଣି ଲୋକଙ୍କୁ ଦେଲେ ସେମାନଙ୍କ ଆର୍ଥିକ ଅବସ୍ଥା ଅତି ଦୁର୍ବଳ ହୋଇଯିବ । ପୁଣି ବିଦେଶୀ ଟିକା ନିର୍ମାଣକାରୀ ସଂସ୍ଥା ରାଜ୍ୟଗୁଡ଼ିକ ସହ ଚୁକ୍ତି କରିବାକୁ ମନା କରିଦେଉଛନ୍ତି । ତେଣୁ ସଂଘୀୟ ବ୍ୟବସ୍ଥାକୁ ସମ୍ମାନ ଜଣାଇ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ କୋଭିଡ୍–୧୯ ଟିକା ଯୋଗାଇ ଦେଇ ସେଗୁଡ଼ିକ କିଭଳି ମାଗଣାରେ ବଣ୍ଟାଯାଇପାରିବ ସେହି ବନ୍ଦୋବସ୍ତ କରୁ ବୋଲି ବିଜୟନ କହିଛନ୍ତି । ତେବେ ଟିକାକରଣ ନେଇ କେରଳ ମୁଖ୍ୟମନ୍ତ୍ରୀ ଯେଉଁଭଳି ଅଣ–ଭାଜପା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଏହାର ଦୁଇ ମାସ ପୂର୍ବରୁ ଅର୍ଥାତ୍ ୨୮ ମାର୍ଚ୍ଚରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଭିନ୍ନ ରାଜନୈତିକ ଦଳର ମୁଖ୍ୟମାନଙ୍କୁ ଅନୁରୂପ ଚିଠି ଲେଖି କେନ୍ଦ୍ର ବିରୋଧରେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ । ସେହି ପତ୍ରରେ ମମତା କେନ୍ଦ୍ର ସରକାର କିଭଳି ରାଜନୈତିକ ଅଭିସନ୍ଧି ରଖି ଅଣ–ଭାଜପା ଶାସିତ ରାଜ୍ୟକୁ ନ୍ୟୂନ ଦୃଷ୍ଟିରେ ଦେଖୁଛନ୍ତି ତାହା ଉପରେ ଗୁରୁତ୍ୱ ଦେଇଥିଲେ । ନରେନ୍ଦ୍ର ମୋଦି ସରକାର ବିରୋଧୀ ନେତାମାନଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ସଂସ୍ଥାଗୁଡ଼ିକୁ ଲଗାଇ ହଇରାଣହରକତ କରିବା ଏବଂ ପ୍ରତି କଥାରେ ରାଜ୍ୟର ସ୍ୱାୟତ୍ତତାରେ ହସ୍ତକ୍ଷେପ କରିବା ଦ୍ୱାରା ସଂଘୀୟ ବ୍ୟବସ୍ଥା ଦୁର୍ବଳ ହୋଇପଡ଼ିଥିବା ବିଷୟ ସେ ଦର୍ଶାଇଥିଲେ । ଉଲ୍ଲେଖ କରାଯାଇପାରେ ଯେ, କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ଏଏପି ମୁଖ୍ୟ ଅରବିନ୍ଦ୍ କେଜ୍‌ରିୱାଲ, ଏନ୍‌ସିପିର ଶରଦ ପାୱାର, ବିଜେଡି ସଭାପତି ତଥା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆର୍‌ଜେଡିର ତେଜସ୍ୱୀ ଯାଦବ, ଶିବସେନାର ଉଦ୍ଧବ ଠାକ୍‌ରେ, ଜେଏମ୍‌ଏମ୍‌ର ହେମନ୍ତ ସୋରେନ୍, ଏସ୍‌ପି ନେତା ଅଖିଳେଶ ଯାଦବ, ଜମ୍ମୁ ଓ କଶ୍ମୀର ନ୍ୟଶନାଲ କନ୍‌ଫରେନ୍ସର ଓମାର ଅବଦୁଲ୍ଲାଙ୍କ ଭଳି ନେତାଙ୍କ ନିକଟକୁ ମମତା ଚିଠି ଲେଖି ସେମାନଙ୍କ ସହଯୋଗ ଚାହିଁଥିଲେ । ହେଲେ ସେହି ଦିଗରେ ଏପ୍ରିଲରେ କେହି କିଛି କଲେ ନାହିଁ । ହୁଏତ ଗଣମାଧ୍ୟମ ରିପୋର୍ଟକୁ ବିଶ୍ୱାସ କରି ଏହି ନେତାମାନେ ଭାବିନେଲେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମମତାଙ୍କ ପରାଜୟ ଘଟିବ । ତେଣୁ ମୋଦିଙ୍କ ସହିତ କେହି ଅପଡ଼ ହେବାକୁ ଚାହିଁଲେ ନାହିଁ । ଏଭଳି ସୁବିଧାବାଦୀ ଅଣ–ଭାଜପା ନେତାମାନଙ୍କର ବିଭିନ୍ନ ଦୁର୍ବଳତାକୁ ମୋଦି ଠଉରାଇ ନେଇ ଉଚିତ ବ୍ୟବହାର କଲେ । ଯେତେବେଳେ ମମତା ବିପୁଳ ଆସନ ପାଇ ପୁନର୍ବାର କ୍ଷମତାକୁ ଆସିଲେ ସେତେବେଳେ ଅଧିକାଂଶ ଜାତୀୟ ଗଣମାଧ୍ୟମର ମୁଖା ଖୋଲିଯିବା ସହିତ ସାଧାରଣ ଭୋଟରର ମାନସିକତାକୁ ବୁଝିବା ସହଜ ହେଉଛି ।

ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ଏବେ ରାଷ୍ଟ୍ରୀୟ ରାଜନୀତିକୁ ପ୍ରଭାବିତ କରିଛି । ମମତାଙ୍କ ଭାବମୂର୍ତ୍ତି ବର୍ତ୍ତମାନ ଜାତୀୟ ସ୍ତରରେ ବଢ଼ିଯାଇଛି । ଏହାକୁ ଲକ୍ଷ୍ୟକରି ବର୍ତ୍ତମାନ କେନ୍ଦ୍ର ବିରୋଧୀ ଶିବିରରେ ଥିବା ବିରୋଧୀ ନେତାଙ୍କ ମନରେ ଆଶା ସଞ୍ଚାର ହେଉଥିବ ଯେ, ସେମାନେ ଏକଜୁଟ ହେଲେ ଭାଜପାକୁ ହରେଇ ହେବ । ତେବେ ଏବର ସ୍ଥିତି ଦେଖିଲେ ଟିକା ସବୁଠାରୁ ଏକ ବଡ଼ ରୂପ ଧାରଣ କଲାଣି । ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅତି ବିଳମ୍ବରେ ଏବେ ଆମେରିକା ଯାଇ ସେଠାରୁ ଟିକା କିଣିବାର ଉଦ୍ୟମ ଆରମ୍ଭ ମାତ୍ର କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଭାରତର ଏହି ଉଦ୍ୟମ ପୂର୍ବରୁ ପୃଥିବୀର ପ୍ରାୟ ସବୁ ଦେଶ ଆମେରିକାର ଦୁଇ ମୁଖ୍ୟ ଫାର୍ମା କମ୍ପାନୀ ଯଥା–ଫାଇଜର ଓ ମଡର୍ନା ସହ ସିଧାସଳଖ କଥାବାର୍ତ୍ତା କରି ବ୍ୟବସାୟିକ ଚୁକ୍ତି ସମ୍ପନ୍ନ କରିସାରିଲେଣି । ଏଥିଯୋଗୁ ଏହି ଦୁଇ କମ୍ପାନୀର ଉତ୍ପାଦନ କ୍ଷମତା ଆସନ୍ତା କିଛିବର୍ଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ କିଣା ହୋଇଗଲାଣି । ବର୍ତ୍ତମାନ ଯେଉଁ ଚୁକ୍ତି କରାଯିବାର ସମ୍ଭାବନା ରହୁଛି, ତାହା ଫଳପ୍ରଦ ହେବା ସକାଶେ ଦୀର୍ଘ ସମୟ ଲାଗିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ଭାରତର ନିଜସ୍ୱ ଟିକା କୁହାଯାଉଥିବା କୋଭାକ୍ସିନ୍‌ର ଉତ୍ପାଦନ କ୍ଷମତା ବୃଦ୍ଧି କରାଯାଇପାରିଲେ ହୁଏତ ବିଦେଶଠାରୁ ଶୀଘ୍ର ମିଳିପାରନ୍ତା । କିନ୍ତୁ ସମସ୍ୟା ପ୍ରତ୍ୟେକ ଦିନ ଜଟିଳ ହେବାରେ ଲାଗିଛି ଓ କୌଣସି ସହଜ ରାସ୍ତା ଦେଖାଯାଉ ନାହିଁ ।

## ୨୫ ବର୍ଷ ତଳର ଧରିତ୍ରୀ

୨ ଜୁନ୍ ୧୯୯୬

- ଇସ୍ରାଏଲରେ ପ୍ରଥମଥର ପାଇଁ ଅନୁଷ୍ଠିତ ପ୍ରତ୍ୟକ୍ଷ ନିର୍ବାଚନରେ 'ଲିକୁଡ' ଦଳର କଠୋରପନ୍ଥୀ ନେତା ବେନ୍‌ଜାମିନ ନେତାନ୍ୟାହୁ ଦେଶର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ।
- ମିଳିତ ସାମ୍ମୁଖ୍ୟର ନେତା ଏଚ୍.ଜି. ଦେବେଗୌଡ଼ା ଦେଶର ଦ୍ୱାଦଶ ପ୍ରଧାନମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି ।
- ପୂର୍ବତନ ରାଷ୍ଟ୍ରପତି ନୀଲମ ସଂଜୀବ ରେଡ୍ଡିଙ୍କ ୮୩ ବର୍ଷ ବୟସରେ ପରଲୋକ ।

## su|do|ku  ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | 4 | 1 | | | | |
| | 4 | | | | | | 5 | |
| 1 | 6 | | | | 7 | | | |
| | | 4 | 5 | 6 | | 8 | | |
| | 8 | | | 7 | | | 6 | 3 |
| | | | 1 | | 8 | | | 9 |
| 6 | | 7 | 3 | | | | | 2 |
| | 5 | | | | | | | |
| 2 | | | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 2 | 4 | 7 | 3 | 1 | 8 | 5 |
| 4 | 8 | 5 | 9 | 1 | 6 | 2 | 3 | 7 |
| 1 | 7 | 3 | 2 | 8 | 5 | 4 | 9 | 6 |
| 6 | 4 | 1 | 5 | 3 | 9 | 7 | 2 | 8 |
| 7 | 2 | 8 | 6 | 4 | 1 | 9 | 5 | 3 |
| 3 | 5 | 9 | 8 | 2 | 7 | 6 | 1 | 4 |
| 5 | 1 | 7 | 3 | 9 | 4 | 8 | 6 | 2 |
| 2 | 3 | 4 | 1 | 6 | 8 | 5 | 7 | 9 |
| 8 | 9 | 6 | 7 | 5 | 2 | 3 | 4 | 1 |

ଗତକାଲିର ଉତ୍ତର

# କରୋନା କୁଟିର



ସମରେନ୍ଦ୍ର ବଳିଆରସିଂହ

କରୋନା ଗୋଟେ କାଳର ନାଁ, 'ସାକ୍ଷାତ ଯମ' । କାହାକୁ ନେଇଯାଇଛି ତ, କାହା ଦେହରେ ହାତ ଆଉଁସି ପଳେଇ ଯାଇଛି । କି ଧନୀ, କି ଗରିବ ସମସ୍ତେ ଏଇ କରୋନା କାଳକୁ ସାମ୍ନା କରିଛନ୍ତି । ଏ ମଣିଷ ବନ୍ୟା, ବାତ୍ୟା, ମରୁଡ଼ି ଦେଖିଛି, ଭୂମିକମ୍ପ ଦେଖିଛି ; ହେଲେ ଏଭଳି 'ନୀରବ ଘାତକ' କେବେ ଦେଖି ନ ଥିଲା । ଭାବିଲେ, ଏଠି ଶତ୍ରୁ କିଏ ? ନିଜ ହାତକୁ ବିଶ୍ୱାସ ନାହିଁ, ନିଜ ନାକ, ପାଟିକୁ ବିଶ୍ୱାସ ନାହିଁ । ଯୋଉ ହାତକୁ ସେ ଏତେ ଭଲ ପାଏ, ସେଇ ହାତ ତା' ଜୀବନ ନେଇଯାଇପାରେ ! ଯୋଉ ମଣିଷମାନେ ତା'ର ପ୍ରିୟ, ସେଇ ମଣିଷମାନେ ତା' ମୃତ୍ୟୁର କାରଣ ସାଜିପାରନ୍ତି କିମ୍ବା ଏହାର ବିପରୀତ ଘଟିପାରେ । କରୋନା ଦାଉରୁ ବଞ୍ଚିଯାଇଥିବା ଲୋକଟି ଜୀବନଯାକ ସନ୍ତୁଳି ହେଉଥିବ, ଆହା ! ମୋ ଯୋଗୁ ମୋ ପ୍ରିୟଜନଙ୍କ ଜୀବନ ଚାଲିଗଲା । ଏଭଳି ଏକ ଦୁଷ୍ଟ କାଳଖଣ୍ଡକୁ ମଣିଷ କ'ଣ କେବେ ଭୁଲିପାରିବ ? ଗତବର୍ଷ କରୋନା ଆସିଥିଲା, ପ୍ରାୟତଃ ଚାଲିଯାଇଥିଲା । କିନ୍ତୁ ପୁଣି ଲେଉଟିଲା । ଗତବର୍ଷ କରୋନା ଯେତିକି ଛାନିଆ କରିଥିଲା, ଏଥର ବହୁଗୁଣରେ ଛାନିଆ କରିଛି । ଏଭଳି ଝଡ଼କୁ ସାମ୍ନା କରିବାକୁ ଆମେ ଜମାରୁ ପ୍ରସ୍ତୁତ ନ ଥିଲୁ । ଆମେ ପ୍ରସ୍ତୁତ ଥିଲୁ କ୍ଷମତା ହାସଲ କରିବା ଲକ୍ଷ୍ୟରେ । ଯେମନ୍ତ ରାଜା, ସେମନ୍ତ ପ୍ରଜା । କେହି ମାନିଲେନି । ଧିକ୍...ଆମେ ହେଲୁ ବିଶୃଙ୍ଖଳିତ ଭାରତୀୟ !

ପାଠକ ବନ୍ଧୁ ! କରୋନାକାଳୀନ ଏ ଆଲେଖ୍ୟର ଏମନ୍ତ ଉପକ୍ରମ ପରେ ଅସଲ ପ୍ରସଙ୍ଗକୁ ଆସିବା । ଲେଖାର ଶିରୋନାମା 'କରୋନା କୁଟିର' । 'କରୋନା ନିବାସ', 'କରୋନା ଆବାସ', 'କରୋନା ମହଲ'..ଏମିତି ବି ହୋଇପାରିବ । ତେବେ କେହି କ'ଣ ନିଜ ଘରର ନାଁ ଏଭଳି ରଖିପାରିବେ ! ବୋଧହୁଏ ନା । କିନ୍ତୁ ବର୍ତ୍ତମାନ ସମୟର ଆବଶ୍ୟକତା, ସମସ୍ତେ ଏହିଭଳି ଗୋଟେ ଗୋଟେ କୁଟିର କରନ୍ତୁ, ନାଁ ପଛକେ ନ ରଖନ୍ତୁ । ହଁ, ଆଜ୍ଞା ଏହା ଜରୁରୀ ହୋଇପଡ଼ିଛି । ଯାହା ଘଟିଯାଇଛି, ଘଟିଯାଇଛି । ଏବେ ଯାହା କରାଯାଇପାରିବ, କରାଯାଉ । କାରଣ କରୋନା ମହାମାରୀ ଆମ ସହ ଦୀର୍ଘ ବର୍ଷ ରହିପାରେ ବୋଲି କିଛି ବିଶେଷଜ୍ଞ କହୁଛନ୍ତି । ଏହି ପରିପ୍ରେକ୍ଷୀରେ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ, କରୋନା କୁଟିର ପାଇଁ । ଆମ ଭାରତୀୟ ବ୍ୟବସ୍ଥାରେ ଅଧିକାଂଶ ଘରେ ଘରର ସବୁ ସଦସ୍ୟଙ୍କ ପାଇଁ ଅଲଗା ଅଲଗା ଘର ନ ଥାଏ । କାରଣ ଆର୍ଥିକ ସ୍ୱଚ୍ଛଳତା ଉପରେ ଏହା ନିର୍ଭରଶୀଳ । ତେବେ ବର୍ତ୍ତମାନ ସମୟରେ ପରିବାରର ସବୁ ସଦସ୍ୟଙ୍କ ପାଇଁ ଅଲଗା ଅଲଗା କୋଠରିର ଆବଶ୍ୟକତା ରହିଛି, ଯାହା କରୋନାକାଳରେ ସହାୟକ ହୋଇପାରିବ । କାରଣ ଗୋଟିଏ ଦୁଇଟି କୋଠରିରେ ରହି ପରିବାରର ଅଧିକାଂଶ ସଦସ୍ୟ ସଂକ୍ରମିତ ହୋଇଛନ୍ତି । ଜଣକ ପରେ ଜଣେ ସଂକ୍ରମିତ ହୋଇଛନ୍ତି । ପୂରା ଘର ଉଜୁଡ଼ି ପଡ଼ିଛି । ଯେଉଁ ଘର ଥିଲା ସ୍ୱର୍ଗ, ତାହା ନରକ ପାଲଟିଛି । ତେଣୁ ଅନ୍ତତଃପକ୍ଷେ ବର୍ତ୍ତମାନ ଯେଉଁମାନେ ନୂଆ ଘର କରିବେ, ସେମାନେ ଏଇ ଦିଗଟିକୁ ଧ୍ୟାନ ଦିଅନ୍ତୁ । କୋଠରି ପଛେ ଛୋଟ ହେଉ ଏବଂ ତା' ସହ ଗାଧୁଆ ଘର–ପାଇଖାନା ରହୁ । ଛୋଟ ପିଲାଙ୍କ ପାଇଁ ଛୋଟ ହେଉ ପଛେ ପଢ଼ିବା ଘର ଲୋଡ଼ା । କରୋନା ଭଳି ପରିସ୍ଥିତି ଉପୁଜିଲେ ସେମାନେ ସେଇ ଘରେ ଏକାନ୍ତବାସରେ ରହିପାରିବେ । ଆଗେ ଘରର ଦୁଇ–ତିନି ପୁଅଙ୍କ ପାଇଁ ବାପା, ମା' ବା ଅଭିଭାବକ ଗୋଟିଏ ଜାଗାରେ ସମସ୍ତଙ୍କ ପାଇଁ ଘର କରୁଥିଲେ । କିନ୍ତୁ ଏବର ଆବଶ୍ୟକତା ହେଉଛି, ଗୋଟିଏ ଜାଗାରେ କରନ୍ତୁ ପଛେ, କିନ୍ତୁ ଭବିଷ୍ୟତରେ ଭିନେ ହେଲେ ଯେଭଳି କିଛି ଅସୁବିଧା ହେବନାହିଁ । ଘରଗୁଡ଼ିକ ସେଇଭଳି ହେବା ଦରକାର । ଭାଇବାଣ୍ଟ ବେଳେ ଯେଉଁ ସମସ୍ୟା ଦେଖାଯାଏ, ତାହା ଦେଖାଯିବନି । କରୋନା ଭଳି ପରିସ୍ଥିତିରେ ଏହା ସହାୟକ ହୋଇପାରିବ । ଘରର ଜଣେ ସଂକ୍ରମିତ ହେଲେ ସମସ୍ତେ ସଂକ୍ରମିତ ହେବେନାହିଁ । ଆବେଗିକ ଦୃଷ୍ଟିକୋଣରୁ ଏହା ଆଘାତ ଲାଗିପାରେ, କିନ୍ତୁ ଏହା ହିଁ ଆଜିର ବାସ୍ତବିକତା । ଆଜିକାଲି ଅଧିକାଂଶ ବ୍ୟକ୍ତି ଛାତ ଉପରେ ଗୋଟେ କୋଠରି ସହ ଗାଧୁଆଘର–ପାଇଖାନା କରୁଛନ୍ତି । କରୋନାକାଳୀନ ଏକାନ୍ତବାସ ପାଇଁ ଏହା ବେଶ୍ ସହାୟକ ହେଉଛି । ଭବିଷ୍ୟତରେ ଘର କରୁଥିବା ଲୋକମାନେ ମଧ୍ୟ ଏଥିପ୍ରତି ଦୃଷ୍ଟିଦେବା ଦରକାର ।

କରୋନା କୁଟିରର ଆଉ ଏକ ଆବଶ୍ୟକତା ହେଲା ସ୍ୱଚ୍ଛତା । କରୋନା ସମୟରେ ଅଧିକାଂଶ ବ୍ୟକ୍ତି ଘରେ ପଶିବା ପୂର୍ବରୁ ଗାଧେଇ, ପ୍ୟାଣ୍ଟ ଶାର୍ଟ ଧୋଇ ଘରକୁ ଯାଉଛନ୍ତି । ଘରେ ପହଞ୍ଚିବା ପୂର୍ବରୁ ଦାଣ୍ଡରେ ପାଣି ବାଲ୍‌ଟି ଥୋଇବାକୁ ଆଗତୁରା ଫୋନ୍ କରି କହୁଛନ୍ତି । ତେବେ ଦାଣ୍ଡରେ ଗାଧେଇବାର ସୁବିଧା ବା ସ୍ଥାନ ସମସ୍ତଙ୍କର ନାହିଁ । କାରଣ ସହରୀ ବ୍ୟବସ୍ଥାରେ ଅନେକେ ପାଚେରି ଉପରେ ଘର ଛିଡ଼ା କରିଛନ୍ତି । ତେଣୁ ଆଧୁନିକ ଗୃହନିର୍ମାଣ ଶୈଳୀରେ ଏସବୁକୁ ବିଚାରକୁ ନେବା ଆବଶ୍ୟକ । ସବୁତକ ଜାଗାରେ ଘର ନ କରି କିଛି ସ୍ଥାନ ଛାଡ଼ିବା ଦରକାର । ଦ୍ୱିତୀୟତଃ, ଯେଉଁମାନଙ୍କର ସୁବିଧା ଅଛି, ଆବଶ୍ୟକ ଜାଗା ଅଛି, ସେମାନେ ଘରକୁ ପ୍ରବେଶ କରିବା ପୂର୍ବରୁ ଗ୍ୟାରେଜ୍‌କୁ ଲାଗି କିମ୍ବା କୌଣସି ପାର୍ଶ୍ୱରେ ହେଉ ଛୋଟ ଗାଧୁଆ ଘର–ପାଇଖାନାଟେ କରନ୍ତୁ କିମ୍ବା ଭଲଭାବେ ଧୁଆଧୁଇ ହେବା ପାଇଁ ବ୍ୟବସ୍ଥା କରନ୍ତୁ । ଅନେକେ ଅତିଥି ଗୃହ ବା ଗେଷ୍ଟ ରୁମ୍ କରୁଛନ୍ତି । ଆପଣ ଯଦି ଚାହିଁବେ, ଏହା ଘରର ପ୍ରବେଶସ୍ଥଳୀ ପାଖରେ କରନ୍ତୁ । ଛୋଟ କୋଠରି ହେଉ ଏବଂ ସେଥିରେ ପାଇଖାନା–ଗାଧୁଆ ଘର ଲାଗିକରିଥାଉ । କରୋନାକାଳରେ ଏହା ସହାୟକ ହୋଇପାରିବ । ପୃଥକବାସ ଓ ସଂଲଗ୍ନ ଗାଧୁଆଘର–ପାଇଖାନା ପାଇଁ ଯେଉଁଠି ସମ୍ଭବ, ଘରର ନବୀକରଣ କରାଯାଇପାରେ । କିଛି ବ୍ୟବସାୟିକ ପ୍ରତିଷ୍ଠାନ ତଥା କାର୍ଯ୍ୟାଳୟରେ ପ୍ରବେଶପଥରେ ସାନିଟାଇଜ୍ କରିବା ପାଇଁ ବିଶେଷ ବ୍ୟବସ୍ଥା କରାଗଲାଣି । ଘରେ ମଧ୍ୟ ସେହିଭଳି କରାଯାଇପାରିବ । କରୋନା ପାଇଁ ସଂପ୍ରତି ଘରୁ କାମ କରିବା ବା ୱାର୍କ ଫ୍ରମ୍ ହୋମ୍ ବ୍ୟବସ୍ଥା ଲାଗୁକରିଛନ୍ତି ଅନେକ କମ୍ପାନୀ । ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ମାଧ୍ୟମରେ କମ୍ପ୍ୟୁଟର ବା ସ୍ମାର୍ଟଫୋନ୍ ମାଧ୍ୟମରେ ଅନେକ କାର୍ଯ୍ୟ ସମ୍ଭବ ହେଉଛି । ଏହାଫଳରେ କର୍ମଚାରୀ ଅଫିସ୍ ଯିବା ଆସିବାରେ ହେଉ ବା ଅଫିସର ଘରଭଡ଼ା, ବିଦ୍ୟୁତ୍ ବିଲ୍ ଓ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ ଖର୍ଚ୍ଚ ସୀମିତ ହୋଇପାରୁଛି । ତେଣୁ ଘରେ ଅଫିସ୍ ଭଳି ଏକ କୋଠରି ନିହାତି ଲୋଡ଼ା । ନୂତନ ଘର ଡିଜାଇନରେ ଏହାକୁ ସାମିଲ କରାଯିବାର ଆବଶ୍ୟକତା ରହିଛି । ପଢ଼ାଘରକୁ ମଧ୍ୟ ଅଫିସ୍ ଘରର ରୂପ ଦିଆଯାଇପାରେ ।

ଆଜିକାଲି ଘରଗୁଡ଼ିକ ପିଲାର୍–ଷ୍ଟ୍ରକ୍ଚର ମାଧ୍ୟମରେ ହେଉଥିବାବେଳେ ପ୍ଲାଇଉଡ୍ ବା ପ୍ଲାଷ୍ଟରବୋର୍ଡ ମାଧ୍ୟମରେ ବିଭିନ୍ନ କୋଠରିଗୁଡ଼ିକୁ ପ୍ରସ୍ତୁତ କରାଯାଉଛି, ପାର୍ଟିସନ ୱାଲ୍ କରାଯାଉଛି । ବିଶେଷକରି ଅଫିସ୍ ଓ ବିଭିନ୍ନ ବ୍ୟବସାୟିକସ୍ଥଳୀରେ ଏହାର ଉପଯୋଗ କରାଯାଉଛି । ଘରୋଇ ବାସସ୍ଥଳୀଗୁଡ଼ିକରେ ଏଭଳି କରାଗଲେ କରୋନା ସମୟରେ ଏହା ସହାୟକ ହୋଇପାରିବ । ଘରଲୋକେ ନିଜେ ଯଦି ସେଗୁଡ଼ିକୁ ପୁନଃ ଅବସ୍ଥାପିତ କରି ଆବଶ୍ୟକତା ଅନୁଯାୟୀ ଛୋଟ ଛୋଟ କୋଠରି କରିପାରିବେ, ତା' ହେଲେ ତାହା କରୋନା ପୃଥକବାସରେ କାମରେ ଲାଗିପାରିବ । ଘର ପାଇଁ ଝରକା ଗୋଟେ ବଡ଼ ଆବଶ୍ୟକତା । କିନ୍ତୁ ଆଧୁନିକ ଗୃହନିର୍ମାଣଶୈଳୀରେ ଝରକା କେବଳ ନାମକୁ ମାତ୍ର । ଅଧିକାଂଶ ସ୍ଲାଇଡିଂ ଝରକା ଲଗାଉଛନ୍ତି, ତାହା ଅନେକ ସମୟରେ ବନ୍ଦ, କାଁଭାଁ ଖୋଲୁଚି । ଝରକା ପବନ ଆସିବା ପାଇଁ ନୁହେଁ, କେବଳ ଆଲୋକ ପାଇଁ ବ୍ୟବହୃତ ହେଉଛି । କାରଣ ଘରେ ସବୁବେଳେ ଏସି । ସେଇ ଏସି କରୋନା ସଂକ୍ରମଣର ବଡ଼ କାରଣ । ଘରକୁ ଖୋଲା ପବନ ଆସିପାରୁନି, ଏସି ମାଧ୍ୟମରେ ସଂକ୍ରମଣ ବଢ଼ିଚାଲିଛି ।

କରୋନା କାଳ ପିଲାଙ୍କ ପାଇଁ ଅତ୍ୟନ୍ତ ଅସହ୍ୟ । ଯେହେତୁ ପିଲା ଘରୁ ବାହାରକୁ ବାହାରିପାରୁନାହାନ୍ତି, ତେଣୁ ସେମାନଙ୍କ ପାଇଁ ଛାତ ହିଁ ଗୋଟିଏ ପ୍ରକୃଷ୍ଟ ଜାଗା । ପିଲାଙ୍କ ଖେଳିବା ପାଇଁ ସେଠାରେ କିଛି ପରିବର୍ତ୍ତନ କରାଯାଇ ମନୋରଞ୍ଜନ–ଉପଯୋଗୀ କରାଯାଇପାରେ । ଯଦି ବାଡ଼ିବଗିଚା ଅଛି ଭଲ, ସେଠାରେ ଆପଣ ପନିପରିବା ଲଗାଇ ଆତ୍ମନିର୍ଭରଶୀଳ ହୋଇପାରିବେ । ଯଦି ବାଡ଼ିବଗିଚା ପାଇଁ ଜାଗା ନାହିଁ, ତା' ହେଲେ ଛାତ ଉପରେ ବି ପନିପରିବା ଲଗାଇପାରିବେ । ସହରାଞ୍ଚଳରେ ଏହା ରୁଫ୍ ଟପ୍ ଗାର୍ଡନ ଭାବେ ଲୋକପ୍ରିୟ ହେଉଛି । ଶାରୀରିକ ପରିଶ୍ରମ ହେଲା, ରାସାୟନିକ ସାରଯୁକ୍ତ ପରିବା ଖାଇବାରୁ ତ୍ରାହି ମିଳିଲା । ଆତ୍ମନିର୍ଭରଶୀଳତାର ଏହା ଏକ ବଡ଼ ନମୁନା । ପନିପରିବା ବାବଦ ଖର୍ଚ୍ଚ ମଧ୍ୟ ବଞ୍ଚିଲା । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅଧିକାଂଶ ଲୋକ ଘର କରି ନିଜେ ରହି ଭଡ଼ା ଦେବାରେ ଆଗ୍ରହୀ । ଆଗ୍ରହ ରହିବା ସ୍ୱାଭାବିକ, ଭଡ଼ା ଗୋଟେ ଭଲ ଆୟର ପନ୍ଥା । ତେବେ ନିଜର ସ୍ୱାଚ୍ଛନ୍ଦ୍ୟ ପାଇଁ କିଛି ସ୍ଥାନ ରଖିବା ମଧ୍ୟ ଦରକାର । ଏଇ ଯେମିତି ଗୋଆର ଅଧିବାସୀମାନେ ଘର ଆଗରେ, ପଛରେ ଲନ୍‌ଟିଏ ନିହାତି ରଖିଥିବେ, କିଛି ଗଛ ଲଗାଇଥିବେ । କରୋନାକାଳୀନ ଗୃହବନ୍ଦୀ ଅବସ୍ଥା ପାଇଁ ଏହା ବେଶ୍ ଉପଯୋଗୀ ।

ଜନସଂଖ୍ୟା ବୃଦ୍ଧି ହେତୁ ଆପାର୍ଟମେଣ୍ଟଗୁଡ଼ିକର ଚାହିଦା ବଢ଼ିଚାଲିଛି । ତେବେ କରୋନା ମହାମାରୀ ହେଉ କିମ୍ବା ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ହେଉ, ଆପାର୍ଟମେଣ୍ଟଗୁଡ଼ିକ ସୁରକ୍ଷିତ ନୁହେଁ । ଆପାର୍ଟମେଣ୍ଟରେ ସ୍ୱେରେଜ ପାଇପ୍ ମାଧ୍ୟମରେ କରୋନା ସଂକ୍ରମିତ ହେଉଛି ବୋଲି ରିପୋର୍ଟ ଆସିଲାଣି । ସର୍ବସାଧାରଣ ଲିଫ୍ଟ, ସୁଇମିଂପୁଲ୍, ପାର୍କ ଆଦି ଆପାର୍ଟମେଣ୍ଟ ରହଣି ପାଇଁ ଆକର୍ଷଣ ସାଜିଥିବାବେଳେ ସେସବୁ ଗୋଷ୍ଠୀ ସଂକ୍ରମଣ ପାଇଁ ସମସ୍ୟା ଭାବେ ଉଭା ହେଇଛି । ଏହି ପରିପ୍ରେକ୍ଷୀରେ କ'ଣ କରାଯାଇପାରିବ, ସେ ନେଇ ଆର୍କିଟେକ୍ଟରମାନେ ଚିନ୍ତା କଲେଣି । ଆବଶ୍ୟକତା ହେଉଛି ଉଦ୍ଭାବନର ଜନନୀ । ତେଣୁ କରୋନାକାଳୀନ ପରିସ୍ଥିତି ପାଇଁ ଆମକୁ ସଜାଗ ହେବାକୁ ପଡ଼ିବ । ଘରକୁ ସ୍ୱର୍ଗ କରିବାକୁ ପଡ଼ିବ ।

'ବିଶ୍ୱାତ୍ମା', ଏମ୍–୨୩, ଖୋର୍ଦ୍ଧା ବିଡିଏ କଲୋନୀ, ଖୋର୍ଦ୍ଧା, ମୋ:୮୨୪୯୬୭୯୦୯୯

# ବିକଳ୍ପ ନ ଥିବା ଚରିତ୍ର



ଦ୍ୱିତୀ ଚନ୍ଦ୍ର ସାହୁ

ନିମ୍ନ ଅଦାଲତର ପ୍ରକୋଷ୍ଠ । ବସିଛନ୍ତି ବିଚାରପତି । ସାମ୍ନାରେ ପୀଡ଼ିତା ବୋହୂ । ଭଲ ପାଇ ପରସ୍ପରକୁ ବାହା ହୋଇଛନ୍ତି ପୁଅ ଓ ଝିଅ । ଦୁହେଁ ଅଧ୍ୟାପକ ଭିନ୍ନ ଭିନ୍ନ କଲେଜରେ । ବାହା ହେବାର ଏକ ବର୍ଷ ପରେ ବୋହୂର ଲମ୍ବା ଅଭିଯୋଗ ଶାଶୁଙ୍କ ଉପରେ । ଅତ୍ୟାଚାରର ବିବରଣୀ କହୁଥାନ୍ତି । ବିଚାରପତି, ଓକିଲ, ବେଞ୍ଚ କ୍ଲର୍କ ସବୁ କାବା ହୋଇ ଚାହିଁଥାନ୍ତି । ଏଥର ପାଟି ଖୋଲିଲେ ପାଖରେ ଥିବା ଝିଅର ବାପା । ମୋ ଝିଅ ଏମ.ଏ. ପଢ଼ିଛି ସାର୍ । ସେଠି ଯାଇ କ'ଣ ରୋଷେଇ କରିବ ? ଲୁଗା କାଚିବ ? ପ୍ଲେଟ ଗିନା ସଫା କରିବ ତାଙ୍କର ? ବହୁତ ନିର୍ଯାତନା ଦେଉଛନ୍ତି ସେ ଘରେ । ଝିଅ କହିଲା ମୋତେ ଡିଭୋର୍ସ ଲୋଡ଼ା । ଝିଅର ବାପା ଏ କଥାକୁ ସମର୍ଥନ କଲେ । ପାଖରେ ଦାରୁମୂର୍ତ୍ତି ଭଳି ଠିଆହୋଇଛି ଭଲପାଇ ବାହା ହୋଇଥିବା ପୁଅ । ପୁଅ କିଛି ବି ପଦେ କହୁ ନ ଥାଏ । ସବୁ ଶୁଣିବା ପରେ ସମସ୍ତେ ହୃଦ୍‌ବୋଧ ହୋଇଗଲେ ଯେ ଶାଶୁ ଭାରି ଖରାପ ହୋଇଥିବ । ବିଚାରପତି ଶାଶୁଙ୍କୁ ଡାକିବାକୁ ନିର୍ଦ୍ଦେଶ ଦେଲେ । ବୟସର ଭାରରେ ସାମାନ୍ୟ ନଇଁ ପଡିଥିବା ଶାଶୁ ଧୀରସ୍ଥିର ହୋଇ ପ୍ରକୋଷ୍ଠରେ ପ୍ରବେଶ କଲେ । ଏଥର ବିଚାରପତି ଶାଶୁଙ୍କୁ ବୋହୂ ଅଭିଯୋଗର ପ୍ରତିକ୍ରିୟା ପଚାରିଲେ । ସେ କହିଲେ – ଆଜ୍ଞା ! ମୁଁ ପୁରୁଣାକାଳିଆ ଲୋକ । ବହୁତ କଷ୍ଟରେ ବାପଛେଉଣ୍ଡ ପୁଅକୁ ଖୁଆଇ ପିଆଇ ପଢ଼େଇ ଲେଖେଇ ବଡ଼ କରିଛି । ପୁଅ ବୋହୂ ଭଲରେ ରହିବା ମୋତେ ଲୋଡ଼ା । ମୁଁ କିଛି କହେନି ବାବୁ । କେବେ କେମିତି କହେ । ଚପଲ ପିନ୍ଧି ରୋଷେଇ ଘରକୁ ଗଲାରୁ ମୁଁ ସିମିତି ଯିବାର ନାହିଁ ବୋଲି କହିଲି । ଘରକୁ କିଏ ଆସିଲେ ମୁଣ୍ଡରେ ଟିକେ ଓଢ଼ଣା ଦେ ବୋଲି କହିଲି । ଇମିତି ଟିକେ ଟିକେ କଥାରେ ମୋ ବୋହୂମା ରାଗି ଯାଉଛି । ବାବୁ ହାତଯୋଡ଼ି କହୁଛି ସେମାନେ ଭଲରେ ରହିବା ହିଁ ଚାହୁଁଛି ।

ଏତିକିରେ ଉତ୍‌କ୍ଷିପ୍ତ ହୋଇ ବୋହୂ କହିଲା – ମୁଁ ରୋଷେଇ କରିପାରିବିନି । ଲୁଗା ସଫା କରିପାରିବିନି । ଘର ଝାଡୁ କି ସଫାସଫି କରିପାରିବିନି । ଏତେ କାମ ମୁଁ କରିପାରିବିନି । ମୁଁ ଅଧ୍ୟାପିକା । ଶାଶୁ କହିଲେ – ହଉ ଲୋ ମାଆ ! ଏଥର ମୁଁ ଘରର ସବୁ କାମ କରିବି । କିନ୍ତୁ ପୁଅ ବୋହୂ ତୁମେ ଏକାଠି ରହିବା ମୋତେ ଲୋଡ଼ା । ଶେଷ ଧାଡ଼ିକୁ ବାରମ୍ବାର କହୁଥାଏ ଶାଶୁ ବହୁତ କାକୁତିମିନତି ହୋଇ । ଏମିତିରେ ତର୍କବିତର୍କ ଚାଲିଥାଏ । ପୁଅ କିନ୍ତୁ ପାଟି ଖୋଲୁ ନ ଥାଏ । ସମସ୍ତ ଘଟଣାରେ ପୁଅର ନୀରବତା ଆହୁରି ଉତ୍କଟ କରୁଥାଏ ସମସ୍ୟାକୁ । ଶାଶୁ ବିଚାରପତିଙ୍କ ସବୁ ଉପଦେଶକୁ ଅକ୍ଳେଶରେ ମାନି ନେଉଥିଲେ । ବୋହୂ କିନ୍ତୁ ନିଜର ଆତ୍ମବଡ଼ିମା ସହ ବିଚାରପତିଙ୍କ କଥା ଶୁଣି ପୁଣି ଅବାନ୍ତର ଅଭିଯୋଗ ସବୁ ଯୋଡ଼ି ଚାଲିଥାଏ । ମୋଟାମୋଟି ଭାବେ ବିଚାରପତିଙ୍କ ସମେତ ଉପସ୍ଥିତ ସମସ୍ତେ ବୁଝିଗଲେ ଯେ ଝିଅ ତଥା ଝିଅ ଘର ପକ୍ଷର ଅହଂଭାବ ଯୋଗୁ ସମସ୍ୟା ଏଭଳି ସ୍ତରକୁ ଆସିଛି । ଧୈର୍ଯ୍ୟଚ୍ୟୁତ ହୋଇ ବିଚାରପତି ଏଥର ଉତ୍‌କ୍ଷିପ୍ତ ହୋଇ ପୁଅକୁ କହିଲେ – କ'ଣ ହେ ବାବୁ ! ଏତେ ସମୟ ଧରି ତୁମ ମାଆ ଉପରେ ଅଭିଯୋଗ ପରେ ଅଭିଯୋଗ ଲଦି ଚାଲିଛି ତୁମ ସ୍ତ୍ରୀ ଅଥଚ ତୁମ ପାଟିରୁ କଥା ବାହାରୁନି । ଯାଙ୍କୁ ଡିଭୋର୍ସ ଦେଲେ କ'ଣ ତୁମକୁ ସ୍ତ୍ରୀ ମିଳିବନି ? ତଥାପି ପୁଅ କିଛି କହିଲାନି । ଉଭୟପକ୍ଷକୁ ପୁଣି ଥରେ ସୁଯୋଗ ଦେବା ଲାଗି ଶେଷରେ ପରବର୍ତ୍ତୀ ବିଚାର ଯାଏ ଅପେକ୍ଷା କରିବାକୁ ନିର୍ଦ୍ଦେଶ ଦେଲେ ଅଦାଲତ । ଯିଏ ଯାହା ଘରକୁ ଚାଲିଲେ ।

ଠିକ୍ ସପ୍ତାହ ପରେ ଦେଖାଗଲା ଝିଅ ଓ ଝିଅର ବାପା ଆସି ଅଦାଲତ ଆଗରେ ବିଚାରପତିଙ୍କୁ ଅପେକ୍ଷା କରିଛନ୍ତି । ଏକଥା ବେଞ୍ଚ କ୍ଲର୍କ ଦେଖି ବିଚାରପତିଙ୍କୁ ଖବର ଦେବାରେ ପ୍ରଥମେ ବିଚାରପତି ହସିଲେ । ହସିବାର ରହସ୍ୟ ପଚାରିବାରେ ସେ କହିଲେ– ମୁଁ ଯେଉଁ କେଞ୍ଚ ଦେଲି ଶେଷରେ ତା'ର ଏଇଟା ଫଳ ! କାଉନସେଲିଂ ଗୋଟେ ପକ୍ଷକୁ ନେଇ ହୁଏନି କେବେ ! ବିଚାରପତିଙ୍କ ନିର୍ଦ୍ଦେଶରେ ପୁଣି ଆଉ ଏକ ଦିନ ସମସ୍ତଙ୍କୁ ଆମନ୍ତ୍ରଣ କରି ଆଲୋଚନା ହେଲା । ବୋହୂର ସ୍ୱର କମିଯାଇଥାଏ । ଛାଡ଼ପତ୍ରର ମୋହଭଙ୍ଗ ହୋଇସାରିଥିଲା ତା'ର । ଶାଶୁ ସବୁ କାମ କରିବି ବୋଲି ପ୍ରତିଶ୍ରୁତି ଦେବା ସତ୍ତ୍ୱେ କିନ୍ତୁ ଶେଷରେ ବୋହୂ ଗୋଟେ ଜିଦ୍ ଦି କଲା – ମୁଁ ସେ ଘରକୁ ଯାଇ ରହିବି ଗୋଟେ ସର୍ତ୍ତରେ । ସର୍ତ୍ତ ହେଲା ଶାଶୁ ରହିଲେ ସେ ଘରେ ରହିବିନି । ତା'ର କଥା ସରି ନ ଥାଏ ସମସ୍ତଙ୍କୁ ଚମକେଇ ବୁଢ଼ୀ ମାଆ ବିଚାରପତିଙ୍କୁ କହିଲେ – ହଉ ବାବୁ ! ପୁଅ ବୋହୂ ରୁହନ୍ତୁ ଏକାଠି । ସୁଖରେ ରୁହନ୍ତୁ । ମୁଁ ନ ହେଲେ ରହିବିନି । ମାତୃତ୍ୱର ଚରମ ପରାକାଷ୍ଠା ଦେଖି ଚକିତ ହୋଇଗଲେ ବିଚାରପତି ଓ ଅନ୍ୟମାନେ । ବିଚଳିତ ହୋଇ ବିଚାରପତି ପଚାରିଲେ – ଏ ବୟସରେ କୋଉଠି ରହିବ ! ବୁଢ଼ୀ ମାଆ କହିଲେ – ବାବୁ ପୁଅ ବୋହୂ ଖୁସିରେ ରହିଲେ ହେଲା । ମୋର କ'ଣ ଅଛି ପୁରୀ ପଳେଇବି ! ସ୍ତ୍ରୀର ସବୁ ସର୍ତ୍ତକୁ ଏତେବେଳେ ଯାଏ ମୁଣ୍ଡପାତି ହଁ ହଁ ମାରି ଚାଲିଥିବା ପୁଅର ମତାମତ ଲୋଡ଼ିବାରୁ ପୁଅ ଉତ୍ତର ଆହୁରି ନିର୍ବାକ କରିଦେଲା ସମସ୍ତଙ୍କୁ । ପୁରୀରେ ଘରଭଡ଼ା ବାହାର କରି ମାଆର ସେଠି ରହିବା ସମସ୍ତ ଖର୍ଚ୍ଚ ବହନ କରିବି ବୋଲି କହିବା ପରେ ସମସ୍ତଙ୍କ ହୃଦୟ ମଛି ହୋଇଗଲା । ବିବଶ ବିଚାରପତିଙ୍କ ନିକଟରେ କିଛି ଚାରା ନ ଥିଲା ଆଉ । ଗୋଟେ ଘର ବସେଇବା ଲାଗି ବାଧ୍ୟ ହୋଇ ବୋହୂକୁ କହିଲେ – ପୁଅ ଓ ମାଆ ଭିତରେ ତୁମେ ପାଚେରି ଟାଣି ପାରିବନି କେବେ । ମାଆ ଯେବେ ଚାହିଁବେ ଆସି ପୁଅକୁ ଦେଖିପାରିବେ । ଆଉ ପୁଅ ବି ମାଆକୁ ଦେଖା କରିବାକୁ ନିୟମିତ ବ୍ୟବଧାନରେ ଯିବା ବାଧ୍ୟ । ବୁଢ଼ୀ ମାଆର ଅସୁବିଧା ହେଲେ ପୁଅ ବୋହୂ ଉଭୟେ ଦାୟୀ ରହିବେ । ଉଭୟପକ୍ଷର ରାଜିନାମା ସରିବା ପରେ ଅତ୍ୟନ୍ତ ନିର୍ମାୟା ବୁଢ଼ୀ ମାଆ କହିଲେ – ବାବୁରେ ମୋତେ ପୁରୀ ବସରେ ବସେଇ ଦେ ! ଏଥର ସମସ୍ତଙ୍କ ଆଖିରେ ଝରୁଥିଲା ଲୁହ । କେବଳ ବୋହୂ ଆଖିରେ ଝଲସୁଥିଲା ବିଜୟର ପୁଲକ । ଏଇ ତମାମ ପ୍ରସଙ୍ଗ ଦେଖିଲା ପରେ ହୁଏତ ଆମେ କହିପାରିବା ସବୁ ଶାଶୁମାନେ ପର ଘର ଝିଅକୁ ଭିନ୍ନ ଦୃଷ୍ଟିରେ ଦେଖନ୍ତିନି । ନିର୍ଯାତନା ଦେଇ ସୁଖ ପାଆନ୍ତିନି । ଯୁଗେ ଯୁଗେ ଆମ ସମାଜ ଶାଶୁ ଚରିତ୍ରକୁ କଦର୍ଯ୍ୟ ସ୍ଥିତିରେ ରଖି ଆସିଛି । କିନ୍ତୁ ଶାଶୁ ଭିତରେ ବି ଖାଣ୍ଟି ମାଆମାନେ ରହିଥାନ୍ତି । ଆବଶ୍ୟକ ପଡ଼ିଲେ ପିଲାମାନଙ୍କ ପାଇଁ ସବୁ କିଛି ତ୍ୟାଗ କରିବାକୁ ପଛାନ୍ତି ନାହିଁ । କାରଣ ମାଆର ବିକଳ୍ପ ହିଁ ନାହିଁ ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ –୯୪୩୭୯୦୯୬୭୧

## ଏଇ ଭାରତରେ

କୃଷି ଛାଡ଼ି ଚାକିରି କରିବାକୁ ଅନେକେ ପସନ୍ଦ କରୁଥିବାବେଳେ ଏସ୍.ଶିବଗଣେଶ ଚାକିରି ଛାଡ଼ି ଚାଷରେ ଲାଗିଛନ୍ତି । ୨୦୦୬ରେ ସେ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ରାଜସ୍ଥାନର ଏକ ଆଣବିକ ଶକ୍ତି କେନ୍ଦ୍ରରେ ଚୁକ୍ତିଭିତ୍ତିକ ଚାକିରି କରିଥିଲେ । ୨୦୧୦ରେ ତାହାକୁ ଛାଡ଼ି ତାଙ୍କ ଗାଁ ମୀନାକ୍ଷିପୁରମ୍‌କୁ ଫେରି ଆସିଥିଲେ । କେରଳ ଓ ତାମିଲନାଡୁ ସୀମାରେ ଥିବା ଏହି ଗାଁରେ ଏବେ ଶିବଗଣେଶ ୬ ଏକର ଜମିରେ ଜୈବିକ ଚାଷ ଆରମ୍ଭ କରୁଛନ୍ତି । ସେ ମୁଖ୍ୟତଃ ଆମ୍ବ ଓ ଜାଇଫଳ ଉତ୍ପାଦନ କରିବା ସହ ୧୬୦୦ ନଡ଼ିଆ ଗଛ ଲଗାଇଛନ୍ତି । ହଳଦୀ, ଗୋଲମରିଚ, ଗୁଆ ଓ ନଡ଼ିଆ ଚାଷ ମଧ୍ୟ କରୁଛନ୍ତି । ମୋଟରେ ସେ ବର୍ଷକୁ ପାଖାପାଖି ୧୩ ଲକ୍ଷ ଟଙ୍କା ଲାଭ ପାଉଛନ୍ତି । ଏଥିପାଇଁ ତାଙ୍କୁ ରାଜ୍ୟ ସରକାର କେରା କେଶରୀ ପୁରସ୍କାରରେ ସମ୍ମାନିତ କରିଛନ୍ତି । ଶିବଗଣେଶ ସିଞ୍ଚନ ପଦ୍ଧତିରେ ଜଳସେଚନ କରିବା ସହ ଏହା ମାଧ୍ୟମରେ ଜୈବିକ ସାର ପ୍ରୟୋଗ( ଫର୍ଟିଗେସନ) କରୁଛନ୍ତି । ସେ ତାଙ୍କ ଫାର୍ମରେ ବର୍ଷାଜଳ ସଂରକ୍ଷଣ କରି ଦୁଇଟି ପୋଖରୀ ନିର୍ମାଣ କରି ସେଥିରେ ମାଛ ଚାଷ ମଧ୍ୟ କରୁଛନ୍ତି ଓ ଫାର୍ମରେ ଥିବା ନର୍ସରିରେ ଆମ୍ବ ଓ ଜାଇଫଳ ଚାରା ବିକ୍ରି କରୁଛନ୍ତି ।

## ଚିରନ୍ତନୀ

ପୀରତି ଯଥା କହିବା କଥା
କେବଳ ଦେହ–ତୃଷ୍ଣା
ଅମର ହେବା ତେସନ ଖାଲି ମିଛ,
କବିତା ଯଥା ମାନସ–ଭୁଲା
ଭାଷାର ଏକ ଭୂଷା
ନୋହିଲେ ସେ ଯେ ଗଦ୍ୟ ତହୁଁ ନୀଚ !
–(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଇସ୍ରାଏଲ ଓ ପାଲେଷ୍ଟାଇନ୍ ସଂଘର୍ଷ

ମହାଶୟ,

ଇସ୍ରାଏଲର ଲୋକସଂଖ୍ୟା କୋଟିଏ ସରିକି ହେବ । କେହି କେହି କହୁଛନ୍ତି ୮୫ ଲକ୍ଷ । ଏ ଦେଶ ବର୍ତ୍ତମାନ କୋଭିଡ୍ ମହାମାରୀଠାରୁ ମୁକ୍ତିଲାଭ କରି ସାରା ବିଶ୍ୱରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଛି । ୧୯୪୮ରୁ ଜାତିସଂଘର ମାନ୍ୟତା ପରେ ନିଜର ଅଦମ୍ୟ ସାହସିକତା ବଳରେ ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହୋଇପାରିଛି । ବର୍ତ୍ତମାନ ଏହା ଏପରି ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ର ବିଶ୍ୱର ଅନ୍ୟ ରାଷ୍ଟ୍ରମାନେ ଏହାର ସମକକ୍ଷ ହୋଇପାରୁନାହାନ୍ତି । ଇସ୍ରାଏଲବାସୀ ହେଉଛନ୍ତି ଇହୁଦୀ ସଂପ୍ରଦାୟର । ଏମାନେ ବିଶ୍ୱର ବିଭିନ୍ନ ଦେଶରେ ଯାଯାବର ସଦୃଶ ବସବାସ କରୁଥିଲେ । ପରେ ସେମାନେ ଏକତ୍ର ହୋଇ ପାଲେଷ୍ଟାଇନରେ ବାସ କରି ଏକ ଶକ୍ତିଶାଳୀ ସାର୍ବଭୌମ ରାଷ୍ଟ୍ରରେ ପରିଣତ କରିପାରିଛନ୍ତି । ସାମରିକ ଶକ୍ତିରେ ଇସ୍ରାଏଲ ରାଷ୍ଟ୍ର ଅପରାଜେୟ । ପାଲେଷ୍ଟାଇନ ଭାଗ ଭାଗ ହୋଇ ଇସ୍ରାଏଲ ରାଷ୍ଟ୍ର ଗଠନ ହେବା ପରଠାରୁ ପାଲେଷ୍ଟାଇନ ସହ ରକ୍ତାକ୍ତ ସଂଘର୍ଷ ଆଜି ପର୍ଯ୍ୟନ୍ତ ଜାରି ରହିଛି । ଉଭୟ ପକ୍ଷର ବହୁ ଲୋକ ମୃତାହତ ହେଉଛନ୍ତି । ଏହା ଯେ ଭବିଷ୍ୟତରେ ବିଶ୍ୱଯୁଦ୍ଧର ବିଭୀଷିକା ସୃଷ୍ଟି ନ କରିବ କିଏ କହିବ । ଜାତିସଂଘ ଏଥିରେ ହସ୍ତକ୍ଷେପ କରି ଶାନ୍ତି ଫେରାଇ ଆଣୁ ।

–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୩୦ ହଜାର ପରିବାରକୁ ମିଳିବ ମାସ୍କ ଓ ସାବୁନ

**ନିଶ୍ଚିନ୍ତକୋଇଲି, (ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକର ୨୭ ପଞ୍ଚାୟତର ପ୍ରାୟ ୩୦ ହଜାର ରାଶନକାର୍ଡ ହିତାଧିକାରୀଙ୍କୁ ମିଳିବ ମାସ୍କ ଓ ସାବୁନ। ଏନେଇ ମନ୍ତ୍ରୀ ପ୍ରତାପ ଜେନା ନିଜ ବିଧାୟକ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଛନ୍ତି। ପ୍ରତ୍ୟେକ ପରିବାରକୁ ୪ ମାସ୍କ ଓ ୨ଟି ସାବୁନ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ ଅଧକ୍ଷା ସବିତା ଓଝା ବ୍ଲକ କାର୍ଯ୍ୟାଳୟରେ ଏହି ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଉତ୍ସବରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର, ଉପାଧକ୍ଷା ସବିତା ମହାନ୍ତି, ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳୀ ପଣ୍ଡା, ସାମାଜିକ କର୍ମୀ ଗିରିଶ ମହାପାତ୍ର ଓ ଅଶୋକ ଓଝା ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ନାବାଳିକା ଅପହରଣ ଅଭିଯୋଗ

**ଖୁଣ୍ଟୁଣୀ, ୧।୬(ଡି.ଏନ.ଏ.):** ଗୁରୁଡ଼ିଝାଟିଆ ଥାନା ଅଧୀନ କୁମାରପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୬୦/୨୧) ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, ଗତ ୨୦ ତାରିଖ ସନ୍ଧ୍ୟାରେ ନାବାଳିକା ଘରେ ଏକୁଟିଆ ଥିବାବେଳେ ଉକ୍ତ ଗ୍ରାମର ଜଣେ ଯୁବକ ତାଙ୍କୁ ଅପହରଣ କରିନେଇଥିଲେ। ପରେ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନ ପାଇବାରୁ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ।

### ଆଶା, ଅଙ୍ଗନୱାଡ଼ି କର୍ମୀଙ୍କୁ ଥର୍ମାଲ ସ୍କାନର, ଅକ୍ସିମିଟର ବଣ୍ଟନ

**ବାଙ୍କୀ,୧।୬(ସ୍ୱ.ପ୍ର.) :** ବାଙ୍କୀ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବାଙ୍କୀ ବ୍ଲକର ୧୧୬ ଆଶାକର୍ମୀ ଓ ୧୮୨ ଅଙ୍ଗନୱାଡି କର୍ମୀ ଏବଂ ଡମପଡ଼ା ବ୍ଲକର ୯୪ ଆଶା କର୍ମୀ ଓ ୧୭୦ ଅଙ୍ଗନୱାଡିକର୍ମୀଙ୍କୁ ଅକ୍ସିମିଟର ଓ ଥର୍ମାଲ୍ ସ୍କାନର ବିଧାୟକ ପାଣ୍ଠିରୁ ବଣ୍ଟନ କରାଯାଇଛି। ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଏସବୁ ଉପକରଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡମପଡ଼ା ତହସିଲଦାର କ୍ଷୀତିଶ୍ ବେହେରା, ଡମପଡ଼ା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା, ବାଙ୍କୀ ଉପଖଣ୍ଡ ଚିକିତ୍ସା ଅଧିକାରୀ ମୃତ୍ୟୁଞ୍ଜୟ ମହାପାତ୍ର ଓ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିଶ୍ୱଜିତ୍ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ବନୀକରଣ ମହୋତ୍ସବ

**ଫୁଲନଖରା,୧।୬(ଡି.ଏନ.ଏ.):** ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଜନ୍ମେଜୟପୁର ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ବନୀକରଣ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଉଦ୍ୟୋକ୍ତା ନାରାୟଣ ଦାସଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର କୌଶିକ୍ ଜେନା, ସୁକାନ୍ତ ଭୋଇ, ଭାଜପା ଯୁବନେତା ଆଲୋକ ମହାନ୍ତି, ସାମାଜିକ କର୍ମୀ କାନନ ବିହାରୀ ନାୟକ, ସତ୍ୟସୁନ୍ଦର ମହାନ୍ତି, ଲକ୍ଷ୍ମୀଧର ଦାଶ, ପ୍ରଦୀପ କୁମାର ଜେନା ଓ ମୁକେଶ ମଲ୍ଲିକ ପ୍ରମୁଖ ସରକାରୀ ଜାଗାରେ ବୃକ୍ଷରୋପଣ କରିଥିଲେ। ଏଥିରେ ସେମାନଙ୍କୁ ଜନ୍ମେଜୟପୁର ଗ୍ରାମର ଯୁବକ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ୪ ଗୁରୁତର

**ଭୁବନେଶ୍ୱର,୧।୬(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଧୀନ ଭିଏସ୍ଏସ୍ ନଗର ଶିକ୍ଷାଞ୍ଚଳ ସ୍କୁଲ୍ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଟ୍ରକ୍ ଏବଂ ଅଟୋ ମୁହାମୁହିଁ ଧକ୍କା ହେବାରୁ ଉଭୟ ଡ୍ରାଇଭରଙ୍କ ସମେତ ଦୁଇଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଲୋକେ ଉଦ୍ଧାର କରି ମେଡ଼ିକାଲ ପଠାଇଥିଲେ।

### କୋଭିଡ୍ କେୟାର ସେଣ୍ଟର ଉଦ୍‌ଘାଟିତ

**ବଡ଼ମ୍ବା,୧।୬(ଡି.ଏନ.ଏ.):** ବଡ଼ମ୍ବାରେ ମଙ୍ଗଳବାର ୫୦ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟର ଉଦ୍‌ଘାଟିତ ହୋଇଛି। ସେଣ୍ଟରରେ ଅକ୍ସିଜେନ୍‌ର ବ୍ୟବସ୍ଥା ସହ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଜିଲା ମୁଖ୍ୟ କୋଭିଡ ନୋଡାଲ ଅଧିକାରୀ ଡ.ଉମେଶ ରାୟ, ଲୋକନାଥ ପାତ୍ର, ଡ. ବିଶ୍ୱନାଥ ଆକେ ଓ ବଡ଼ମ୍ବା ବ୍ଲକ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ ଉପସ୍ଥିତ ଥିଲେ।

### ଖବରକାଗଜ ବିକ୍ରେତା ଲକ୍ଷ୍ମଣ ଘୋଷଙ୍କ ପରଲୋକ



**କଟକ ଅଫିସ, ୧।୬:** ଖବରକାଗଜ ବିକ୍ରେତା ଲକ୍ଷ୍ମଣ ଘୋଷ(୬୨)ଙ୍କର କଟକ ସେଲ୍‌ଟର ଛକ ନେତାଜୀନଗରସ୍ଥିତ ତାଙ୍କ ବାସଭବନରେ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ୪୦ ବର୍ଷ ଧରି ଖବରକାଗଜ ବିକ୍ରେତା ଭାବେ କାର୍ଯ୍ୟ କରୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ଦୁଇ ଝିଅ, ଦୁଇ ଭାଇ ଉପସ୍ଥିତ ଥିଲେ। ସତୀଚଉରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ଝିଅ ଶିଳ୍ପା ମୁଖାଗ୍ନି ଦେଇଥିଲେ। ଲକ୍ଷ୍ମଣଙ୍କ ପରଲୋକରେ ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘ ସଭାପତି ବିଜୟ କୁମାର ପଢ଼ିହାରୀ, ଦୁର୍ଗାପ୍ରସାଦ ଛାଟୋଇ, ଶ୍ରୀନିବାସ ରେଡ୍ଡୀ, ରତ୍ନାକର ପ୍ରଧାନ, ଅକ୍ଷୟ ମହାନ୍ତି, ମନୋଜ ପାଲ, ସନ୍ତୋଷ ମହାନ୍ତି, ହିମାଂଶୁ ମହାପାତ୍ର, ପ୍ରଶାନ୍ତ ସାହୁ ଓ ପ୍ରଭାସ ପ୍ରଧାନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଚିକିତ୍ସା ଅବହେଳାରୁ ବାଳକଙ୍କ ମୃତ୍ୟୁ ଅଭିଯୋଗ

କଟକ ଅଫିସ, ୧।୬

କଟକ ଶିଶୁଭବନରେ ମଙ୍ଗଳବାର ଜଣେ ବାଳକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଚିକିତ୍ସା ଅବହେଳା ଅଭିଯୋଗ କରି ମୃତକଙ୍କ ପରିବାର ଲୋକେ ମେଡିକାଲ ପରିସରରେ ହୋହଲ୍ଲା କରିଥିଲେ। ଶିଶୁଭବନ ସୁପରିଣ୍ଟେଣ୍ଡେଣ୍ଟ ଜ୍ଞାନେନ୍ଦ୍ର ବେହେରା ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ରାପଡା ଏଣ୍ଡର ଗ୍ରାମ ଗଣେଶ ଦଳାଇଙ୍କ ଶୁଭଶମ୍ଭୁ ଦଳାଇ(୯)ଙ୍କର ବାତ ରୋଗ ଦେଖାଦେବାରୁ ପରିବାର ଲୋକେ ତାଙ୍କୁ ଗତ ଏପ୍ରିଲ୍ ୧୬ ତାରିଖରେ ଶିଶୁଭବନରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଠିକ୍ ଭାବେ ଚିକିତ୍ସା କରାଯାଉ ନ ଥିବାବେଳେ ଚିକିତ୍ସା ସମ୍ପର୍କରେ ସୂଚନା ମଧ୍ୟ ଦିଆଯାଉ ନ ଥିଲା। ଡାକ୍ତର ଚିକିତ୍ସାରେ ଅବହେଳା କରିବାରୁ ଶୁଭଶମ୍ଭୁଙ୍କ ମୃତ୍ୟୁ ଘଟିଥିବା ତାଙ୍କ ମଉସା ସୁବୋଧ କୁମାର ବେହେରା ଅଭିଯୋଗ କରିଛନ୍ତି।



ବାଳକଙ୍କ ମୃତ୍ୟୁକୁ ନେଇ ଦୁଃଖରେ ଭାଙ୍ଗିପଡ଼ିଥିବା ପରିବାର ସଦସ୍ୟ।

### ଶିଶୁଭବନ ପରିସରରେ ଉତ୍ତେଜନା

ଏ ସମ୍ପର୍କରେ ଶିଶୁଭବନ ସୁପରିଣ୍ଟେଣ୍ଡେଣ୍ଟ ବେହେରା କହିଛନ୍ତି, ଶୁଭଶମ୍ଭୁଙ୍କ ମସ୍ତିଷ୍କରେ ସମସ୍ୟା ରହିଥିଲା। ପ୍ରଥମେ ତାଙ୍କୁ ଆମେ ୱାର୍ଡରେ ରଖି ଚିକିତ୍ସା କରୁଥିଲୁ। ଔଷଧ ଦେବା ସହ ସବୁ ପ୍ରକାରର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ଆଇସିୟୁରେ ଭର୍ତ୍ତି କରିଥିଲୁ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଚିକିତ୍ସାରେ କୌଣସି ଅବହେଳା କରାଯାଇନାହିଁ ବୋଲି ବେହେରା କହିଛନ୍ତି।

# ଗବେଷଣା ସଂସ୍କୃତି ବ୍ୟାପକ କରିବାକୁ ଆହ୍ୱାନ

ଭୁବନେଶ୍ୱର, ୧।୬(ବ୍ୟୁରୋ)

ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଗବେଷଣାକୁ ଅଧିକ ବ୍ୟାପକ ଓ ଗବେଷଣା ସଂସ୍କୃତିକୁ ଆଗେଇ ନେବା ଦିଗରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନା ଏକ ସମୟୋପଯୋଗୀ ପଦକ୍ଷେପ। ଯୁବପିଢ଼ୀଙ୍କୁ ଏହା ଅଧିକ ଦକ୍ଷ କରିବା ସହ ସେମାନଙ୍କ ଗବେଷଣା ଲବ୍ଧ ଜ୍ଞାନ ଜନସାଧାରଣଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ସହାୟକ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ମଙ୍ଗଳବାର ବିଭାଗ ପକ୍ଷରୁ ଆୟୋଜିତ ଭର୍ଚ୍ଚୁଆଲ ବୈଠକରେ ମନୋନୀତ ରିସର୍ଚ୍ଚ ସ୍କଲାରମାନଙ୍କ ସହିତ ଆଲୋଚନା କରିବା ଅବସରରେ ମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି, ମାନବ ସମାଜ ଦିନକୁ ଦିନ ନୂଆ ଆହ୍ୱାନର ସମ୍ମୁଖୀନ ହେଉଛି। କୋଭିଡ୍ ମହାମାରୀ ଯୋଗୁ ସାରା ବିଶ୍ୱ ଏକ ଅସ୍ୱାଭାବିକ ପରିସ୍ଥିତି ଦେଇ ଗତି କରୁଛି। ଆମ ରାଜ୍ୟକୁ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡୁଛି। ଏପରି କ୍ଷେତ୍ରରେ ଗବେଷଣା ଲବ୍ଧ ଜ୍ଞାନ ଯେପରି ମାନବ ସମାଜ କଲ୍ୟାଣରେ ଲାଗିପାରିବ ସେଥିନିମନ୍ତେ ଯୁବ ଗବେଷକମାନେ ବିଶେଷ ଧ୍ୟାନ ଦେବା ଉଚିତ। ବୈଠକ ପ୍ରାରମ୍ଭରେ ଉଚ୍ଚ ଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ଅଭିଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପ୍ରଫେସର ସୁସ୍ମିତ ପ୍ରସାଦ ପାଣି, ପ୍ରଫେସର ଅତନୁ କୁମାର ପତିଙ୍କ ସମେତ ରିସର୍ଚ୍ଚ ସ୍କଲାରମାନେ ଯୋଗଦେଇ ସେମାନଙ୍କ ମତ ବିନିମୟ କରିଥିଲେ।

# କଟକ ଡିଇଓ ଦାୟିତ୍ୱ ନେଲେ କୃଷ୍ଣଚନ୍ଦ୍ର

### ଯୋଗଦେଲେ ତିନି ସହକାରୀ ଶିକ୍ଷା ଅଧିକାରୀ

କଟକ ଅଫିସ,୧।୬

କଟକ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି କୃଷ୍ଣଚନ୍ଦ୍ର ନାୟକ। ଏହା ପୂର୍ବରୁ ସେ ଯାଜପୁର ଜିଲା ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଏଥିସହ ଡ. ସନ୍ତୋଷ କୁମାର ରାଉତ, ସୋନାମିକା ରାୟ ଓ ଦୀପ୍ତିମୟୀ ଶୁଭଦର୍ଶିନୀ ସହକାରୀ ଶିକ୍ଷା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଡ. ରାଉତ ଭୁବନେଶ୍ୱରର ଗୋଷ୍ଠୀ ଶିକ୍ଷା ଅଧିକାରୀ, ସୋନାମିକା ଭୁବନେଶ୍ୱର ୟୁନିଟ-୩ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଦୀପ୍ତିମୟୀ କଟକ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଏଥିସହ ଭାରପ୍ରାପ୍ତ କଟକ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଅଜୟ କୁମାର ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡ଼ିଶା ଶିକ୍ଷା ସେବା ଅଧିକାରୀମାନଙ୍କର ପଦୋନ୍ନତି ଓ ସ୍ଥାନାନ୍ତର ପରେ ମଙ୍ଗଳବାର ଏହି ଅଧିକାରୀମାନେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

# ପୂର୍ବାହ୍ନ ୯ ପରେ ମାଲ୍‌ଗୋଦାମକୁ ବାଇକ୍ ମନା

କଟକ ଅଫିସ,୧।୬

କଟକ ସହରର ଦୋକାନ ବଜାରରେ ଲୋକଙ୍କ ଗହଳି ଲାଗିରହୁଛି। ବିଶେଷକରି ବ୍ୟବସାୟିକ ପେଣ୍ଠସ୍ଥଳ ମାଲଗୋଦାମରେ ନାହିଁ ନ ଥିବା ଭିଡ ଦେଖିବାକୁ ମିଳୁଛି। ଏଠାରେ ଭିଡ ନିୟନ୍ତ୍ରିତ ପାଇଁ କଟକ ବଣିକ ସଂଘ ପକ୍ଷରୁ ମଙ୍ଗଳବାରଠାରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୋଲିସ ସହାୟତାରେ ସଂଘ ପକ୍ଷରୁ ମାଲଗୋଦାମରେ ଯାନବାହନ ପ୍ରବେଶ ଉପରେ କଟକଣା ଲାଗୁ କରାଯାଇଛି। କେବଳ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଦୁଇଚକିଆ ଗାଡିକୁ ପ୍ରବେଶ ପାଇଁ ଅନୁମତି ମିଳିବ। ବାଇକ୍ ନେଇ ଗୋଦାମ ଆସୁଥିବା ଲୋକମାନେ ଫାଣ୍ଡି ନିକଟରେ ବାଇକ୍ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି। ୯ଟା ପରେ ମାଲ୍ ନେବା ପାଇଁ ୩/୪ ଚକିଆ ଗାଡ଼ି ପ୍ରବେଶ କରିବାକୁ ଦିଆଯିବ ବୋଲି ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ କହିଛନ୍ତି।



ମାଲ୍‌ଗୋଦାମ ଭିତରକୁ ନ ଯିବା ପାଇଁ ପୋଲିସ ଗାଡି ଚାଳକଙ୍କୁ ଅଟକାଉଛି।

# ୪୦୦ ଆଇନଜୀବୀ, କର୍ମଚାରୀ ନେଲେ କୋଭିଡ୍ ଟିକା

ଭୁବନେଶ୍ୱର,୧।୬(ବ୍ୟୁରୋ)

ଭୁବନେଶ୍ୱର ଓକିଲ ସଂଘର ୧୮ରୁ ୪୪ ବର୍ଷୀୟ ୪୦୦ଜଣ ସଦସ୍ୟ ଓ ସେମାନଙ୍କ କ୍ଲର୍କ, ଷ୍ଟେନୋ, ଟାଇପିଷ୍ଟ, ଓ ମୋହରିରମାନେ ମଙ୍ଗଳବାର କୋଭିଡ ଟିକା ନେଇଛନ୍ତି। ଓକିଲ ସଂଘ ହଲ୍‌ରେ ବିଏମ୍‌ସି ତରଫରୁ ଟିକାକରଣ ବ୍ୟବସ୍ଥା କରାଯାଇଥିବାବେଳେ ସକାଳ ୧୦ଟାରୁ ଅପରାହ୍ନ ୧ଟା ଓ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ମାସ୍କ, ସାମାଜିକ ଦୂରତା ସହ ଶାନ୍ତିଶୃଙ୍ଖଳାରେ ସଭିଏଁ ଟିକା ନେଇଥିଲେ।

# ସାହିତ୍ୟାୟନର ମାସିକ ଆଲୋଚନାଚକ୍ର

ଭୁବନେଶ୍ୱର, ୧।୬(ବ୍ୟୁରୋ)

ସାହିତ୍ୟାୟନ ପକ୍ଷରୁ ମାସିକ ଆଲୋଚନାଚକ୍ର ଜୟକୃଷ୍ଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ପୋଲିସ ପଦାଧିକାରୀ ତଥା ଲେଖକ ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଦ୍ୟ ପ୍ରକାଶିତ ଆତ୍ମଜୀବନୀ 'ଲାଲ୍ ଘୋଡାର ସଇସ' ଉପରେ ଆଲୋକପାତ କରାଯାଇଥିଲା। ଆମ ଜୀବନର ସାଧାରଣ ଘଟଣାବଳୀ ମଧ୍ୟରେ ସୂକ୍ଷ୍ମ ଓ ଚିରନ୍ତନ ରୂପ ଫୁଟାଇବାର ଦୃଷ୍ଟିଭଙ୍ଗୀ ହିଁ 'ଲାଲ୍ ଘୋଡାର ସଇସ'ର ମାନସ ଭୂମି ବୋଲି ମତ ପ୍ରକାଶ ପାଇଥିଲା। ଆଲୋଚନାଚକ୍ରରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟକ ଏବଂ ମୁଖ୍ୟ ଅତିଥି ଭାବେ ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ବସନ୍ତ କୁମାର ତ୍ରିପାଠୀ, ସମ୍ମାନିତ ବକ୍ତା ଭାବେ ଡ. ଦେବାଶିଷ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଡ. ପ୍ରମୋଦ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ। ସଭାରେ ବଂଶୀଧର ସେଠୀ, କ୍ଷଣପ୍ରଭା ମହାନ୍ତି, ଡ. ଜେନାମଣି ସଞ୍ଜୀବ କୁମାର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# ରୁଚି ପକ୍ଷରୁ ୪୦୦୦ ପରିବାରକୁ ରିଲିଫ ବଣ୍ଟନ

କଟକ ଅଫିସ୍,୧।୬

ବାତ୍ୟା ୟାସ ଦ୍ୱାରା ପ୍ରଭାବିତ ଭଦ୍ରକ ଓ ବାଲେଶ୍ୱର ଜିଲାର ମୋଟ ୪୦୦୦ ପରିବାରକୁ ରୁଚି ଶିଳ୍ପୋଦ୍ୟୋଗ ପକ୍ଷରୁ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। କମ୍ପାନୀର ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ବିପଦ ବେଳର ବନ୍ଧୁ ଟିମ୍ ଦ୍ୱାରା ଉଭୟ ଜିଲାର ୨୦୦୦ ଲେଖାଏଁ ପରିବାରକୁ ଏହି ରିଲିଫ ସାମଗ୍ରୀ ଯୋଗାଇ ଦିଆଯାଇଛି। ବାତ୍ୟାର ଦୁଇଦିନ ପରେ ଭଦ୍ରକର ଧାମରା ଓ ଦୋସିଙ୍ଗା ଅଞ୍ଚଳର ବିପନ୍ନଙ୍କୁ ସ୍ଥାନୀୟ ସରପଞ୍ଚ ପ୍ରିୟରଞ୍ଜନ ଜେନା, ପଞ୍ଚାୟତ ସମିତି ସଦସ୍ୟ ନରେନ୍ଦ୍ର ମାଇତି, ପିଇଓ ରଜନୀକାନ୍ତ ବଳ ଏବଂ ବାଲେଶ୍ୱରର ସୋର ବ୍ଲକରେ ସ୍ଥାନୀୟ ବିଡିଓ ସୁଶାନ୍ତ କୁମାର ବାରିକ ଓ ବାଲେଶ୍ୱର ସଦର ବ୍ଲକରେ ବିଡିଓ ନରେନ୍ଦ୍ର ଖମାରୀ, ଏବିଡିଓ ମାନସ କୁମାର ଚୌଧୁରୀ ପ୍ରମୁଖ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଅବସରରେ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁଙ୍କ ସହଯୋଗରେ ଲୋକ ସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁଙ୍କ ନେତୃତ୍ୱରେ ବରିଷ୍ଠ ସୂଚନା ଅଧିକାରୀ ଡ. ନିହାର ରଞ୍ଜନ ସାହୁ ଓ ବିଜନେସ ଡେଭେଲପମେଣ୍ଟ ଅଧିକାରୀ ମାନସ କୁମାର ବେହେରା ପ୍ରମୁଖ ମହାମାରୀ ଓ ବାତ୍ୟାରେ ପ୍ରଭାବିତ ଲୋକଙ୍କ ପାଖରେ ପହଞ୍ଚି ରିଲିଫ ସାମଗ୍ରୀ ପ୍ରଦାନ କରିଥିଲେ।




ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦୁର୍ଗାମାଧବ



@ ଜ୍ୟୋତିରଞ୍ଜନ



@ ରାଜେଶ



@ ବାଦଲ



@ ପ୍ରିୟଙ୍କା



@ ଉମାଶଙ୍କର

# ବ୍ରାଣ୍ଡେଡ୍ ଲୋଗୋରେ ନକଲି ଟିଭି

- ର୍ୟାକେଟ୍ ଠାବ, ୪ ଗିରଫ
- ୪ ଶୋରୁମ୍‌ରେ ଚଢ଼ାଉ, ୧୨୦ ଏଲଇଡି ଟିଭି ଜବତ

ଭୁବନେଶ୍ୱର,୧।୬(ବ୍ୟୁରୋ)

ରାଜଧାନୀରେ ଚାଲିଛି ନକଲି ଟିଭି କାରବାର। ନକଲି ଟିଭିରେ ଅସଲି ଲୋଗୋ ଲଗାଇ ଗ୍ରାହକଙ୍କୁ ଭୁଆଁ ବୁଲେଇ ବିକ୍ରି ହେଉଛି ନାମୀଦାମୀ ବ୍ରାଣ୍ଡର ଟିଭି। ମଙ୍ଗଳବାର ଏଭଳି ଏକ ଗ୍ୟାଙ୍ଗର ରହସ୍ୟ ଉନ୍ମୋଚନ କରିଛି କମିଶନରେଟ ପୋଲିସର ସ୍ପେଶାଲ ସ୍କାଡ୍‌ଟିମ୍। ଦୀର୍ଘଦିନ ଧରି ଏହି ର୍ୟାକେଟ୍ ରାଜଧାନୀ ଓ ଏହାର ଉପକଣ୍ଠ ଅଞ୍ଚଳକୁ ଏହି ନକଲି ଟିଭି ଚାଲାଣ କରୁଥିଲେ। ଏନେଇ ଖବର ପାଇବା ପରେ ଲକ୍ଷ୍ମୀସାଗର, ବଡ଼ଗଡ଼, ଏୟାରପୋର୍ଟ ଓ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ୪ଟି ଶୋ'ରୁମରେ ସ୍ପେଶାଲ ସ୍କାଡ୍ ଟିମ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ୧୨୦ଟି ନକଲି ଟିଭିକୁ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲକ୍ଷ୍ମୀସାଗର ନେତାଜୀ ମାର୍କେଟରେ ଥିବା ଖୁସି ଇଲେକ୍ଟ୍ରୋନିକ୍ସର ମାଲିକ ଟି. ପ୍ରଭାକର ରାଓ, ବଡ଼ଗଡ଼ ଟଙ୍କପାଣି ରୋଡ୍‌ରେ ଥିବା ସାଇ ଇଲେକ୍ଟ୍ରୋନିକ୍ସର ମାଲିକ ଶିବପ୍ରସାଦ ସାହୁ, ଏୟାରପୋର୍ଟ କାର୍ଗିଲ ବସ୍ତି ନିକଟରେ ଥିବା ଗଣପତି ଇଲେକ୍ଟ୍ରୋନିକ୍ସର ମାଲିକ ମାନସ ଜେନା ଏବଂ ମଞ୍ଚେଶ୍ୱର ଇଡ୍‌କୋ କଲୋନିରେ ଥିବା ୟୁନିଟେକ୍ ଇଲେକ୍ଟ୍ରୋନିକ୍ସର ମାଲିକ ଶାମିନ ଖାନ୍। ଏନେଇ ୪ଥାନାରେ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଏହି ଗ୍ୟାଙ୍ଗରେ ଆଉ କେଉଁମାନଙ୍କ ସମ୍ପୃକ୍ତି ଅଛି ସେନେଇ କମିଶନରେଟ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ପୋଲିସର କହିବା ଅନୁଯାୟୀ, ଏହି ନକଲି ଟିଭି ର୍ୟାକେଟର ମାଷ୍ଟରମାଇଣ୍ଡ ଟି. ପ୍ରଭାକର ରାଓ। ସେ କଲିକତାରୁ ନକଲି ଟିଭି ଆଣି ଅନ୍ୟମାନଙ୍କ ସହାୟତାରେ ରାଜଧାନୀରେ ଗ୍ରାହକଙ୍କୁ ବିକ୍ରି କରୁଥିଲେ।






ଗିରଫ ଅଭିଯୁକ୍ତ ଓ ଜବତ ନକଲି ଟିଭି।

### କେମିତି ଚାଲିଥିଲା ଠକେଇ

ଦେଶ ବାହାରୁ ସ୍ୱଳ୍ପ ମୂଲ୍ୟରେ ଟିଭି ବିଭିନ୍ନ ଯନ୍ତ୍ରାଂଶ ଆଣି ଏହାକୁ ବ୍ରାଣ୍ଡେଡ କମ୍ପାନୀର ଲୋଗୋ ଲଗାଇ ବିଭିନ୍ନ ରାଜ୍ୟକୁ ପଠାଯାଉଥିଲା। ବିଶେଷ କରି ଏହି ର୍ୟାକେଟ୍ କଲିକତାରୁ ଟିଭି ଉଠାଇବା ପରେ ଏକ ନିର୍ଦ୍ଦିଷ୍ଟ ବର୍ଗର ଗ୍ରାହକଙ୍କୁ ଜାଲରେ ଫସାଉଥିଲେ। ଯେଉଁମାନେ ଅଧିକ ମୂଲ୍ୟର ଟିଭି କିଣିବାକୁ ଅସମର୍ଥ ସେହି ଗ୍ରାହକଙ୍କୁ ଆକର୍ଷିତ କରି ବିକ୍ରି କରୁଥିଲେ। ଏହିସବୁ ଦାମୀ ଟିଭି ମୁଖ୍ୟତଃ ବିଦେଶରୁ ସିଧାସଳଖ ପାରାଦୀପ ପୋର୍ଟ ଦେଇ ଆମଦାନୀ କରାଯାଉଛି। ଏଥିପାଇଁ ତାଙ୍କୁ କଷ୍ଟମ୍, ଏକ୍ସାଇଜ୍ ଏବଂ ଜିଏସ୍‌ଟି ଦେୟ ଦେବାକୁ ପଡୁନାହିଁ। ତେଣୁ ୫୦% ରିହାତିରେ ଏହି ଟିଭି ମିଳୁଛି ବୋଲି ଗିରଫ ଅଭିଯୁକ୍ତମାନେ ଗ୍ରାହକଙ୍କୁ କହି ବିକ୍ରି କରୁଥିଲେ।

## ଇନ୍‌ଫୋସିସ୍‌ରେ ଇନ୍‌ସାଇଡର ଟ୍ରେଡିଂ

ପ୍ରମୁଖ ଆଇଟି କମ୍ପାନୀ ଇନ୍‌ଫୋସିସ୍‌ର ଶେୟାରକୁ ନେଇ ଏହାର କର୍ମଚାରୀମାନେ ଇନ୍‌ସାଇଡର ଟ୍ରେଡିଂ ଘଟଣା ସାମ୍ନାକୁ ଆସିବା ପରେ ପୁଞ୍ଜିବଜାର ନିୟାମକ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି) ୮ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କମ୍ପାନୀର ସିନିୟର କର୍ପୋରେଟ କାଉନସିଲ ପ୍ରାଂଶୁ ଭୁତରା, ସିନିୟର ପ୍ରିନ୍ସିପାଲ କର୍ପୋରେଟ ଆକାଉଣ୍ଟିଂ ଗ୍ରୁପ୍‌ର କେ.ବି. ସୁବ୍ରମଣ୍ୟନ ଏଥିରେ ସାମିଲ ଅଛନ୍ତି। ଇନ୍‌ଫୋସିସ୍‌ର ୨ ଅଧିକାରୀଙ୍କ ସହ ୮ ଜଣଙ୍କ ଉପରେ ବଜାର କାରବାର କରିବାନେଇ ପ୍ରତିବନ୍ଧକ ସହ ୩.୦୬ କୋଟି ଟଙ୍କାର ଜରିମାନା ଲଗାଯାଇଛି।

**ସଂକ୍ଷେପରେ**

## କିଶୋର ଚନ୍ଦ୍ର ଦାସ ଆର୍‌ଆଇଏନ୍‌ଏଲ୍ ସିଏମ୍‌ଡି



**ଭୁବନେଶ୍ୱର,୧।୬:** ରାଷ୍ଟ୍ରାୟତ୍ତ ଇସ୍ପାତ ନିଗମ ଲିମିଟେଡ୍ (ଆର୍‌ଆଇଏନ୍‌ଏଲ୍)ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସିଏମ୍‌ଡି ଭାବେ କିଶୋର ଚନ୍ଦ୍ର ଦାସ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଆର୍‌ଆଇଏନ୍‌ଏଲ୍‌ର କାର୍ମିକ ନିର୍ଦ୍ଦେଶକ ପଦବୀରେ କାର୍ଯ୍ୟ କରି ଆସୁଛନ୍ତି। ସେ ଏହି ପଦବୀରେ ୨୦୧୭ ଜାନୁୟାରୀ ପହିଲାରେ ଯୋଗ ଦେଇଥିଲେ। ଏହା ବ୍ୟତୀତ ଦାସ ଆର୍‌ଆଇଏନ୍‌ଏଲ୍‌ର ସହଯୋଗୀ ସଂସ୍ଥା ଓଏମ୍‌ଡିସି ଓ ବିଏସ୍‌ଏଲ୍‌ସିର ବୋର୍ଡରେ ସଦସ୍ୟ ଅଛନ୍ତି। ଏହାପୂର୍ବରୁ ମାଜାଗାଓଁ ଡକ୍ ଶପ୍ ବିଲ୍ଡର୍ସ ଲିମିଟେଡ୍‌ର ମାନବ ସମ୍ବଳ ବିଭାଗ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଗେଲ୍ ଏବଂ ଏହାର ଯୌଥ ଉଦ୍ୟୋଗଗୁଡ଼ିକରେ ସେ କାର୍ଯ୍ୟ କରିଥିଲେ। ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ତାଙ୍କର ଦୀର୍ଘ ୩୩ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି।

## ମେ'ରେ ଗାଡ଼ି ବିକ୍ରି କମିଲା

**ନୂଆଦିଲ୍ଲୀ,୧।୬:** ଦେଶର ଅଟୋମୋବାଇଲ ଶିଳ୍ପ ଉପରେ କରୋନା ପ୍ରଭାବ ଜାରି ରହିଛି। ମାରୁତି ସୁଜୁକି ଲିମିଟେଡ୍‌ର ବିକ୍ରି ୭୧% ହ୍ରାସ ହୋଇଥିବା ଜଣାପଡ଼ିଛି। କମ୍ପାନୀ ଗତ ମାସରେ ମୋଟ ୪୬,୫୫୫ ୟୁନିଟ ଗାଡ଼ି ବିକ୍ରି କରିଛି। ସେହିଭଳି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ବିକ୍ରି ୫୨% କମିଥିବା ନଜରକୁ ଆସିଛି। ମେ ମାସରେ କମ୍ପାନୀର ବିକ୍ରି ୧୭,୪୪୭ ୟୁନିଟକୁ ଖସିଛି। ଟାଟା ମୋଟର୍ସ କମ୍ପାନୀର ବିକ୍ରି ୩୮% କମିଛି। ଗତ ମାସରେ କମ୍ପାନୀ ୨୪,୫୫୨ ୟୁନିଟ ଯାନ ବିକ୍ରି କରିଛି। ଏହାବାଦ ଅଶୋକ ଲେଲାଣ୍ଡର ବିକ୍ରି ୫୧.୫୯% କମିଯାଇଛି। କମ୍ପାନୀ ମେ ମାସରେ ୩୧୯୯ ୟୁନିଟ ଯାନ ବିକ୍ରି କରିଛି। କେବଳ ବଜାଜ ଅଟୋ ବିକ୍ରି ୧୧୪% ବଢ଼ିଛି। କମ୍ପାନୀ ଜୁନ୍‌ରେ ୨.୭୧ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିବା ଜଣାପଡ଼ିଛି।

# ରୋଜଗାର ହରାଇଲେ ୧ କୋଟି

**ସିଏମ୍‌ଆଇଇ ରିପୋର୍ଟ**

ନୂଆଦିଲ୍ଲୀ,୧।୬



କରୋନାର ଦ୍ୱିତୀୟ ଲହର ପ୍ରଭାବ ବଜାରକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି। ଫଳରେ ୧ କୋଟିରୁ ଅଧିକ ଲୋକଙ୍କୁ ରୋଜଗାର ହରାଇବାକୁ ପଡ଼ିଛି। ୯୭%ରୁ ଅଧିକ ପରିବାରର ଆୟ କମିଥିବା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି(ସିଏମ୍‌ଆଇଇ) ରିପୋର୍ଟରୁ ସାମ୍ନାକୁ ଆସିଛି। ଏହି ପରିପ୍ରେକ୍ଷୀରେ ସିଏମ୍‌ଆଇଇ ସିଇଓ ମହେଶ ବ୍ୟାସ କହିଛନ୍ତି, ମେ ମାସ ଶେଷ ସୁଦ୍ଧା ଦେଶର ବେରୋଜଗାରୀ ହାର ୧୨% ପର୍ଯ୍ୟନ୍ତ ରହିପାରେ। ଏପ୍ରିଲରେ ଏହା ୮% ସ୍ତରରେ ରହିଥଲା। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ସାରା ଦେଶରେ ଲାଗୁ ହୋଇଥିବା ଲକ୍‌ଡାଉନ ଯୋଗୁ ବେରୋଜଗାରୀ ହାର ରେକର୍ଡ ୨୩.୫% ସ୍ତର ଛୁଇଁଥିଲା। ବିଶେଷଜ୍ଞଙ୍କ କହିବା ମୁତାବକ, ଦ୍ୱିତୀୟ ଲହର ଜନିତ ସଂକ୍ରମଣ ବର୍ତ୍ତମାନ ଶୀର୍ଷରେ ପହଞ୍ଚିଛି। ବର୍ତ୍ତମାନ ରାଜ୍ୟଗୁଡ଼ିକ ଆର୍ଥିକ କାର୍ଯ୍ୟକଳାପ ଉପରେ ଲାଗିଥିବା କଟକଣା ହଟାଇବେ। ଏହା ଦ୍ୱାରା ଅର୍ଥ ବ୍ୟବସ୍ଥାକୁ ଲାଭ ମିଳିବ।

ଘରୋଇ ବଜାର ଉପରେ କରୋନାର ପ୍ରଭାବ ଜାରି ରହିଛି। ଫଳରେ ଯେଉଁ ଲୋକମାନେ ଚାକିରି ହରାଇଛନ୍ତି ପୁଣି ଥରେ ନୂଆ ଜାଗାରେ ଚାକିରି ମିଳିବା ସେମାନଙ୍କୁ କଷ୍ଟକର ହୋଇପଡ଼ିବ। ଅଣସଙ୍ଗଠିତ କ୍ଷେତ୍ରଗୁଡ଼ିକରେ ରୋଜଗାର ଶୀଘ୍ର ମିଳିପାରେ। ମାତ୍ର ଭଲ ଚାକିରି ଏବଂ ସଙ୍ଗଠିତ କ୍ଷେତ୍ରରେ ରୋଜଗାର ଅବସର ଠିକ୍ ହେବା ଲାଗି ଗୋଟିଏ ବର୍ଷ ସମୟ ଲାଗିପାରେ। ଅର୍ଥ ବ୍ୟବସ୍ଥା ଧୀରେ ଧୀରେ ଖୋଲୁଥିବାରୁ ବେରୋଜଗାର ସମସ୍ୟା ଅଳ୍ପ ବହୁତେ ସୁଧୁରିବ। ମାତ୍ର ସମସ୍ୟା ସମ୍ପୂର୍ଣ୍ଣ ଭାବେ ସୁଧୁରିବା କଷ୍ଟକର। ବର୍ତ୍ତମାନ ବଜାରରେ ଶ୍ରମଶକ୍ତିର ଯୋଗଦାନ କମିବା ସହ ୪୦% ସ୍ତରକୁ ଖସିଆସିଛି। ମହାମାରୀ ପୂର୍ବରୁ ଶ୍ରମ ଶକ୍ତିର ଯୋଗଦାନ ୪୨.୫% ସ୍ତରରେ ରହିଥିଲା।

ବ୍ୟାସ କହିଛନ୍ତି, ଭାରତ ପାଇଁ ୩ରୁ ୪% ବେରୋଜଗାରୀ ଚିନ୍ତାଜନକ ନୁହେଁ। ଆଗାମୀ ଦିନଗୁଡ଼ିକରେ ବେରୋଜଗାରୀ ହାର ହ୍ରାସ ପାଇବ। ସିଏମ୍‌ଆଇଇ ପକ୍ଷରୁ ଏପ୍ରିଲରେ ଦେଶର ୧.୭୫ ଲକ୍ଷ ପରିବାରକୁ ନେଇ ଏକ ସର୍ଭେ କରାଯାଇଥିଲା। କରୋନାରେ ପରିବାରଗୁଡ଼ିକର ରୋଜଗାର ହ୍ରାସ ହୋଇଥିବାରୁ ଏହା ଚିନ୍ତାଜନକ ରହିଥିବା ଏଥିରୁ ସାମ୍ନାକୁ ଆସିଥିଲା। ଆୟ ବୃଦ୍ଧି ସମ୍ପର୍କରେ ମାତ୍ର ୩% ପରିବାର ମତ ରଖିଥିଲେ। ୫୫% କହିଥିଲେ, ସେମାନଙ୍କ ଆୟ ପ୍ରଭାବିତ ସ୍ତରରେ ରହିଛି। ଅପରପକ୍ଷରେ ୪୨% କହିଥିଲେ, ସେମାନଙ୍କ ଆୟରେ କୌଣସି ପରିବର୍ତ୍ତନ ଆସିନାହିଁ। ଦରଦାମ ବୃଦ୍ଧି ଦୃଷ୍ଟିକୋଣରୁ ବିଚାରକଲେ ପ୍ରାୟ ୯୭% ପରିବାରର ଆୟ କମିଥିବା ରିପୋର୍ଟରେ ପ୍ରକାଶ ପାଇଛି। ସହରାଞ୍ଚଳରେ ବେରୋଜଗାରୀ ହାର ୧୮% ରହିଥିବା ବେଳେ ଗ୍ରାମାଞ୍ଚଳରେ ଏହି ହାର ୪% ହ୍ରାସ ହୋଇଛି। ଆଗାମୀ ୬ ମାସ ଯାଏ ସହରାଞ୍ଚଳରେ ଏହା ଉଚ୍ଚରେ ରହିପାରେ। ଆଇଟି କ୍ଷେତ୍ରକୁ ଛାଡ଼ିଦେଲେ ଅନ୍ୟ ସବୁ କ୍ଷେତ୍ରରେ ରୋଜଗାର ଅବସର ସୀମିତ ବୋଲି କୁହାଯାଉଛି।

## ରାମ୍‌କୋ ପକ୍ଷରୁ ରିଲିଫ ସାମଗ୍ରୀ




ଭୁବନେଶ୍ୱର,୧।୬

ରାମ୍‌କୋ ସିମେଣ୍ଟ ଲିମିଟେଡ ପକ୍ଷରୁ ରାଜ୍ୟ ସରକାରଙ୍କୁ ୧ କୋଟି ଟଙ୍କା ମୂଲ୍ୟର କୋଭିଡ୍-୧୯ ମେଡିକାଲ ରିଲିଫ ସାମଗ୍ରୀ ପ୍ରଦାନ କରାଯାଇଛି। ମଙ୍ଗଳବାର ଏହି ସାମଗ୍ରୀ ସବୁକୁ କମ୍ପାନୀ ଓଡ଼ିଶା ରାଜ୍ୟ ମେଡିକାଲ ନିଗମକୁ ହସ୍ତାନ୍ତର କରିଛି। ନିଗମର ଯନ୍ତ୍ରାଂଶ ବିଭାଗ ଜେନେରାଲ ମ୍ୟାନେଜର ଡ.ଏସ୍.ଆର୍ ରଣସିଂହଙ୍କୁ ଏହା ହସ୍ତାନ୍ତର କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ବିଭିନ୍ନ ସାମଗ୍ରୀ ମଧ୍ୟରେ ଏଲିସା ୬୦୦ ଭେଣ୍ଟିଲେଟର, ଭେଣ୍ଟ ୫୦ ସି ଭେଣ୍ଟିଲେଟର, ଏନ୍ ୯୫ ମାସ୍କ, ଅକ୍ସିଜେନ ଫେସ୍ ମାସ୍କ ସାମିଲ ରହିଛି।

## ପେଟ୍ରୋଲ, ଡିଜେଲ ବିକ୍ରି ୧୭% ହ୍ରାସ

ନୂଆଦିଲ୍ଲୀ,୧।୬

ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲ ଦର ଐତିହାସିକ ରେକର୍ଡ ସ୍ତରରେ ରହିଛି। ଏପଟେ ମହାମାରୀ ଯୋଗୁ ଇନ୍ଧନ ଚାହିଦା ପ୍ରଭାବିତ ହୋଇ ରହିଛି। ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଚଳିତ ବର୍ଷ ମେ ମାସରେ ପେଟ୍ରୋଲ, ଡିଜେଲ ବିକ୍ରି ୧୭% ନିମ୍ନରେ ରହିଛି। ଲକ୍‌ଡାଉନ କଟକଣା ଯୋଗୁ ବିକ୍ରି ଏଭଳି ହ୍ରାସ ହୋଇଥିବା ଜଣାପଡ଼ିଛି। ଗତ ମାସରେ ପେଟ୍ରୋଲ ବିକ୍ରି ହ୍ରାସ ହୋଇ ୧.୭୯ ନିୟୁତ ଟନ୍ ରହିଛି। ଏହା ଗୋଟିଏ ବର୍ଷର ସବୁଠାରୁ ସର୍ବନିମ୍ନ ସ୍ତର। ମାତ୍ର ଗତ ବର୍ଷ ମେ ମାସ ତୁଳନାରେ ଚଳିତ ବର୍ଷ ସମାନ ଅବଧିରେ ତେଲ ଚାହିଦା ୧୩% ଅଧିକ ରହିଛି। ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଲକ୍‌ଡାଉନ କଟକଣା କୋହଳ ଥିବାରୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ସେହିଭଳି ଡିଜେଲ ବିକ୍ରି ୧୭% ହ୍ରାସ ହୋଇଥିବା ଜଣାପଡ଼ିଛି।

# ଜିଡିପିରେ ସୁଧାର ନେଇ ଅନୁମାନ

ନୂଆଦିଲ୍ଲୀ,୧।୬




କରୋନା ମହାମାରୀ ଦ୍ୱାରା ପ୍ରଭାବିତ ଭାରତୀୟ ଅର୍ଥ ବ୍ୟବସ୍ଥା ପୁଣି ଥରେ ସୁଧାର ପଥକୁ ଫେରିବ ବୋଲି ବର୍ତ୍ତମାନ ବିଭିନ୍ନ ଏଜେନ୍ସି ଅନୁମାନ ଜାରି କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ ଏଜେନ୍ସି ମୁଡିସ୍ ଏହାର ଆକଳନ ଜାରି ରଖିଛି। ଆଗାମୀ ୨ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥ ବ୍ୟବସ୍ଥାର ପ୍ରଦର୍ଶନ ଉନ୍ନତ ରହିବ ବୋଲି ଏହି ଏଜେନ୍ସି ଆଶା ପ୍ରକଟ କରିଛି। ଏହାର ରିପୋର୍ଟ ମୁତାବକ, ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାର ୯.୩% ହାରରେ ଅଭିବୃଦ୍ଧି କରିବାକୁ ସକ୍ଷମ ହେବ। ସେହିଭଳି ୨୦୨୦-୨୩ରେ ଏହା ୭.୯% ହାରରେ ବଢ଼ିବ। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଜୁନ୍ ତ୍ରୈମାସ ଅବଧିରେ ଆର୍ଥିକ କାର୍ଯ୍ୟକଳାପ ଚାପଗ୍ରସ୍ତ ରହିବା ନେଇ ଆଶଙ୍କା କରାଯାଇଛି। ଏହା ଆଗକୁ ସୁଧୁରିପାରେ। ଉଲ୍ଲେଖଯୋଗ୍ୟ, ୨୦୨୦-୨୧ରେ ଭାରତୀୟ ଅର୍ଥ ବ୍ୟବସ୍ଥା କରୋନା ଯୋଗୁ ୭.୩% ଖସିଯାଇଛି। ଦ୍ୱିତୀୟ ଲହର ଯୋଗୁ ବଜାର ଚାପଗ୍ରସ୍ତ ହୋଇଛି। ଏଭଳି ସ୍ଥିତିରେ ରିୟଲ ଜିଡିପି ଅଭିବୃଦ୍ଧି ୬% ରହିବା ନେଇ ଆକଳନ କରାଯାଇଛି।

**ଅଭିବୃଦ୍ଧି ଆକଳନ କମାଇଲା ଏସ୍‌ବିଆଇ**

ଜିଡିପି ଅଭିବୃଦ୍ଧି ନେଇ ପୂର୍ବରୁ କରାଯାଇଥିବା ଅନୁମାନକୁ ଏସ୍‌ବିଆଇ ମଙ୍ଗଳବାର ହ୍ରାସ କରିଛି। ଜିଡିପି ୧୦.୪% ବଢ଼ିବ ବୋଲି ଏହା ପୂର୍ବରୁ କହିଥିଲା। ଚଳିତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ଆକଳନକୁ ଏହା ୭.୯%କୁ ହ୍ରାସ କରିଛି। ସଂକ୍ରମଣ ବଜାର ଉପରେ ଗଭୀର ଚାପ ପକାଇଛି। ଆଗକୁ କରୋନା ଟିକାକରଣ କିଭଳି ଭାବେ ହେଉଛି ତାହା ପ୍ରଭାବ ଅଭିବୃଦ୍ଧି ଉପରେ ରହିବ ବୋଲି କୁହାଯାଉଛି। ଅନ୍ତର୍ଜାତୀୟ ବଜାରରେ କମୋଡିଟି ମୂଲ୍ୟ ବଢ଼ିବାରୁ ଏହା ଜିଡିପିକୁ ପ୍ରଭାବିତ କରିପାରେ। ଏଭଳି ସ୍ଥିତିରେ ଅର୍ଥ ବ୍ୟବସ୍ଥା ଡବ୍ଲ୍ୟୁ ଆକୃତିରେ ସୁଧାର କରିପାରେ। କରୋନା ଯୋଗୁ ଦେଶର ପ୍ରମୁଖ ସହରଗୁଡ଼ିକର ସ୍ଥିତି ବିଗିଡ଼ିଥିବା ରିପୋର୍ଟରେ କୁହାଯାଇଛି।

## ୧୨୨ଟଙ୍କା କମିଲା କମର୍ସିଆଲ ଏଲ୍‌ପିଜି

ନୂଆଦିଲ୍ଲୀ,୧।୬

ବାଣିଜ୍ୟକ ଅନୁଷ୍ଠାନ ଗୁଡିକରେ ବ୍ୟବହୃତ ହେଉଥିବା କମର୍ସିଆଲ ଗ୍ୟାସ୍ ଦର ୧୨୩ ଟଙ୍କା ହ୍ରାସ ପାଇଥିବା ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡିକ ସୂଚନା ଦେଇଛନ୍ତି। ଜୁନ ପହିଲାରୁ ଓଡ଼ିଶା ବଜାରରେ ମଧ୍ୟ ଏହି ନୂତନ ଦର ଲାଗୁ ହେବା ସହ ବିକ୍ରି କରାଯାଉଥିବା ଗ୍ୟାସ୍ ଡିଲରଗୁଡିକ ପକ୍ଷରୁ କୁହାଯାଇଛି। ମଙ୍ଗଳବାର କମର୍ସିଆଲ ଗ୍ୟାସ୍ ଉପରେ ୧୨୨ ଟଙ୍କା ହ୍ରାସ ପାଇଛି। ଫଳରେ ଭୁବନେଶ୍ୱରରେ ପ୍ରତି ୧୯ କେଜି ସିଲିଣ୍ଡର ଉପରେ ୧୫୭୧.୫୦ ଟଙ୍କା ଗ୍ରାହକଙ୍କୁ ଦେବାକୁ ପଡିବ ବୋଲି ଜଣାପଡିଛି। ସେହିପରି ୧୪.୨ କେଜି ସିଲିଣ୍ଡର ଦର ପୂର୍ବପରି ସ୍ଥିର ରହିବା ସହ ୮୩୫.୫୦ ଟଙ୍କାରେ ବିକ୍ରି କରାଯାଉଥିବା ସୂଚନା ମିଳିଛି।

## ନେସ୍‌ଲେ ପ୍ରଡକ୍ଟକୁ ନେଇ ଉଠିଲା ପ୍ରଶ୍ନ

ନୂଆଦିଲ୍ଲୀ,୧।୬

ମ୍ୟାଗି ନୁଡଲ୍ସ, କିଟ୍‌କ୍ୟାଟ୍ ଏବଂ ନେସ୍‌କ୍ୟାଫେ ଭଳି ପ୍ରଡକ୍ଟ ପ୍ରସ୍ତୁତ କରୁଥିବା କମ୍ପାନୀକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କମ୍ପାନୀ ପ୍ରସ୍ତୁତ କରୁଥିବା ବିଭିନ୍ନ ପ୍ରଡକ୍ଟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ଏକ ରିପୋର୍ଟରେ ଦାବି କରାଯାଇଛି। ବ୍ରିଟେନର ବିଜ୍‌ନେସ ଡେଲି ଫାଇନାନ୍ସିଆଲ ଟାଇମ୍ସରେ ଏ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ଅଷ୍ଟ୍ରେଲିଆର ହେଲ୍‌ଥ ଷ୍ଟାର ରେଟିଂ ସିଷ୍ଟମରେ କମ୍ପାନୀର ୩୭% ପ୍ରଡକ୍ଟକୁ ୩.୫ ରେଟିଂ ମିଳିଛି। ଯେଉଁଥିରେ ପେଟ୍ ଫୁଡ୍ ଏବଂ ସ୍ପେଶାଲ ମେଡିକାଲ ନ୍ୟୁଟ୍ରିଶନ ସାମିଲ କରାଯାଇନାହିଁ। କମ୍ପାନୀର ପାଣି ଏବଂ ଡେରୀ ପ୍ରଡକ୍ଟ ଠିକ୍ ଥିବା କୁହାଯାଇଛି। କମ୍ପାନୀର ୬୦% ଫୁଡ୍ ପ୍ରଡକ୍ଟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ପ୍ରଡକ୍ଟକୁ ସୁରକ୍ଷିତ କରିବା ଲାଗି କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ରିପୋର୍ଟ ମୁତାବକ, ନେସ୍‌ଲେର କନ୍‌ଫେକ୍‌ସନାରି ଏବଂ ଆଇସକ୍ରିମ୍ ପ୍ରଡକ୍ଟ ସ୍ୱାସ୍ଥ୍ୟ ପାଇଁ ସବୁଠାରୁ ବେଶି କ୍ଷତିକାରକ।

**ଖେଳ ଖବର**

# ସଭିଙ୍କ ପ୍ରିୟ ନନ୍ଦକିଶୋର

ଓଡ଼ିଶାର ପ୍ରତିଷ୍ଠିତ ମହିଳା ଫୁଟବଲ କୋଚ୍ ନନ୍ଦକିଶୋର ପଟ୍ଟନାୟକଙ୍କର ସୋମବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କ ପରଲୋକରେ ରାଜ୍ୟ ଫୁଟ୍‌ବଲ ମହଲରେ ନୀରବତା ଛାଇଯାଇଛି। ଶୋକପ୍ରକାଶ କରିବାକୁ ଭାଷା ପାଉନାହାନ୍ତି ପ୍ରଶିକ୍ଷାର୍ଥୀ। ରାଜ୍ୟ କ୍ରୀଡ଼ା ମହଲରେ ଟୁଟୁ ସାର୍‌ଭାବେ ବିଶେଷ ପରିଚିତ ନନ୍ଦକିଶୋର ୧୯୫୬ ମାର୍ଚ୍ଚ ୧୬ରେ ବାରିପଦାରେ ଜନ୍ମଗ୍ରହଣ କରିଥିଲେ। ଚାକିରି ଜୀବନ ଭୁବନେଶ୍ୱରରେ କଟିଥିବାରୁ ଏହି ସ୍ଥାନକୁ ସେ କର୍ମକ୍ଷେତ୍ରରେ ପରିଣତ କରିଥିଲେ। ତାଙ୍କ ପ୍ରଶିକ୍ଷଣରେ ଶତାଧିକ ମହିଳା ଫୁଟ୍‌ବଲ ଖେଳାଳି ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ପାରିଥିଲେ। ସେମାନଙ୍କ ମଧ୍ୟରୁ ବିଶେଷ ନାଁ କମାଇ ପାରିଥିବା ଖେଳାଳିମାନେ ହେଲେ ଭାରତୀୟ ମହିଳା ଫୁଟ୍‌ବଲ ଦଳର ପ୍ରଥମ ଓଡ଼ିଆ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଓଡ଼ିଶାର ପ୍ରଥମ ମହିଳା ଫୁଟବଲ ଅଧିନାୟିକା ଗିତାଞ୍ଜଳି ସାମନ୍ତରାୟ, ରଞ୍ଜିତା ମହାନ୍ତି, ପ୍ରଶାନ୍ତି ପ୍ରଧାନ, ସୁଦୀପ୍ତା ଦାଶ, ସରିତା ଜୟନ୍ତୀ ବେହେରା, ମାମାଲି ଦାସ, ପ୍ରଥମା ପ୍ରିୟଦର୍ଶିନୀ ଏବଂ ଆହୁରି ଅନେକ।

ଜଣେ ପ୍ରତିଭାବାନ ଖେଳାଳି ଭାବେ କ୍ୟାରିୟର ଆରମ୍ଭ କରିଥିଲେ ନନ୍ଦକିଶୋର। ସେ ୧୯୭୭ ଓ ୭୮ରେ ୨ ଥର ଜାତୀୟ ଜୁନିୟର ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେ ବାରିପଦାର ଇଣ୍ଡିପେଣ୍ଡେଣ୍ଟ କ୍ଲବ, କଟକର ସନ୍‌ରାଇଜ ଓ ଜୟଦୁର୍ଗା କ୍ଲବ ଏବଂ ଭୁବନେଶ୍ୱରର କ୍ଲବ-୭୩ ସହ ଜଡ଼ିତ ଥିଲେ। ୧୯୯୨-୯୩ରେ କୋଚିଂକୁ ଆପଣେଇଥିଲେ। ୧୯୯୫ରୁ ମହିଳା ଫୁଟ୍‌ବଲ କୋଚ୍‌ଭାବେ ବିଶେଷ ପ୍ରତିଷ୍ଠିତ ଥିଲେ। ଏହି କ୍ରମରେ ସେ ନିଜ ପ୍ରଶିକ୍ଷଣରେ ରାଜ୍ୟ ମହିଳା ଫୁଟ୍‌ବଲ ଦଳକୁ ଏକାଧିକ ଥର ସଫଳତାର ସ୍ୱାଦ ଚଖାଇଥିଲେ। ସେ ନୀତା ଫୁଟ୍‌ବଲ ଏକାଡେମୀର ମଧ୍ୟ କୋଚ୍ ଥିଲେ।

ମହିଳା ଫୁଟ୍‌ବଲକୁ ବିଶେଷ ଅବଦାନ ପାଇଁ ତାଙ୍କୁ ୨୦୧୩ରେ ସିଏନ୍‌ଏନ୍-ଆଇବିଏନ୍ ରିୟଲ ହିରୋଜ୍ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ରାଜ୍ୟ ସରକାର ମଧ୍ୟ ତାଙ୍କ ଅବଦାନକୁ ସ୍ୱିକୃତୀ ପ୍ରଦାନ କରିଥିଲେ। ଫଳସ୍ୱରୂପ ୨୦୧୫ ଅଗଷ୍ଟ ୨୯ରେ ତାଙ୍କୁ ଶ୍ରେଷ୍ଠ କୋଚ୍ ଭାବେ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ତାଙ୍କ ପରଲୋକରେ ରାଉରକେଲାସ୍ଥିତ ପାନପୋଷ କ୍ରୀଡ଼ା ସଙ୍ଗଠନ ସମେତ ବିଭିନ୍ନ ମହଲରୁ ଶୋକ ପ୍ରକାଶ କରାଯାଇଛି।


ପ୍ରିୟ ଶିଷ୍ୟା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ସହ ନନ୍ଦକିଶୋର ପଟ୍ଟନାୟକ।

## ଫୁଟ୍‌ବଲ ପ୍ରତି ସମର୍ପିତ ଥିଲେ: ଶ୍ରଦ୍ଧାଞ୍ଜଳି

ନନ୍ଦକିଶୋରଙ୍କ ବିୟୋଗରେ ସ୍ୱାଭାବିକ ଭାବେ ଭାଙ୍ଗି ପଡ଼ିଛନ୍ତି ତାଙ୍କ ପ୍ରିୟ ଶିଷ୍ୟା ତଥା ଭାରତୀୟ ମହିଳା ଫୁଟ୍‌ବଲ ଦଳର ପ୍ରଥମ ଓଡ଼ିଆ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ। ''ମୋ ପ୍ରତି ତାଙ୍କ ଅବଦାନକୁ ଭାଷାରେ ବର୍ଣ୍ଣନା କରିହେବ ନାହିଁ। ନନ୍ଦକିଶୋର ନ ଥିଲେ ଆଜି ଶ୍ରଦ୍ଧାଞ୍ଜଳି ଏତେବାଟ ଆସିବା ସମ୍ଭବ ହୋଇ ନ ଥାନ୍ତା। କେବଳ ତାଙ୍କ ଦିଗ୍‌ଦର୍ଶନ ଏବଂ ପରିଶ୍ରମ ଯୋଗୁ ମୁଁ ଏତେବାଟ ଆସିଛି ଏବଂ ସମସ୍ତେ ମୋତେ ଜାଣିଛନ୍ତି। ଫୁଟ୍‌ବଲ ପ୍ରତି ସେ ସମର୍ପିତ ଥିଲେ। ଖରା ହେଉ କି ବର୍ଷା, ଖେଳାଳିମାନେ ଷ୍ଟାଡିୟମ ଆସନ୍ତୁ କି ନ ଆସନ୍ତୁ ସେ ନିଶ୍ଚିତ ଷ୍ଟାଡିୟମରେ ଥିବେ। ସବୁବେଳେ ରାଜ୍ୟ ମହିଳା ଫୁଟ୍‌ବଲକୁ ନେଇ ଚିନ୍ତିତ ଥିଲେ। ଆମ ପିଲା କିପରି ଭଲ ପ୍ରଦର୍ଶନ କରିବେ, ଜାତୀୟ ସ୍ତରରେ କିପରି ଓଡ଼ିଶା ଚାମ୍ପିୟନ ହେବ ଏହି ଚିନ୍ତାରେ ସର୍ବଦା ରହୁଥିଲେ। ସେ ଥିଲେ ସମୟାନୁବର୍ତ୍ତୀ ଏବଂ କର୍ତ୍ତବ୍ୟନିଷ୍ଠ। ଯେଉଁ ପିଲାଙ୍କୁ ଯେତେବେଳେ ଷ୍ଟାଡିୟମ ଡାକିଥିବେ ତା' ପୂର୍ବରୁ ସେ ନିଶ୍ଚିତ ପହଞ୍ଚିଥିବେ। ତାଙ୍କ ପ୍ରଶିକ୍ଷଣରେ ଅନେକ ପିଲା ଜାତୀୟ ଦଳରେ ସ୍ଥାନ ପାଇ ପ୍ରତିଷ୍ଠିତ ହୋଇଛନ୍ତି। ସେ କେବେ ଦାନର ପ୍ରତିଦାନକୁ ଆଶାକରି ନ ଥାନ୍ତି। ବିନା ସ୍ୱାର୍ଥରେ ପ୍ରଶିକ୍ଷଣ ଦେଇ ଚାଲିଥାନ୍ତି। ପରିଶ୍ରମର ଫଳ ଦିନେ ନା ଦିନେ ନିଶ୍ଚିତ ମିଳିବ ବୋଲି ସେ ବିଶ୍ୱାସ ରଖୁଥିଲେ ଏବଂ ଆମମାନଙ୍କୁ ପରାମର୍ଶ ଦେଉଥିଲେ'' ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି। ଖେଳ ସମୟରେ ଖେଳାଳି ଆହତ ସମସ୍ୟାକୁ ଆସିବା ସ୍ୱାଭାବିକ। ଶ୍ରଦ୍ଧାଞ୍ଜଳିଙ୍କ କ୍ୟାରିୟରରେ ଏପରି ଆସିଥିଲା। ଏହି ସମୟର କଥାକୁ ମନେ ପକାଇଛନ୍ତି ପୂର୍ବତନ ଓଡ଼ିଶା ଅଧିନାୟିକା। ଲିଗାମେଣ୍ଟ ସମସ୍ୟା ଯୋଗୁ ଥରେ ନୁହେଁ ୩ଥର ମୁଁ ଅସ୍ତ୍ରୋପଚାର କରାଇଛି। ଅସ୍ତ୍ରୋପଚାର ପରେ ଯଦି ଫୁଟ୍‌ବଲକୁ ଫେରିବା ସମ୍ଭବ ହୋଇଛି ତେବେ ଏହି କୋଚ୍‌ଙ୍କ ପାଇଁ। ତାଙ୍କ ପରିଶ୍ରମର କୌଣସି ମୂଲ୍ୟ ଦେଇ ହେବନି। ସେ ସବୁବେଳେ ସାଧାରଣ ଜୀବନଯାପନକୁ ପସନ୍ଦ କରିଥାନ୍ତି। କୌଣସି ଖେଳାଳି ଭଲ ପ୍ରଦର୍ଶନ କଲେ ଗର୍ବ ଅନୁଭବ କରନ୍ତି। ଏତେଶୀଘ୍ର ଏପରି ଏକ ଦିନ ଆସିବ ବୋଲି କେବେ କଳ୍ପନା କରି ନ ଥିଲି। ମୁଁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କାମନା କରୁଛି ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି।



➔ ସିଏନ୍‌ଏନ୍-ଆଇବିଏନ୍ ରିୟଲ ହିରୋଜ୍ ପୁରସ୍କାର ସହ ନନ୍ଦକିଶୋର।

## ପିସିସି ସଭାପତିଙ୍କ ଶୋକ



ବିଶିଷ୍ଟ ଫୁଟ୍‌ବଲ ପ୍ରଶିକ୍ଷକ ନନ୍ଦକିଶୋର ପଟ୍ଟନାୟକଙ୍କ ବିୟୋଗରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ନନ୍ଦକିଶୋର ବାବୁଙ୍କ କରୋନାଜନିତ ବିୟୋଗ ମୋତେ ମର୍ମାହତ କରିଛି। ଓଡ଼ିଶା କ୍ରୀଡ଼ା ଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି। ବହୁ ଜାତୀୟ ଓ ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲ ଖେଳାଳି ସୃଷ୍ଟି କରିବା କ୍ଷେତ୍ରରେ ନନ୍ଦକିଶୋରଙ୍କ ଅବଦାନ ଅତୁଳନୀୟ। ତାଙ୍କ ଅମରଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଉଛି ବୋଲି ନିରଞ୍ଜନ ଟୁଇଟ୍ କରିଛନ୍ତି।

## ସବୁଦିନ ମନେ ରହିବେ

ନନ୍ଦକିଶୋର ପଟ୍ଟନାୟକଙ୍କ ବିୟୋଗରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଶୋକପ୍ରକାଶ କରାଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ପାଖାପାଖି ୬୫ ବର୍ଷ ହୋଇଥିଲା। ନନ୍ଦକିଶୋର ରାଜ୍ୟର ଅନେକ ପ୍ରତିଷ୍ଠିତ ଫୁଟ୍‌ବଲ କ୍ଲବ ସହ ଜଡ଼ିତ ଥିଲେ। ତାଙ୍କ ପ୍ରଶିକ୍ଷଣରେ ଓଡ଼ିଶା ମହିଳା ଫୁଟ୍‌ବଲ ଦଳ ବିଭିନ୍ନ ବୟସବର୍ଗ ଏବଂ ସିନିୟର ସ୍ତରରେ ସଫଳତାର ସ୍ୱାଦ ଚାଖିଥିଲା। ଫାଓ ଓମେନ୍ସ ଲିଗ୍-୨୦୨୧ରେ ଚାମ୍ପିୟନ ରାଇଜିଂ ଷ୍ଟାର କ୍ଲବ ଦଳର ସେ କୋଚ୍ ଥିଲେ। ରାଜ୍ୟରେ ଫୁଟ୍‌ବଲର ବିକାଶ ପାଇଁ ସେ ସବୁଦିନ ମନେରହିବେ ବୋଲି ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ପକ୍ଷରୁ ଜାରି ଶୋକବାର୍ତ୍ତାରେ ଉଲ୍ଲେଖ କରାଯାଇଛି। ପୂର୍ବତନ ଫାଓ ସମ୍ପାଦକ ତଥା ବର୍ତ୍ତମାନର ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ମଧ୍ୟ ଶୋକବ୍ୟକ୍ତ କରିଛନ୍ତି।

## ଫୁଟ୍‌ବଲ ପାଇଁ ବଡ଼ କ୍ଷତି

ଟୁଟୁ ସାର୍‌ଙ୍କ ପରଲୋକରେ କିଛି କହିବା ପାଇଁ ଆମେ ବାକ୍‌ଶୂନ୍ୟ ହୋଇ ଯାଇଛୁ। ଓଡ଼ିଶା ମହିଳା ଫୁଟବଲକୁ ପ୍ରଚୁର ମାତ୍ରାରେ ତାଙ୍କ ଅବଦାନ ରହିଛି। ଜଣେ ଚାକିରି କରି କୋଚିଂ ଦେବା ଏବଂ ଆଉ ଜଣେ ବ୍ୟକ୍ତିଗତ ଆଗ୍ରହରେ ଖେଳାଳିଙ୍କୁ ଖୋଜି କୋଚିଂ ଦେବାରେ ଅନେକ ପାର୍ଥକ୍ୟ ରହିଛି। ନନ୍ଦକିଶୋର ପଟ୍ଟନାୟକ ଥିଲେ ସେପରି ବ୍ୟକ୍ତି। ୧୯୯୩-୯୪ରୁ ରାଜ୍ୟ ମହିଳା ଫୁଟବଲ ପାଇଁ ଏକପ୍ରକାର ନିଜକୁ ଉତ୍ସର୍ଗ କରିଥିଲେ। ସେ ତୃଣମୂଳ ସ୍ତରରୁ ପିଲାଙ୍କୁ ଖୋଜି ବ୍ୟାଚ୍ ପରେ ବ୍ୟାଚ୍ ଖେଳାଳି ସୃଷ୍ଟି କରି ଚାଲିଥିଲେ। ରାଜ୍ୟରେ ଫୁଟବଲର ବିକାଶ ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ। ତାଙ୍କ ମୃତ୍ୟୁରେ ରାଜ୍ୟ ଫୁଟବଲରେ ଅପୂରଣୀୟ କ୍ଷତି ଘଟିଲା।



-ଗୀତାଞ୍ଜଳି ସାମନ୍ତରାୟ, ଓଡ଼ିଶା ମହିଳା ଫୁଟବଲର ପ୍ରଥମ ଅଧିନାୟିକା

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨ ଜୁନ୍, ୨୦୨୧



ବଲିଉଡ୍ ଅଭିନେତା ସୋନୁ ସୁଦ କରୋନା ମହାମାରୀ ସମୟରେ ନିଃସ୍ୱାର୍ଥପର ଭାବରେ ଲୋକଙ୍କ ସେବା କରୁଛନ୍ତି। ତାଙ୍କୁ ସାରା ଦେଶରେ ପ୍ରଶଂସା କରାଯାଉଛି। ଅଭିନେତ୍ରୀ ହୁମା କୁରେଶୀ କହିଛନ୍ତି ଯେ, ଯଦି ସୋନୁ ନିର୍ବାଚନ ଲଢ଼ିବେ, ତେବେ ସେ ତାଙ୍କୁ ଭୋଟ ଦେବେ। ସୋନୁ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି ସେ ଚାହାଁନ୍ତି। ଏକ ସାକ୍ଷାତକାରରେ ହୁମା କୁରେଶୀଙ୍କୁ ପଚରାଯାଇଥିଲା ଏମିତି ଜଣେ ବଲିଉଡ ଅଭିନେତାଙ୍କ ନାଁ କୁହନ୍ତୁ ଯେ କି ଜଣେ ଭଲ ରାଜନେତା ହୋଇପାରିବେ। ଏହାର ଉତ୍ତରରେ ହୁମା ତୁରନ୍ତ ସୋନୁ ସୁଦଙ୍କ ନାମ ନେଇଥିଲେ।



# ପୋଲିସ ପଛରେ ମାଫିଆ

ଉତ୍ତର ଆମେରିକୀୟ ରାଷ୍ଟ୍ର ମେକ୍ସିକୋରେ ଚାଲିଛି ଡ୍ରଗ୍ସ କାର୍ଟେଲର ରାଜୁତି ସରକାର ବିରୋଧରେ ଯୁଦ୍ଧ ଘୋଷଣା କରିଥିବା କାର୍ଟେଲର ଉଦ୍ଦେଶ୍ୟ ହେଉଛି ଟେକ୍ନିକାଲ ଗ୍ରୁପ୍ ନାମରେ ପରିଚିତ ଏଲିଟ୍ ପୋଲିସ ଫୋର୍ସକୁ ସମୂଳେ ନିପାତ କରିବା।



## ମେକ୍ସିକୋରେ କାର୍ଟେଲ ରାଜ୍

**ମେକ୍ସିକୋ ସିଟି:** ମେକ୍ସିକୋରେ ସର୍ବାଧିକ ସକ୍ରିୟ ଥିବା ଡ୍ରଗ୍ସ ଚାଲାଣକାରୀ ଗ୍ୟାଙ୍ଗ୍‌ଗୁଡ଼ିକ ମଧ୍ୟରୁ ଜାଲିସ୍କୋ କାର୍ଟେଲ ଅନ୍ୟତମ। ଏହି କାର୍ଟେଲ ମେକ୍ସିକୋର ସବୁଠୁ ହିଂସ୍ର ରାଜ୍ୟ ଗୁଆନାଜୁଆଟୋର ଅନେକ ଏଲିଟ୍ ପୋଲିସ ଅଫିସରଙ୍କୁ ଅପହରଣ କରି ଅମାନୁଷିକ ନିର୍ଯାତନା ଦେଇଛି। ଅନ୍ୟ ପୋଲିସ ଅଧିକାରୀମାନଙ୍କ ନାମ ଓ ଠିକଣା ହାସଲ କରିବା ଲାଗି କାର୍ଟେଲ ରକ୍ତମୁଖା ହୋଇଯାଇଛି। ଖୋଜି ଖୋଜି ପୋଲିସ ଅଫିସରଙ୍କ ଘରେ ପହଞ୍ଚୁଛି। ଅଧିକାରୀମାନଙ୍କ ଅଫ୍ ଦିନରେ ପରିବାର ସଦସ୍ୟଙ୍କ ଆଗରେ ସେମାନଙ୍କୁ ହତ୍ୟା କରୁଛି। ଏହା ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ୍ ଓବ୍ରାଡରଙ୍କ ହିଂସା ଏଡ଼ାଇବା ନୀତିକୁ ପ୍ରତ୍ୟକ୍ଷ ଚ୍ୟାଲେଞ୍ଜ ବୋଲି କୁହାଯାଉଛି। କାର୍ଟେଲ ସଦସ୍ୟଙ୍କୁ ପୋଲିସ ଅଧିକାରୀମାନେ ଖରାପ ବ୍ୟବହାର ଦେଖାଉଥିବା ଅଭିଯୋଗ ଆଣି ଉକ୍ତ ଗ୍ୟାଙ୍ଗ୍ ଏପରି ହିଂସ୍ର ଆଚରଣ କରୁଥିବା କହିଛି। ଆମ ସଂସ୍ଥା (ସିଜେଏନ୍‌ଜି)ର ଜଣେ ସଦସ୍ୟଙ୍କୁ ତୁମେ ଗିରଫ କଲେ ଆମେ ତୁମ ଟେକ୍ନିକାଲ୍ସର ଦୁଇଜଣ ଅଫିସରଙ୍କୁ ହତ୍ୟା କରିବୁ। ଘରେ ହେଉ କି ପାଟ୍ରୋଲିଂ ଡ୍ୟୁଟିରେ, ସେମାନେ ଯେଉଁଠି ଥାଆନ୍ତୁ ନା କାହିଁକି ମାରିବୁ ହିଁ ମାରିବୁ ବୋଲି କାର୍ଟେଲର ଏକ ବ୍ୟାନରରେ ଧମକ ଦିଆଯାଇଛି। ଗୁଆନାଜୁଆଟୋରେ ସିନାଲୋଆ ସମର୍ଥିତ ଅନ୍ୟ ଗ୍ୟାଙ୍ଗ୍‌ଗୁଡ଼ିକ ସହ ଜାଲିସ୍କୋ କାର୍ଟେଲ ସଂଘର୍ଷ କରୁଥିବାବେଳେ ଅଦ୍ୟାବଧି କେତେଜଣ ଏଲିଟ୍ ଅଧିକାରୀଙ୍କୁ ହତ୍ୟା କରାଗଲାଣି ସେନେଇ ପୋଲିସ ସୂଚନା ଦେବାକୁ ମନା କରିଦେଇଛି। କିନ୍ତୁ ମେ' ୨୭ରେ ଘଟିଥିବା ସଦ୍ୟତମ ହତ୍ୟାକାଣ୍ଡ ସମ୍ପର୍କରେ ପୋଲିସ ସ୍ୱୀକାର କରିଛି। ଏହି ଦିନ ମାଫିଆମାନେ ଜଣେ ପୋଲିସ ଅଫିସରଙ୍କୁ ତାଙ୍କ ଘରୁ ଅପହରଣ କରିନେଇଥିଲେ। ସେମାନେ ତାଙ୍କୁ ହତ୍ୟା କରିବା ପରେ ଏକ ରାଜପଥ ଉପରେ ମୃତଦେହକୁ ଫିଙ୍ଗିଦେଇଥିଲେ। ଏପରି ଅନେକ ହତ୍ୟାକାଣ୍ଡ ଘଟୁଛି। କେତେକ ସ୍ଥଳେ ପୋଲିସ ଅଧିକାରୀମାନେ ଘରଦ୍ୱାର ଛାଡ଼ି ଲୁଚି ପଳାଉଥିବା ସିକ୍ୟୁରିଟି ଆନାଲିଷ୍ଟ ଡାଭିଡ୍ ସଉସେଡୋ କହିଛନ୍ତି।

ମେକ୍ସିକୋର ଉତ୍ତର-ପଶ୍ଚିମ ରାଜ୍ୟ ସିନାଲୋଆର ପୋଲିସ ମୁଖ୍ୟ ଜୋଏଲ୍ ଏର୍ନେଷ୍ଟୋ ସୋଟୋଙ୍କୁ ଡ୍ରଗ୍ସ ମାଫିଆମାନେ ହତ୍ୟା କରିଥିଲେ। ରାଜଧାନୀ କୁଲିଆକାନ୍‌ରେ ସେ ଡ୍ରାଇଭିଂ କରି ଯାଉଥିବାବେଳେ ତାଙ୍କ କାର୍‌କୁ ଟାର୍ଗେଟ କରି ବନ୍ଧୁକଧାରୀମାନେ ୨୦୦ ଗୁଳି ଚଳାଇଥିଲେ। ଏହାର ୩ ସପ୍ତାହ ପୂର୍ବରୁ ମଧ ସେ ଅତର୍କିତ ଆକ୍ରମଣକୁ ସାମ୍ନା କରିଥିଲେ। କିନ୍ତୁ ସେ ସେଥିରୁ ବର୍ତ୍ତିଯାଇଥିଲେ। ଦୁଇମାସ ତଳେ ମାଫିଆମାନେ ୧୩ ପୋଲିସ ଅଧିକାରୀଙ୍କୁ ହତ୍ୟା କରିଥିଲେ। ଗତ ଜାନୁୟାରୀରେ ବନ୍ଧୁକଧାରୀମାନେ ଜଣେ ମହିଳା ପୋଲିସ ଅଫିସରଙ୍କ ଘରୁ ତାଙ୍କ ସ୍ୱାମୀଙ୍କୁ ଘୋଷାରି ନେଇଥିଲେ। ତାଙ୍କ ଗୁଳିବିଦ୍ଧ ମୃତଦେହକୁ ରାସ୍ତାରେ ଫିଙ୍ଗିଦେଇଥିଲେ। କେବଳ ଗତବର୍ଷ ମେକ୍ସିକୋରେ ୫୦୦ରୁ ଊର୍ଦ୍ଧ୍ୱ ପୋଲିସ ଅଫିସରଙ୍କୁ ହତ୍ୟା କରାଯାଇଥିଲା।

## ସଚେତନ କରିବ 'ଅନ୍‌ଫେୟାର ଆଣ୍ଡ୍ ଲଭ୍‌ଲି'



ଇଲିଆନା ଡି' କ୍ରୁଜ୍

**ମୁମ୍ବାଇ:** ଏକ ସୁନ୍ଦର ବାର୍ତ୍ତା ନେଇ ଆସୁଛି ଫିଲ୍ମ 'ଅନ୍‌ଫେୟାର ଆଣ୍ଡ ଲଭଲି'। ଅଭିନେତ୍ରୀ ଇଲିଆନା ଡି' କ୍ରୁଜ୍‌ଙ୍କ ସମେତ ଫିଲ୍ମରେ ରଣଦୀପ ହୁଡ୍ଡା ମୁଖ୍ୟ ଭୂମିକାରେ ରହିଛନ୍ତି। ଚର୍ମର ରଙ୍ଗ ସୌନ୍ଦର୍ଯ୍ୟ ବାଖ୍ୟା କରେନି ବୋଲି ଏହି ଚଳଚ୍ଚିତ୍ରରେ ଥିମ୍ ରହିଛି। ଦେଶରେ ବହୁ ସଂଖ୍ୟାରେ ଯୁବତୀ ଚର୍ମ ରଙ୍ଗକୁ ନେଇ ଅସୁବିଧା ଭୋଗୁଥିବାରୁ ସୌନ୍ଦର୍ଯ୍ୟରେ ଚର୍ମ ରଙ୍ଗ ଗୁରୁତ୍ୱ ରଖେନି ବୋଲି ଲୋକଙ୍କ ମଧ୍ୟରେ ସଚେତନତା ଆଣିବା ଫିଲ୍ମର ଉଦ୍ଦେଶ୍ୟ ରହିଥିବା ଇଲିଆନା କହିଛନ୍ତି। ଆସନ୍ତା ଅକ୍ଟୋବରରେ ଏହି ଫିଲ୍ମ ମୁକ୍ତିଲାଭ କରିବ ବୋଲି ସୂଚନା ରହିଛି।

## ପୁଅ ପାଇଁ ଔଷଧ ଆଣିବାକୁ ୩୦୦ କି.ମି.

**ଲକ୍‌ଡାଉନ୍ ଚାଲିଥିବାବେଳେ ପୁଅକୁ ବଞ୍ଚାଇବା ପାଇଁ ୩୦୦ କି.ମି. ସାଇକେଲରେ ଯାଇ ଔଷଧ ଆଣିଲେ ବାପା। କାହାଠାରୁ କିଛି ସାହାଯ୍ୟ ନ ମିଳିବାରୁ ଗାଁଠାରୁ ୧୪୦ କି.ମି. ଦୂରରେ ଥିବା ବେଙ୍ଗାଲୁରୁର ଏକ ହସ୍ପିଟାଲକୁ ସାଇକେଲରେ ଯିବା ଲାଗି ନିଷ୍ପତ୍ତି ନେଇଥିଲେ ଆନନ୍ଦ।**



**ମହୀଶୂର:** ମୋ ପୁଅକୁ ୧୮ ବର୍ଷ ହେବା ଯାଏ ଏହି ମେଡିସିନ ଖାଇଲେ ସେ ଅନ୍ୟମାନଙ୍କ ଭଳି ସ୍ୱାଭାବିକ ହୋଇଯିବ। ଏକଥା ଡାକ୍ତରମାନେ ଆଶ୍ୱାସନା ଦେଇଥିଲେ। ତେଣୁ କିଛି ଚିନ୍ତା ନ କରି ଏହି ଛୋଟିଆ ମିଶନରେ ବାହାରିପଡ଼ିଥିଲି ବୋଲି କହିଛନ୍ତି ୪୫ ବର୍ଷୀୟ ଦିନ ମଜୁରିଆ ଆନନ୍ଦ। କରୋନା ଲକ୍‌ଡାଉନ୍ ବେଳେ ସେ ନିଜ ମାନସିକ ଅନଗ୍ରସର ପୁଅର ଚିକିତ୍ସା ପାଇଁ ମହୀଶୂରର ଏକ ଛୋଟ ଗାଁରୁ ୩୦୦ କି.ମି. ଦୂର ବେଙ୍ଗାଲୁରୁକୁ ଯାଇ ଔଷଧ ଆଣିଛନ୍ତି। ତାହା ପୁଣି ସାଇକେଲରେ। କାହିଁକି ନା କର୍ଣ୍ଣାଟକରେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ସହ ସମସ୍ତ ସାଧାରଣ ପରିବହନ ବନ୍ଦ ରହିଛି। ଭଡ଼ାରେ ଗାଡ଼ି ନେବା ପାଇଁ ଯେତିକି ଟଙ୍କା ଦରକାର ତାହା ଆନନ୍ଦଙ୍କ ହାତରେ ନ ଥିଲା। ସାଇକେଲରେ ତାଙ୍କ ମିଶନଟି ସଫଳ ହୋଇଛି। ଏହା ଏକ ଉତ୍ସର୍ଗର କାହାଣୀ ବୋଲି ଗାଁ ଲୋକେ କହିଛନ୍ତି।

ମହୀଶୂରର ଟି. ନରସିଂପୁର ତାଲୁକ ଗନିଆଗନ ଗ୍ରାମର ବାସିନ୍ଦା ଆନନ୍ଦ ୧୦ ବର୍ଷର ପୁଅ ଭେରେଶଙ୍କ ଔଷଧ ପାଇଁ ସାଇକେଲ ଯାତ୍ରା ଆରମ୍ଭ କରିଥିଲେ। ବାଟରେ ପୋଲିସ ପହରା ସତ୍ତ୍ୱେ ଜିଲା ସୀମା ଡେଇଁ ସେ ଔଷଧ ଆଣିଲେ ଓ ନିଜ ପୁଅକୁ ବଞ୍ଚାଇଲେ। ଏବେ ପୁଅ ସ୍ୱାଭାବିକ ଅବସ୍ଥାକୁ ଫେରିଥିବାରୁ ଆନନ୍ଦ ଖୁସି।

## ବାହାଘରରେ ବନ୍ଧୁକ ଚଳାଇଲେ କନ୍ୟା



**ପ୍ରତାପଗଡ଼:** ବାହାଘରବେଳେ ବରଲମାଳା ରୀତି ଚାଲିଥିବା ସମୟରେ ଜଣେ କନ୍ୟା ବନ୍ଧୁକ ଚଳାଇବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ପ୍ରତାପଗଡ଼ ଜିଲାରେ। ଏଠାରେ ଜଣେ କନ୍ୟା ନିଜ ବିବାହରେ ଦବଙ୍ଗ ଷ୍ଟାଇଲ୍‌ରେ ହର୍ଷ ଫାୟାରିଂ କରିଥିବା ଜଣାପଡ଼ିଛି। ତେବେ କନ୍ୟାଙ୍କ ଏଭଳି କାର୍ଯ୍ୟ ଯୋଗୁ ଏବେ ପୁରା ପରିବାର ସମସ୍ୟା ଘେରକୁ ଚାଲିଆସିଛି। ସୂଚନାଯୋଗ୍ୟ, ପ୍ରତାପଗଡ଼ ଜିଲା ଜେଠୱାରା କୋତୱାଲି ଅନ୍ତର୍ଗତ ପୁରୱା ଗ୍ରାମରେ ରହୁଥିବା ଗିରିଜା ଶଙ୍କର ପାଣ୍ଡେଙ୍କ ଝିଅଙ୍କ ବିବାହ ମେ' ୩୦ରେ ଅନୁଷ୍ଠିତ ହୋଇଥିଲା। ବିବାହ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ବରଣମାଳା ପାଇଁ କନ୍ୟା ମଞ୍ଚ ଉପରକୁ ଯାଉଥିଲେ। ସେହି ସମୟରେ କନ୍ୟାଙ୍କୁ ଉପରକୁ ଚଢ଼ାଇବା ପାଇଁ ବର ଆଗକୁ ଆସିଥିଲେ। ହେଲେ ସେତେବେଳେ କନ୍ୟାଜଣଙ୍କ ନିଜର ଦବଙ୍ଗଗିରି ଦେଖାଇ ଫିଲ୍ମ ଷ୍ଟାଇଲ୍‌ରେ କକାଙ୍କଠାରୁ ବନ୍ଧୁକ ଆଣି ହର୍ଷ ଫାୟାରିଂ କରିଥିଲେ। ଏହାକୁ ଦେଖି ସେଠାରେ ଉପସ୍ଥିତ ଥିବା ସମସ୍ତ ଅତିଥି ଚକିତ ହୋଇପଡ଼ିଥିଲେ। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅନ୍ୟପଟେ ଏହି ଭିଡିଓକୁ ଦେଖି ପୋଲିସ ଆକ୍ସନରେ ଆସିଯାଇଛି। ଏହି ଘଟଣାରେ ପୋଲିସ ଉକ୍ତ କନ୍ୟା ଓ ତାଙ୍କ କକାଙ୍କ ବିରୋଧରେ ମାମଲା ରୁଜୁ କରିଛି।



## ଭାରତର ମିଶନ ଚୋକ୍‌ସି
# ଡୋମିନିକାରେ ୮ ଜଣିଆ ଟିମ୍

**ନୂଆଦିଲ୍ଲୀ,୧।୬**

ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କୁ ସ୍ୱଦେଶକୁ ଆଣିବା ପାଇଁ ବିଭିନ୍ନ ଭାରତୀୟ ସଂସ୍ଥାର ଏକ ୮ ଜଣିଆ ଟିମ୍ ଦ୍ୱୀପ ରାଷ୍ଟ୍ର ଡୋମିନିକାରେ ପହଞ୍ଚିଛି। 'ମିଶନ ଚୋକ୍‌ସି'ରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବଂ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ଦୁଇଜଣ ଲେଖାଏ ଅଧିକାରୀ ସାମିଲ ଅଛନ୍ତି। ବୁଧବାର ଚୋକ୍‌ସିଙ୍କୁ କୋର୍ଟରେ ହାଜର କରାଯିବାବେଳେ ଉକ୍ତ ଟିମ୍ ଡୋମିନିକାର ସରକାରୀ ଓକିଲମାନଙ୍କୁ ସହାୟତା ଦେବେ। ଇତିମଧ୍ୟରେ କାରିବିଆନ୍ ଦ୍ୱୀପ ରାଷ୍ଟ୍ର ଚୋକ୍‌ସିଙ୍କ ସମ୍ପର୍କରେ ଅନେକ ରୋଚକ ତଥ୍ୟ ଆସିବାରେ ଲାଗିଛି। ଚୋକ୍‌ସିଙ୍କୁ ଖସାଇ ଆଣିବା ଲାଗି ତାଙ୍କ ଭାଇ ଚେତନ ଚୋକ୍‌ସି ଡେମିନିକାର ବିରୋଧୀ ଦଳ ନେତାଙ୍କୁ ଲାଞ୍ଚ ଦେଇଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏହି ମାମଲା ସେଠାରେ ରାଜନୈତିକ ପ୍ରସଙ୍ଗ ପାଲଟିଛି।

### ବିରୋଧୀ ଦଳ ନେତାଙ୍କୁ ଲାଞ୍ଚ ଦେଇଛନ୍ତି ମେହୁଲ ଚୋକ୍‌ସିଙ୍କ ଭାଇ



୨୦୧୮ରେ ପିଏନ୍‌ବିର ୧୩,୫୦୦ କୋଟି ଟଙ୍କା ଋଣ ଜାଲିଆତି ମାମଲା ପଦାକୁ ଆସିବା ପରେ ୬୨ ବର୍ଷୀୟ ହୀରା ବ୍ୟବସାୟୀ ଚୋକ୍‌ସି ଆଣ୍ଟିଗୁଆ ଯାଇ ସେଠାକାର ନାଗରିକତ୍ୱ ଗ୍ରହଣ କରିଥିଲେ। ନିକଟରେ ଡୋମିନିକାରେ ପୋଲିସ ତାଙ୍କୁ ଠାବ କରି ହାଜତରେ ରଖିଛି। ତାଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି ବୁଧବାର ଏକ ସ୍ଥାନୀୟ କୋର୍ଟରେ ହେବ। ଚୋକ୍‌ସିଙ୍କୁ ହାଜର କରାଯିବାବେଳେ ୮ ଜଣିଆ ଭାରତୀୟ ଟିମ୍ ଅଦାଲତରେ ଉପସ୍ଥିତ ରହିବ। ଡୋମିନିକାର ସରକାରୀ ଓକିଲଙ୍କୁ ଟିମ୍ ସଦସ୍ୟମାନେ ସହାୟତା ଦେବ। ଏଥିପାଇଁ ଉକ୍ତ ଟିମ୍ ଶୁକ୍ରବାରଠାରୁ ସେଠାରେ ପହଞ୍ଚି ପ୍ରସ୍ତୁତି ଚଳାଇଛି। କାରିବିଆନ୍ ମିଡିଆ ଆଉଟ୍‌ଲେଟ୍ ଆସୋସିଏଟ୍ସ ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ ପଳାତକ ବ୍ୟବସାୟୀ ଚୋକ୍‌ସିଙ୍କ ବଡ଼ଭାଇ ଚେତନ ଚିନୁଭାଇ ଚୋକ୍‌ସି ଗତ ୨୯ ତାରିଖରେ ଡୋମିନିକା ବିରୋଧୀ ଦଳ ନେତା ଲେନୋକ୍ସ ଲିଣ୍ଟୋନଙ୍କୁ ଭେଟିଥିଲେ। ୩୦ରେ ଚେତନଙ୍କ ଘରେ ଉଭୟଙ୍କ ମଧ୍ୟରେ ୨ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଭାଇଙ୍କ ମୁକ୍ତି ପାଇଁ ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗ ଉଠାଇଲେ ଆସନ୍ତା ନିର୍ବାଚନ ପାଇଁ ପାଣ୍ଠି ଯୋଗାଇବାକୁ ସେ ବିରୋଧୀ ଦଳ ନେତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ଓଡ଼ିଶାରେ ୨୪ କୋଭିଡ୍ ଅନାଥ

**ନୂଆଦିଲ୍ଲୀ,୧।୬:** ଓଡ଼ିଶାରେ ମହାମାରୀ କରୋନା ଯୋଗୁ ୨୪ ଶିଶୁ ଅନାଥ ହୋଇଛନ୍ତି। ୨୦୨୦ ମାର୍ଚ୍ଚ ପରଠାରୁ ସଂକ୍ରମଣରେ ମା' କିମ୍ବା ବାପା ଅଥବା ଉଭୟଙ୍କୁ ଅନ୍ୟୂନ ୨୪ ପିଲା ହରାଇଥିବା ସୁପ୍ରିମ୍‌କୋର୍ଟରେ ଶିଶୁଙ୍କ ଅଧିକାର ସୁରକ୍ଷା ପାଇଁ ଜାତୀୟ କମିଶନ (ଏନ୍‌ସିପିସିଆର୍) ଦାଖଲ କରିଥିବା ସତ୍ୟପାଠରୁ ଜଣାପଡ଼ିଛି। ଏନ୍‌ସିପିସିଆର୍ ଦର୍ଶାଇଛି, ଓଡ଼ିଶାରେ ୧୪ ଶିଶୁ ଉଭୟ ମା' ଓ ବାପାଙ୍କୁ କୋଭିଡ୍‌ରେ ହରାଇଛନ୍ତି। ଅନ୍ୟ ୧୦ ଶିଶୁଙ୍କ ମା' କିମ୍ବା ବାପାଙ୍କ ମୃତ୍ୟୁ କରୋନା ସଂକ୍ରମଣ ଯୋଗୁ ଘଟିଛି। ବାଲ୍ ସ୍ୱରାଜ ପୋର୍ଟରୁ ସଂଗୃହୀତ ତଥ୍ୟ ଅନୁସାରେ ଶୀର୍ଷ ଅଦାଲତକୁ ଏନ୍‌ସିପିସିଆର୍ ଏହି ବିଷୟ ଅବଗତ କରାଇଛି। ଅନ୍ୟପକ୍ଷେ କରୋନା ଯୋଗୁ ଦେଶରେ ମୋଟ ୧୭୪୨ ଶିଶୁ ଅନାଥ ହୋଇଥିବାବେଳେ ୭୪୬୪ ଜଣ ନିଜ ମା' କିମ୍ବା ବାପାଙ୍କୁ ହରାଇଛନ୍ତି। ୧୪୦ ଶିଶୁଙ୍କୁ ମହାମାରୀ ବେଳେ ସେମାନଙ୍କ ପରିବାର ଛାଡ଼ିଦେଇଛି। ତେବେ ଜିଲା ପ୍ରଶାସନ ଅନାଥ ଶିଶୁଙ୍କ ସମ୍ପୂର୍ଣ୍ଣ ତଥ୍ୟ ଅପ୍‌ଲୋଡ୍ କରି ନ ଥିବା ଏନ୍‌ସିପିସିଆର୍ ଅଭିଯୋଗ କରିଛି।


ଜନ୍ମ ଦିନର ଶୁଭେଚ୍ଛା



ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଏବଂ ତୋର ଚଲାପଥକୁ କୁସୁମିତ କରନ୍ତୁ। ଏତିକି ମହାପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।
ସୂର୍ଯ୍ୟକାନ୍ତ ବିଶ୍ୱାଳ
ଭୁବନେଶ୍ୱର
ଶୁଭେଚ୍ଛା ସହ: ବାବା, ମାମା, ଗେହ୍ଲି ଭଉଣୀ ଗୁଡ଼ି, ପରିବାର ଓ ବନ୍ଧୁବାନ୍ଧବ
ଧ-୨୦୮୨୪

10th Birthday Wish



(Subham)
Upansu
" I can't imagine my life without you.
Happy Birthday Son"
*Best Wishes:* Papa, Mama, Tata, Maama Peda Tata, Peda Maama, Kuni, Aja,, Aai, Tulu, July, Lachu, Lila, Giri, Puspa, Asish, Santu, Rinku, Rinki, Sonu, Munu, Joshna, Rudra, Bhawna, Sanvi, Purbika, Mohil & Tanvika.
D-67122

୨ୟ ଜନ୍ମଦିନ ଶୁଭେଚ୍ଛା



ଦିବ୍ୟାଂସି ଦାଶ
କାନପୁର, ବୀରମହାରାଜପୁର, ଜି: ସୁବର୍ଣ୍ଣପୁର
ପିତା: ସୁଶାନ୍ତ ଦାଶ
ମାତା:ପଦ୍ମଜା ଦାଶ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
:ଶୁଭେଚ୍ଛା ସହ:
ମାମୁ, ମାଉସୀ, ନାନା
ଧ-୨୦୮୨୬


## 'ମାଗଣାରେ ଟିକାଦେଉ କେନ୍ଦ୍ର'

### ୧୧ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପି. ବିଜୟନ



**ଥିରୁଭାନନ୍ତପୁରମ୍, ୧।୬:** ମାଗଣାରେ କୋଭିଡ୍ ଟିକା ଯୋଗାଇବାକୁ କେନ୍ଦ୍ର ଉପରେ ରାଜ୍ୟଗୁଡ଼ିକର ଅଣଭାଜପା ସରକାର ଚାପ ପକାଇବା ଦରକାର ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ କହିଛନ୍ତି। ଏ ନେଇ ସେ ସୋମବାର ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଦିଲ୍ଲୀ, ପଞ୍ଜାବ, ରାଜସ୍ଥାନ, ମହାରାଷ୍ଟ୍ର ଏବଂ ତାମିଲନାଡୁର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ନିଜ ଖର୍ଚ୍ଚରେ ମାଗଣା ଟିକା ଯୋଗାଇଲେ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ପ୍ରଭାବିତ ହେବ। ବିଦେଶୀ ଟିକା ଉତ୍ପାଦନକାରୀ ସଂସ୍ଥା ରାଜ୍ୟଗୁଡ଼ିକ ସହ ଚୁକ୍ତି କରିବାକୁ ମଧ୍ୟ ମନା କରୁଥିବାବେଳେ କେନ୍ଦ୍ର ତା'ର ଦାୟିତ୍ୱ ଭୁଲି ଯାଉଛି। ସଂଘୀୟ ବ୍ୟବସ୍ଥାକୁ ସମ୍ମାନ ଜଣାଇ ରାଜ୍ୟଗୁଡ଼ିକରେ ମାଗଣାରେ ଟିକା ବଣ୍ଟନ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ବନ୍ଦୋବସ୍ତ କରୁ ବୋଲି ସେ ଗୁରୁତ୍ୱ ଦେଇଛନ୍ତି।

## ଆଲାପନଙ୍କୁ କେନ୍ଦ୍ରର ନୋଟିସ୍



**ନୂଆଦିଲ୍ଲୀ, ୧।୬:** ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟ ଶାସନ ସଚିବ ଆଲାପନ ବନ୍ଦୋପାଧ୍ୟାୟଙ୍କୁ ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। 'ୟାସ୍' କ୍ଷୟକ୍ଷତି ସମୀକ୍ଷା ପାଇଁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ଗସ୍ତ କରିବା ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଆଲାପନ ଅଧଘଣ୍ଟା ବିଳମ୍ବରେ ଆସିଥିଲେ। ଏପରି କି ସେ ଉକ୍ତ ବୈଠକରେ ଉପସ୍ଥିତ ରହି ନ ଥିଲେ। କେନ୍ଦ୍ର ସରକାର ଏହାର କାରଣ ଜାଣିବାକୁ ଚାହିଁଛନ୍ତି। ବୈଠକରେ ସେ କାହିଁକି ରହି ନ ଥିଲେ ବୋଲି ନୋଟିସ୍‌ରେ ତାଙ୍କୁ ପ୍ରଶ୍ନ କରାଯାଇଛି। ଏହା ସହ ବିପର୍ଯ୍ୟୟ ପରିଚାଳନା ଆଇନ ଅନୁଯାୟୀ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ୩ ଦିନ ଭିତରେ ଜବାବ ଲୋଡ଼ାଯାଇଛି। ଆଲାପନ ସୋମବାର ମୁଖ୍ୟ ଶାସନ ସଚିବ ପଦରୁ ଅବସର ନେବା ପରେ ମମତା ତାଙ୍କୁ ନିଜ ମୁଖ୍ୟ ଉପଦେଷ୍ଟା ନିଯୁକ୍ତ କରିଛନ୍ତି।


ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ



୰ସୁଧାଂଶୁ ବାଳା ରଥ
ସାମନ୍ତରାପୁର, ଓଲ୍‌ଡ ଟାଉନ
ଆବିର୍ଭାବ: ୨୫।୦୧।୧୯୪୯
ତିରୋଧାନ: ୨୪।୦୫।୨୦୨୧
ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ଶୋକସନ୍ତପ୍ତ ମିଶ୍ର ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନବୃନ୍ଦ
ଧ-୨୦୮୧୬

ଏକାଦଶାହ ଉପଲକ୍ଷେ



୰ସୁଶୀଳା ଗଡ଼ନାୟକ
ଏଲ୍-୪୨୩, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର
ଆବିର୍ଭାବ: ୨୪।୦୧।୧୯୫୨
ତିରୋଧାନ: ୨୩।୦୫।୨୦୨୧
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଅନୁ, ରାଜା, ମଞ୍ଜୁ, ମାମି, ଓମ୍, ଅଭିକ୍, ଆହାନା, ନାରାୟଣ, ଲକ୍ଷ୍ମୀ ଏବଂ ସମସ୍ତ ଆତ୍ମୀୟସ୍ୱଜନ।
ଧ-୨୦୮୨୧

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Registration No.3367
Balaji Finance Ltd.
1941ଠାରୁ ଆପଣଙ୍କ ସେବାରେ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ BPL, ଇଟାଭାଟି, କୁକୁଡ଼ାପାଳନ ଏବଂ ସବୁ ଋଣ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ 40% ଛାଡ଼
(ଠକମାନଙ୍କ ପ୍ରତି ସାବଧାନ)
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8004740343

ଆଡଭାନ୍ସ ନେଉନ୍ତୁ, ଧୋକା ଦେଉନୁ
ହିନ୍ଦୁସ୍ଥାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମାଛ ଚାଷ ପୂର୍ବରୁ...



ଚଳିତ ବର୍ଷ ମାଛଚାଷ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ। ଯେଉଁ ଚାଷୀଭାଇ ମାନେ ପୋଖରୀକୁ ମେ' ମାସ ଶେଷସୁଦ୍ଧା ଶୁଖାଇ ପାରି ନାହାନ୍ତି ସେମାନେ ଜୁନ୍ ମାସ ପ୍ରଥମ ସପ୍ତାହ ମଧ୍ୟରେ ପୋଖରୀରୁ ପାଣି ବାହାର କରି ଶୁଖାଇ ଦିଅନ୍ତୁ। ଶୁଖାଇଥିବା ପୋଖରୀକୁ ଭଲଭାବେ ହଳ କରିଦିଅନ୍ତୁ। ମାଟିର ଅମ୍ଳତାର ମାତ୍ରା ଅନୁସାରେ ଚୂନ ପ୍ରୟୋଗ କରନ୍ତୁ। ଜୁନ୍ ମାସ ୧୫ ତାରିଖ ପରେ ବର୍ଷା ହେଲେ ପୋଖରୀରେ ପାଣି ରହିବ। ଏହି ସମୟରେ ଏକର ପ୍ରତି ଏକ ଟନ୍ ହିସାବରେ କଞ୍ଚା ଗୋବର ପାଣିରେ ମିଶାଇ ଦିଅନ୍ତୁ। ଏହା ମାଛର ପ୍ରାକୃତିକ ଖାଦ୍ୟ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ।

# କପାର ଉନ୍ନତ କିସମ



ହେକ୍ଟର ପ୍ରତି ଉନ୍ନତ କିସମ (ଏମ୍.ସି.ୟୁ.-୫) ବିହନ ବା ସଙ୍କର ଜାତୀୟ (ସବିତା, ସୂର୍ଯ୍ୟ, ବିହନ) ୨.୦-୨.୫ କି.ଗ୍ରା. ଧାଡ଼ିକୁ ଧାଡ଼ି ୯୦ ସେ.ମି. ଏବଂ ମଞ୍ଜିକୁ ମଞ୍ଜି ୬୦ ସେ.ମି. ବ୍ୟବଧାନ ରଖି ଓ ୪-୫ ସେ.ମି. ଗଭୀରରେ ଦୁଇଟି ଲେଖାଏ ମଞ୍ଜି ପୋତନ୍ତୁ । ସଘନ କପା ଚାଷ ପଦ୍ଧତି ପାଇଁ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ବିହନକୁ ୬୦ x ୧୦ ସେ.ମି. ବ୍ୟବଧାନରେ ବୁଣାଯାଏ । କପାଚାଷ ପାଇଁ ଜମିକୁ ୮-୧୦ ଓଡ଼ ଗଭୀର ଚାଷ କରି ମଇ ଦେଇ ମାଟିକୁ ଭଲଭାବେ ଗୁଣ୍ଡ କରି ଦିଅନ୍ତୁ ।

# ବର୍ଷା ଦିନେ ଗୋପାଳନ

ବର୍ଷାଋତୁରେ ଗୋ-ମହିଷି ଏବଂ ବାଛୁରୀଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଏହି ମାସରେ ଗୋ-ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ-ମହିଷିଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ । ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ ।



ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ ।

# ଧାନ ଚାଷ ପାଇଁ ପ୍ରସ୍ତୁତି

ଏ ମାସର କୃଷି ସୂଚନା



ଆଉ ଦିନ କେଇଟା ପରେ ବର୍ଷା ଦିନ ଆସିଯିବ। ଏହି ସମୟରେ ଅର୍ଥାତ ଧାନ ଚାଷ ପୂର୍ବରୁ ଜମିକୁ ଗଭୀର ଚାଷ କରି ମାଟିକୁ ଗୁଣ୍ଡ କରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ। ବୁଣିସାରି ଥରେ ମଇ ଦେଇ ଦିଅନ୍ତୁ। ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ। ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନ କରି ବୁଣନ୍ତୁ। ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ। ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଉଚ୍ଚତାର ନାଳି ଛାଡ଼ନ୍ତୁ। ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ। ଦୋରସା ମାଟି ଥିବା ବର୍ଷାଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ। ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦



ସେ.ମି. ବ୍ୟବଧାନରେ ତଳି ପଟିରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ। ଗଜା ହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ। ସାଧାରଣତଃ ଖରିଫ୍/ବର୍ଷା ଋତୁରେ ମୋଟ ୬୦ ମିଲି.ମି. ବର୍ଷା ହେବାପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ। ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷ କରି ଡିପ ଜମିରେ ଘାସମରା ଔଷଧ ବ୍ୟବହାର କରି ଘାସ ଦମନ କରନ୍ତୁ। ଏଥିଲାଗି ଡିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ମୁଖ୍ୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨-୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ। ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ। ଜଳସେଚିତ ଜମି ଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ। ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ଫସଲକୁ ବିହନ ଜନିତ ରୋଗରୁ ରକ୍ଷା କରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବୋକ୍ସିନ୍ x ଥିରାମ୍ ବା ୨ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ। ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣି ଶକ୍ତି ଥିବା କିସମର ଧାନଚାଷ କରନ୍ତୁ।

**ଦର୍ଣ୍ଣିକଟା (କେଣ୍ଡା ମହିଷା) ରୋଗର ପ୍ରତିକାର :** ୧ କି.ଗ୍ରା. ବିହନକୁ ୨.୫ ଗ୍ରାମ୍ ହିସାବରେ ମିଶ୍ରିତ ଫିମ୍ପିନାଶକ କାର୍ବୋସ୍କିନ୍ (୩୭.୫%) x ଥିରାମ୍ (୩୭.୫%) ଦ୍ୱାରା ବିଶୋଧନ କରିବେ ଏବଂ ହେକ୍ଟର ପ୍ରତି ଟେବୁକୋନାଜୋଲ୍ ୫୦୦ ମି.ଲି. କିମ୍ବା କାଜୁଗାମାଇସିନ୍ (୩% ଏସ୍.ଏଲ୍.) ୫୦୦ ମି.ଲି. କିମ୍ବା ୭୫୦ ମି.ଲି. ଆଇସୋପ୍ରୋଥିଲେନ୍ (୪୦% ଇସି) ଦୁଇଥର ପତ୍ର ସିଞ୍ଚନ କରିବେ।

**ମକା ବିହନ ବୁଣିବା ପୂର୍ବରୁ :** ଜମି ପ୍ରସ୍ତୁତ କରି ହେକ୍ଟର ପ୍ରତି ୨୦ କି.ଗ୍ରା. ବିହନ ବିଶୋଧନ କରି ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ବୁଣିଲାବେଳେ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ପାଣି ଜମି ରହିଲେ ମକା ଗଛ ଭଲ ବଢ଼େ ନାହିଁ। ତେଣୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।

**ଡାଲି ଜାତୀୟ ଫସଲ :** ଜମି ପ୍ରସ୍ତୁତ କରି ନିଗିଡ଼ା ଡିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ। ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ। ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ। ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦାମ** -ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ।

-ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଟୋପାଲଗା ଚିନାବାଦାମ)।

-ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ। କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ।

-ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ।

-ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ।

-ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର-୩*

## ଆଖୁ ଚାଷ ସମ୍ପର୍କରେ...

ଆଖୁ ଚାଷ ପାଇଁ ଚୟନ କରିଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରାଯାଇପାରେ।



# ସ୍ୱାବଲମ୍ବୀ କରିଛି ଛେଳି ଓ କୁକୁଡ଼ା ପାଳନ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କରଞ୍ଜଆଡ଼ିଆର ରମେଶ ଚନ୍ଦ୍ର ପଣ୍ଡା(ମୋ:୮୩୨୭୭୨୨୧୬୩)। ନିଜର ଉଦ୍ୟମ ବଳରେ ସେ ଛେଳି ଏବଂ କୁକୁଡ଼ା ପାଳନ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ୩୭ ବର୍ଷ ବୟସ୍କ ରମେଶ (ବାପା-ଦାମୋଦର ପଣ୍ଡା, ମା-ବାସନ୍ତୀ ପଣ୍ଡା) ଯୁକ୍ତ ଦୁଇ ପାସ୍ କରିଥିଲେ ମଧ୍ୟ ଚାକିରି ପ୍ରତି ଆଗ୍ରହ ପ୍ରକାଶ କରି ନ ଥିଲେ। ତେଣୁ ରୋଜଗାର କରିବା ପାଇଁ ବାଛି ନେଇଥିଲେ ଛେଳି ଓ କୁକୁଡ଼ା ପାଳନ। ନିଜର ଏଭଳି ଆଭିମୁଖ୍ୟ ସମ୍ପର୍କରେ ସେ କହନ୍ତି, ''ମୋର ନିଜ ଉପରେ ବିଶ୍ୱାସ ଥିଲା ତେଣୁ ତାହାକୁ ପାଥେୟ କରି ଛେଳି ଏବଂ କୁକୁଡା ପାଳନ ଆରମ୍ଭ କରିଥିଲି। ଏବେ ମୋ ପାଖରେ ବିଭିନ୍ନ ପ୍ରଜାତିର ଯଥା ବ୍ରିଟେଲ, ତୋଟାପାରି, ଲଙ୍କା, ଗୋଲାବି-ବ୍ରିଟେଲ, ବ୍ଲାକ ବେଙ୍ଗଲ, ଯମୁନାପାରି, ସିରୋଲି ଭଳି ୬୦ରୁ ଊର୍ଦ୍ଧ୍ୱ ଅଷ୍ଟ୍ରେଲିଆ, ପିକକ ପରି ୨୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର କୁକୁଡ଼ା ପାଳିଛି। ଫାର୍ମରେ ଦୁଇଟି ଇନକ୍ୟୁବେଟର ଅଛି। ଏଥିରେ ଅଣ୍ଡାକୁ ରଖାଯାଇ ମୋ ଫାର୍ମରେ ଥରକୁ ୧୫୦ରୁ ୨୦୦ ଟିଆଁ ଉତ୍ପାଦନ କରାଯାଉଛି।'' ଟିକାକରଣ ପରେ ଟିଆଁଗୁଡ଼ିକୁ ଅଞ୍ଚଳର ପାଳକଙ୍କୁ ବିକ୍ରି କରିବା ସହ ନିଜେ ପାଳନ କରୁଛନ୍ତି ରମେଶ। ସାମ୍ପ୍ରତିକ ବଜାରରେ ମାଂସର ଚାହିଦା ଭଲ ରହିଥିବା ବେଳେ ରମେଶଙ୍କର ପ୍ରାକୃତିକ ଖାଦ୍ୟ ଖାଇ ବଢୁଥିବା ଛେଳି ଓ କୁକୁଡ଼ା ମାଂସର ଏଠାରେ ଚାହିଦା ରହିଛି। ଏହାକୁ ବିକ୍ରି କରି ମାସିକ ୨୦ ରୁ ୨୫ ହଜାର ଟଙ୍କା ରୋଜଗାର କରିପାରୁଛନ୍ତି ସେ। ଏଥିସହ ନିଜ ଗ୍ରାମରେ ରହି ଆତ୍ମସନ୍ତୋଷ ସହ ରୋଜଗାର କରିବାର ମଜା ନିଆରା ବୋଲି କହନ୍ତି ରମେଶ । କୌଣସି କାର୍ଯ୍ୟ କରିବା ପାଇଁ ଉଦ୍ୟମ ଓ ନିଷ୍ଠା ରହିଲେ ଆପେ-ଆପେ ରୋଜଗାର ହୋଇପାରିବ ବୋଲି ମଧ୍ୟ ମତ ରଖନ୍ତି ସେ। ଛେଳି ପାଳନ

ସଫଳ ଚାଷୀ



କୁକୁଡ଼ା ସହ ରମେଶ ଚନ୍ଦ୍ର ପଣ୍ଡା

ଖାସି ଓ ଛେଳି ଅଛନ୍ତି। ଉନ୍ନତ ପ୍ରଜାତିର ନୂତନ ବ୍ରିଡ ଖାସି ଓ ଛେଳିଗୁଡ଼ିକ ଜନ୍ମରୁ ଏକ ସପ୍ତାହ ମଧ୍ୟରେ ୫ କିଗ୍ରାରୁ ଊର୍ଦ୍ଧ୍ୱ ଓଜନ ହେଉଥିବା ବେଳେ ୬ ମାସରେ ୩୦ରୁ ୪୦ କିଗ୍ରା ଓଜନର ହେଉଛନ୍ତି। ଏପରି କି ବ୍ରିଡ ପାଇଁ ରଖିଥିବା ଖାସି ଗୋଲାଜିଓ ବ୍ରିଟେଲ ମିକ୍ସର ଓଜନ ୯୦ କିଗ୍ରାରୁ ଅଧିକ ହେଉଛି। ଜନ୍ମରୁ ଛେଳିଙ୍କୁ ଟିକାକରଣ ସହ ନିଜ ହାତ ତିଆରି ମକା, ଭୁଷି, ମୁଗ ଓ ମିନେରାଲ ମିଶାଇ ଖାଦ୍ୟ ଏବଂ ଘାସ ଖାଇବାକୁ ଦେଉଛି। ଅନ୍ୟପକ୍ଷରେ କଡ଼କନାଥ, ହଂସଲି, ପାଇଁ ସରକାରଙ୍କ ତରଫରୁ ତାଙ୍କୁ ୬୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିଥିବା ବେଳେ ବାସୁଦେବପୁରର ପ୍ରାଣୀଚିକିତ୍ସକ ରାଜେଶ କୁମାର କୁଅଁର ତାଙ୍କୁ ବୈଷୟିକ ସହାୟତା ପ୍ରଦାନ କରିଛନ୍ତି। ଆଗକୁ ସରକାରଙ୍କ ତରଫରୁ ଅଧିକ ଆର୍ଥିକ ସହାୟତା ମିଳିଲେ ଭଲଭାବେ ଉନ୍ନତମାନର ଛେଳି ପାଳନ ସହ ଅଞ୍ଚଳର ବେକାର ଯୁବତୀ ଯୁବକମାନଙ୍କୁ ସ୍ୱାବଲମ୍ବୀ କରାଇବାରେ ସହାୟକ ହୋଇପାରିବେ ବୋଲି ସେ କହନ୍ତି।

**- କାଳୀପଦ ରାୟ**

# ବର୍ଷାଦିନିଆ ପନିପରିବା

ବର୍ଷାଦିନେ ସାଧାରଣତଃ ବାଇଗଣ, ବର୍ଷାଦିନିଆ ବିଲାତି ବାଇଗଣ, ବର୍ଷାଦିନିଆ କୋବି, ବର୍ଷାଦିନିଆ ପିଆଜ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡଙ୍ଗ ଆଦି ପନିପରିବା ଫସଲ ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷ କରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡ କରି ମିଶାଇ ଦିଅନ୍ତୁ । ଏଥିସହିତ ୧୫୦ ଗ୍ରାମ୍



ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ତଳିଘରା ପ୍ରସ୍ତୁତ ସୁପର୍ ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ । ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ କରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜ କରି ଦୁଇ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ।

# ଫଳ ଚାରା ଲଗାଇବା ସମୟରେ...



ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛି ଦିନ ପାଇଁ ଛାଡ଼ି ଦିଅନ୍ତୁ। ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା:-

ଆମ୍ବ ଓ ସପେଟା - ୧ ମି. x ୧ ମି. x ୧ ମି.
ନଡ଼ିଆ - ୧ ମି. x ୧ ମି. x୧ ମି.
କଦଳୀ - ୦.୫ ମି. x ୦.୫ ମି.x ୦.୫ ମି.
କମଳା/ଲେମ୍ବୁ - ୦.୬ ମି. x ୦.୬ ମି. x ୦.୬ ମି.



ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ। ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ। ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଅନ୍ୟପକ୍ଷରେ ନର୍ସରି ପାଇଁ ଆମ୍ବ ଟାକୁଆ ସଂଗ୍ରହ କରି ଚାରା ପକାନ୍ତୁ। ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ। ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ। ମାଆ ଗଛ ଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ନୂତନ ଗଛଗୁଡ଼ିକରେ ଛାଇ ପ୍ରଦାନ ସହିତ ଜଳସେଚନ କରନ୍ତୁ। ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ। ସପେଟା କଲମୀ କରନ୍ତୁ। ବାତ୍ୟାରେ ଭାଙ୍ଗି ପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫା କରି କମ୍ପୋଷ୍ଟ ଖାତରେ ଭରି ଦିଅନ୍ତୁ।

# ଫ୍ରେଞ୍ଚ୍ ଓପନରୁ ଓହରିଲେ ଓସାକା

**ପ୍ୟାରିସ୍,୧।୬(ଏପି):** କ୍ରୀଡ଼ାରେ ମାନସିକ ଅବସାଦ ତଥା ଦୁଶ୍ଚିନ୍ତାର ପ୍ରଭାବ ରହିବା ନୂଆ କଥା ନୁହେଁ। ପୂର୍ବରୁ ଅନେକ କ୍ରୀଡ଼ାବିତ୍, କ୍ରିକେଟର ମାନସିକ ଅବସାଦ ପାଇଁ ଖେଳ ଛାଡ଼ିବାର ଏକାଧିକ ଉଦାହରଣ ରହିଛି। ଏବେ ଟେନିସରେ ଏହା ଦେଖିବାକୁ ମିଳିଛି। ୪ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ହାସଲ କରିଥିବା ଜାପାନର ୨୩ ବର୍ଷୀୟା ମହିଳା ତାରକା ଟେନିସ ଖେଳାଳି ନାଓମି ଓସାକା ଦୁଶ୍ଚିନ୍ତା ତଥା ମାନସିକ ଅବସାଦର ଶିକାର ହୋଇ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି। ଫଳରେ ସମଗ୍ର କ୍ରୀଡ଼ା ଜଗତରେ ଚର୍ଚ୍ଚା ସୃଷ୍ଟି ହୋଇଛି। ବିଶ୍ୱର ୨ ନମ୍ବର ଖେଳାଳି ରବିବାର ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଫ୍ରେଞ୍ଚ୍ ଓପନ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ରୋମାନିଆର ପାଟ୍ରିସିଆ ଟିଗ୍‌ଙ୍କୁ ୬-୪, ୭-୬ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଥିଲେ। ସେ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରୁ ଓହରିଯାଇ କ୍ରୀଡ଼ା ଜଗତରେ ହଇଚଇ ସୃଷ୍ଟି କରିଛନ୍ତି। ପ୍ରଥମେ ମିଡିଆକୁ ଏଡ଼ାଇଯିବା, ପରେ ଜରିମାନା ଓ ଶେଷରେ ଓହରିବା ନିଷ୍ପତ୍ତି ନେଇଥିବାରୁ ଓସାକାଙ୍କୁ ନେଇ ବାଦବିବାଦ ଦେଖାଦେଇଛି।

ଟୁଇଟ୍ କରି ଓସାକା ଏ ସମ୍ପର୍କରେ ସୂଚନା ଦେଇଥିଲେ। ୨୦୧୮ ୟୁଏସ୍ ଓପନ୍‌ରୁ ସେ ଡିପ୍ରେସନର ଶିକାର ହୋଇଥିଲେ ବୋଲି କହିଛନ୍ତି। ବିଶ୍ୱର ସବୁଠାରୁ ଆୟକାରୀ ମହିଳା ଖେଳାଳିର ମାନ୍ୟତା ପାଇଥିବା ଓସାକା ମାନସିକ ଅବସାଦ, ଚିନ୍ତାର ଶିକାର ହୋଇଛନ୍ତି ଓ ଟୁର୍ନାମେଣ୍ଟରୁ ଓହରିବା ତାଙ୍କ ପାଇଁ ଶ୍ରେୟସ୍କର ବୋଲି କହିଛନ୍ତି। ତେବେ ଟୁର୍ନାମେଣ୍ଟରୁ ଓହରିବାର ଟାଇମିଂ ଠିକ୍ ନୁହେଁ ବୋଲି ସେ ସ୍ୱୀକାର କରିଛନ୍ତି।

ଡିପ୍ରେସନ ପାଇଁ ଓସାକା ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି ବୋଲି ଓସାକାଙ୍କ ଏଜେଣ୍ଟ ଷ୍ଟୁଆର୍ଟ ଡୁଗୁଇଡ୍ କହିଛନ୍ତି। ୨୩ ବର୍ଷରେ ପଦାର୍ପଣ କରିବାର ଗୋଟିଏ ଦିନ ପରେ ଓସାକା ଏହି ନିଷ୍ପତ୍ତି ନେଇ ସମସ୍ତଙ୍କୁ

## ମାନସିକ ଅବସାଦରୁ ନିଷ୍ପତ୍ତି ନେଲେ

ଚକିତ କରିଛନ୍ତି। ଜାପାନ ଜନ୍ମିତ ଓସାକା ମାତ୍ର ୩ ବର୍ଷ ବୟସରେ ପରିବାର ସହ ଆମେରିକା ଚାଲିଆସିଥିଲେ। ତାଙ୍କର ଏହି ନିଷ୍ପତ୍ତିକୁ ଅବଶ୍ୟ ବିଭିନ୍ନ କ୍ରୀଡ଼ାବିତ୍‌ମାନେ ସମର୍ଥନ ଜଣାଇଛନ୍ତି। ଓସାକାଙ୍କ ଏହି ନିଷ୍ପତ୍ତି ଦୁର୍ଭାଗ୍ୟଜନକ ବୋଲି ଫ୍ରେଞ୍ଚ୍ ଟେନିସ ଫେଡେରେଶନ ଅଧ୍ୟକ୍ଷ ଗାଏଲ୍ସ ମୋରେଟନ କହିଛନ୍ତି। ସେ ଖୁବ୍‌ଶୀଘ୍ର ମାନସିକ ଅବସାଦରୁ ମୁକ୍ତିଲାଭ କରନ୍ତୁ ଓ ଆସନ୍ତା ବର୍ଷ ସେ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରନ୍ତୁ ବୋଲି କହିଛନ୍ତି। ଓସାକା ପୂର୍ବରୁ ଫ୍ରେଞ୍ଚ୍ ଓପନରେ କେବେହେଲେ ତୃତୀୟ ରାଉଣ୍ଡ ଅତିକ୍ରମ କରିନାହାନ୍ତି। ସେ ୨୦୧୮ ଓ ୨୦୨୦ରେ ୟୁଏସ୍ ଓପନ ଜିତିଛନ୍ତି। ସେହିପରି ସେ ୨୦୧୯ ଓ ୨୦୨୧ରେ ଅଷ୍ଟ୍ରେଲିଆନ ଓପନରେ ଚାମ୍ପିୟନ ହୋଇଥିଲେ।

**ଖବରଦାତା ସମ୍ମିଳନୀ ଏଡ଼ାଇବାରୁ ୧୦ ଲକ୍ଷ ଟଙ୍କା ଜରିମାନା**

ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତିବା ପରେ ଖବରଦାତା ସମ୍ମିଳନୀରେ ଯୋଗ ନ ଦେବାରୁ ଫ୍ରେଞ୍ଚ୍ ଓପନ ଟୁର୍ନାମେଣ୍ଟ ରେଫରି ଓସାକାଙ୍କ ଉପରେ ୧୫,୦୦୦ ଆମେରିକୀୟ ଡଲାର ତଥା ପାଖାପାଖି ୧୦ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଗଣମାଧ୍ୟମଠାରୁ ଦୂରେଇ ରହିବାର ଏଭଳି ଆଚରଣ ଜାରି ରଖିଲେ ତାଙ୍କ ଉପରେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସତର୍କ କରାଇଛନ୍ତି। ଫ୍ରେଞ୍ଚ୍ ଟେନିସ ଫେଡେରେଶନ (ଏଫ୍‌ଟିଏଫ୍) ଅଧ୍ୟକ୍ଷ ମୋରେଟନ ଓ ଅନ୍ୟ ୩ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ମୁଖ୍ୟ ମିଳିତ ଭାବେ ମନ୍ତବ୍ୟ ଦେଇ ଏହି ଜରିମାନା ଧାର୍ଯ୍ୟ କରିଛନ୍ତି। ପୂର୍ବରୁ ଓସାକା ଗତ ବୁଧବାର ଫ୍ରେଞ୍ଚ୍ ଓପନ ଖେଳିବା ଅବସରରେ କୌଣସି ଖବରଦାତା ସମ୍ମିଳନୀରେ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ତେବେ ଏହି ନିଷ୍ପତ୍ତି କାରଣରୁ ଯଦି କୌଣସି ଖବରଦାତା ଆଘାତ ପାଇଛନ୍ତି ତାହାହେଲେ କ୍ଷମାମାଗୁଛି ବୋଲି ସେ ଟୁଇଟ୍ କରି ଉଲ୍ଲେଖ କରିଥିଲେ। ସ୍ୱତଃପ୍ରବୃତ୍ତ ଭାବେ ଭଲ କଥା କହିପାରି ନ ଥାଏ। ତେଣୁ ସାରା ବିଶ୍ୱର ଗଣମାଧ୍ୟମ ସହ କଥା ହେବା ପୂର୍ବରୁ ଅତ୍ୟଧିକ ଭାବେ ଚିନ୍ତା, ନର୍ଭସ ଓ ଉଦ୍‌ବେଗର ଶିକାର ହୋଇଥାଏ ବୋଲି ସେ କହିଛନ୍ତି। ବର୍ତ୍ତମାନ ପାଇଁ ଟେନିସ କୋର୍ଟରୁ ଦୂରେଇ ରହିବି ବୋଲି ସେ କହିଛନ୍ତି।




## ନାଓମିଙ୍କୁ ଖେଳାଳି, ଅନ୍ୟ କ୍ରୀଡ଼ାବିତ୍‌ଙ୍କ ସମର୍ଥନ

ଡିପ୍ରେସନ କାରଣରୁ ଫ୍ରେଞ୍ଚ୍ ଓପନରୁ ଓହରିଯିବାକୁ ନାଓମି ଓସାକା ନେଇଥିବା ନିଷ୍ପତ୍ତିକୁ ଅନ୍ୟ ଟେନିସ ତାରକା ଓ କ୍ରୀଡ଼ାବିତ୍‌ମାନେ ସମର୍ଥନ କରିଛନ୍ତି। ଅଭିଜ୍ଞ ମହିଳା ଟେନିସ ତାରକା ସେରେନା ୱିଲିୟମ୍ସ, ଚେକ୍ ଗଣରାଜ୍ୟ-ଆମେରିକୀୟ ମହିଳା ଖେଳାଳି ମାର୍ଟିନ ନାଭ୍ରାତିଲୋଭା, ଆମେରିକୀୟ ପୂର୍ବତନ ମହିଳା ଖେଳାଳି ବିଲି ଜିନ୍ କିଙ୍ଗ୍, ଆମେରିକୀୟ ବାସ୍କେଟବଲ୍ ଖେଳାଳି ଷ୍ଟିଫେନ କ୍ୟୁରୀ, କେଭିନ ଲଭ୍, ପୂର୍ବତନ ଡବ୍ଲ୍ୟୁଏନ୍‌ବିଏ ତାରକା ଲିସା ଲେସ୍‌ଲି ଓସାକାଙ୍କ ସପକ୍ଷରେ ମତ ଦେଇଛନ୍ତି। ସମସ୍ତେ ସମାନ ନୁହନ୍ତି। ତେଣୁ ଓସାକା ମଧ୍ୟ ସମସ୍ତଙ୍କଠାରୁ ଅଲଗା। ସେ ଯେଉଁ ବାଟରେ ସମାଧାନ ଚାହୁଁଛନ୍ତି ତାଙ୍କୁ ସେହି ସୁଯୋଗ ଦିଆଯିବା ଆବଶ୍ୟକ। ତାଙ୍କ ନିଷ୍ପତ୍ତିକୁ ସମ୍ମାନ ଦିଆଯିବା ଉଚିତ ବୋଲି ସେରେନା କହିଛନ୍ତି। ଗତ ସପ୍ତାହରେ ସେ ମଧ୍ୟ ଏ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ସେ ଖବରଦାତା ସମ୍ମିଳନୀରେ ଯୋଗ ନ ଦେବାକୁ କହିଥିଲେ ବୋଲି ସେରେନା କହିଛନ୍ତି। ଓସାକାଙ୍କ ପାଇଁ ମୁଁ ଦୁଃଖିତ। ଖୁବ୍‌ଶୀଘ୍ର ସେ ସୁସ୍ଥ ହୋଇଯିବେ। ଶାରୀରିକ ଓ ମାନସିକ ଭାବେ ଆଥ୍‌ଲେଟମାନେ ସୁସ୍ଥ ରହିବା ଉପରେ ଗୁରୁତ୍ୱଦେବା ଆବଶ୍ୟକ। ଖରରଦାତା ସମ୍ମିଳନୀରେ ଯୋଗଦେବା ବ୍ୟତୀତ ଜଣେ ଆଥ୍‌ଲେଟ ଖେଳ ପାଇଁ ଅଧିକ କିଛି କରିବାର ଆବଶ୍ୟକତା ରହିଛି ବୋଲି ନାଭ୍ରାତିଲୋଭା କହିଛନ୍ତି।

ମାନସିକ ଅବସାଦ ସହ ଲଢ଼ିବା ଓ ସଂଘର୍ଷ କରୁଥିବା କଥା ସମସ୍ତଙ୍କ ଆଗରେ ସ୍ୱୀକାର କରି ଓସାକା ସାହସିକତାର ପରିଚୟ ଦେଇଛନ୍ତି। ଏବେ ତାଙ୍କୁ ଆମେ ସମସ୍ତେ ସମର୍ଥନ ଦେବା ଦରକାର। ତାଙ୍କୁ ଆବଶ୍ୟକ ସମୟ ଓ ସ୍ୱାଧୀନତା ଦେବା ଉଚିତ ବୋଲି ବିଲି ଜିନ୍ କିଙ୍ଗ୍ କହିଛନ୍ତି। ସେହିପରି ଓସାକାଙ୍କୁ ସମର୍ଥନ ଦେବା ଦରକାର ବୋଲି ଷ୍ଟିଫେନ କ୍ୟୁରୀ କହିଛନ୍ତି। ଓସାକାଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଉଛି ବୋଲି ସେ କହିଛନ୍ତି। ଓସାକାଙ୍କ ଭଳି ଯୁବା ଖେଳାଳି ଡିପ୍ରେସନରେ ଶିକାର ହେବା ଓ ସହାୟତା ଲୋଡ଼ିବା ନିଶ୍ଚିତ ଭାବେ ଦୁଃଖଦାୟକ। ଲୋକେ ଏହି ପରିସ୍ଥିତିରେ ତାଙ୍କ ଉପରେ କ୍ଷୁବ୍ଧ ହେବା ଓ ତାଙ୍କୁ ସମର୍ଥନ ନ କରିବା ଠିକ୍ ନୁହେଁ। ମୁଁ ତାଙ୍କୁ ସମର୍ଥନ କରୁଛି ଓ ତାଙ୍କ ସହ ଅଛି ବୋଲି ଲିସା ଲେସ୍‌ଲି କହିଛନ୍ତି।

**କୈଫ୍‌ଙ୍କ ସମର୍ଥନ**

ପୂର୍ବତନ ଭାରତୀୟ କ୍ରିକେଟର ମହମ୍ମଦ କୈଫ୍ ମଧ୍ୟ ତାଙ୍କୁ ସମର୍ଥନ କରିଛନ୍ତି। ଟେନିସ ଭଳି କୌଣସି ବ୍ୟକ୍ତିଗତ କ୍ରୀଡ଼ାରେ ମେଣ୍ଟାଲ ହେଲ୍‌ଥର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି କୌଣସି ଖେଳାଳି ଗଣମାଧ୍ୟମଠାରୁ ଦୂରରେ ରହିବାକୁ ଚାହୁଁଛନ୍ତି ତେବେ ତାଙ୍କୁ ସେହି ଅଧିକାର ଦିଆଯିବା ଉଚିତ ବୋଲି କୈଫ୍ କହିଛନ୍ତି। ଜାପାନରେ ମଧ୍ୟ ଓସାକାଙ୍କ ନିଷ୍ପତ୍ତିକୁ ବହୁଳ ଭାବେ ସମର୍ଥନ କରାଯାଉଛି। ତାଙ୍କର ଏହି ନିଷ୍ପତ୍ତିକୁ ସାହସିକ ପଦକ୍ଷେପ ବୋଲି କୁହାଯାଉଛି।

### କ'ଣ କହୁଛି ଟେନିସ୍ ନିୟମ

ଖବରଦାତା ସମ୍ମିଳନୀରେ ନ ପହଞ୍ଚିବା ପରେ ଓସାକାଙ୍କ ଉପରେ ଆୟୋଜକମାନେ କ୍ଷୁବ୍ଧ ହୋଇଥିଲେ। ତେବେ ସେ ଯଦି ଏଭଳି କରିବା ଜାରି ରଖନ୍ତି ତା'ହେଲେ ତାଙ୍କ ଉପରେ ପ୍ରତିବନ୍ଧକ ଲଗାଯାଇପାରେ। ଟେନିସ ଆଚରଣ ବିଧି ୩ ଏଚ୍ ଅନୁସାରେ ଖେଳାଳିମାନେ ଖବରଦାତା ସମ୍ମିଳନୀରେ ଯୋଗଦେବା ଦ୍ୱାରା ଟେନିସ ଖେଳର ପ୍ରଚାର ତଥା ପ୍ରସାର ହୋଇଥାଏ। ତେଣୁ ଖେଳାଳିମାନେ ଗଣମାଧ୍ୟମ କାର୍ଯ୍ୟକଳାପରେ ଜଡ଼ିତ ରହିବା ଅପରିହାର୍ଯ୍ୟ ବୋଲି କୁହାଯାଇଛି।

## ସିଡେଡ୍ ଖେଳାଳିଙ୍କ ଅଗ୍ରଗତି


ଆଶ୍‌ଲେ ବାର୍ଟି

**ପ୍ୟାରିସ୍,୧।୬:** ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ ମଙ୍ଗଳବାର ତୃତୀୟ ଦିବସରେ ପହଞ୍ଚିଛି। ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ସିଡେଡ୍ ଖେଳାଳିମାନେ ଅଗ୍ରଗତି କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ତୃତୀୟ ସିଡ୍ ମାନ୍ୟତା ପାଇଥିବା ସ୍ପେନ ସୁପରଷ୍ଟାର ରାଫାଲ ନାଡାଲ ପ୍ରଥମ ରାଉଣ୍ଡରେ ଅଷ୍ଟ୍ରେଲିଆର ୨୧ ବର୍ଷୀୟ ଖେଳାଳି ଆଲେକ୍ସେଇ

**ଫ୍ରେଞ୍ଚ୍ ଓପନ ଟେନିସ୍**

ପୋପିରିନଙ୍କୁ ୬-୩, ୬-୨, ୭-୬ ସେଟ୍‌ରେ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ସେହିପରି ଫ୍ରାନ୍ସର ୧୪ତମ ସିଡ୍ ଖେଳାଳି ଗାଏଲ ମନ୍‌ଫିଲ୍ସ ୧-୬, ୭-୬, ୬-୪, ୬-୪ ସେଟ୍‌ରେ ସ୍ପେନର ଆଲବର୍ଟ ରାମୋସ ଭିନୋଲାସଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଜର୍ମାନୀର ଫିଲିପ କୋହେଲସ୍କ୍ରେଇବର ୭-୬, ୬-୨, ୨-୬, ୬-୪ ସେଟ୍‌ରେ ସ୍ପେନର ଫର୍ନାଣ୍ଡୋ ଭର୍ଡାସ୍କୋଙ୍କୁ ପ୍ରଥମ ରାଉଣ୍ଡରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ତେବେ ସପ୍ତମ ସିଡ୍ ଖେଳାଳି ରୁଷିଆର ଆନ୍ଦ୍ରେ ରୁବ୍ଲେଭ ୩-୬, ୬-୭, ୬-୪, ୬-୩, ୪-୬ ସେଟ୍‌ରେ ଜର୍ମାନୀର ଜାନ- ଲେନାର୍ଡ ଷ୍ଟ୍ରଫ୍‌ଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୨୧ତମ ସିଡ୍ ଖେଳାଳି ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର ୬-୨, ୬-୪, ୭-୬ ସେଟ୍‌ରେ ଇଟାଲୀର ଷ୍ଟିଫାନୋ ଟ୍ରାଭାଗ୍ଲିଆଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

**ବାର୍ଟି, ସେରେନା ବିଜୟୀ**

ଅଷ୍ଟ୍ରେଲିଆର ଆଲେକ୍ସ ବାର୍ଟି ପ୍ରଥମ ରାଉଣ୍ଡ ମୁକାବିଲାରେ ୬-୪, ୩-୬, ୬-୨ ସେଟ୍‌ରେ ଆମେରିକାର ବର୍ନାଡ ପେରାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଇଞ୍ଜୁରି କାରଣରୁ ବିଜୟୀ ହେବା ପାଇଁ ବାର୍ଟିଙ୍କୁ ସଂଘର୍ଷ କରିବାକୁ ପଡିଥିଲା। ସେହିପରି ସପ୍ତମ ସିଡ୍ ମାନ୍ୟତା ପାଇଥିବା ଅଭିଜ୍ଞ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସ ୭-୬, ୬-୨ ସେଟ୍‌ରେ ରୋମାନିଆର ଇରିନା-କାମେଲିଆ ବେଗୁଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ବୋପାନ୍ନା-ସ୍କୁଗୋର ଦ୍ୱିତୀୟ ରାଉଣ୍ଡରେ

**ପ୍ୟାରିସ୍, ୧।୬ (ପି.ଟି.):** ଭାରତର ରୋହନ ବୋପାନ୍ନା ଓ କ୍ରୋଏସିଆର ଫ୍ରାଙ୍କୋ ସ୍କୁଗୋର ଫ୍ରେଞ୍ଚ ଓପନ୍ ଟେନିସ୍ ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ପ୍ରଥମ ରାଉଣ୍ଡରେ ଏହି ଯୋଡ଼ି ଜର୍ଜିଆର ନିକୋଲୋଜ୍ ବାସିଲାସ୍‌ଭିଲି ଓ ଜର୍ମାନୀର ଆନ୍ଦ୍ରେ ବେଜିମାନଙ୍କୁ ସିଧାସଳଖ ସେଟ୍‌ରେ ହରାଇ ଦେଇଥିଲେ। ଟୁର୍ନାମେଣ୍ଟ ଓପନରରେ ଇଣ୍ଡୋ-କ୍ରୋଟ୍ ଯୋଡ଼ି ବିପକ୍ଷ ଯୋଡ଼ିଙ୍କୁ ଏକ ଘଣ୍ଟା ଏକ ମିନିଟ ଏବଂ ୬-୪, ୬-୨ ସେଟ୍‌ରେ ପରାସ୍ତ କରିଥିଲେ। ବୋପାନ୍ନା ଓ ସ୍କୁଗୋର ପ୍ରଥମ ସେଟ୍‌ରେ ଥରେ ଏବଂ ଦ୍ୱିତୀୟ ସେଟ୍‌ରେ ଦୁଇଥର ବ୍ରେକ୍‌ଦେଇଥିଲେ।

## ୟୁକେ ଟୁର୍ ପାଇଁ ଖେଳାଳିଙ୍କ ପରିବାରକୁ ଅନୁମତି

**ନୂଆଦିଲ୍ଲୀ,୧।୬ (ପି.ଟି.)**

ଭାରତର ଉଭୟ ପୁରୁଷ ଓ ମହିଳା କ୍ରିକେଟ ଟିମ୍‌ର ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍ ନିଜ ପରିବାରକୁ ନେଇ ଇଂଲଣ୍ଡ ଟୁର୍‌ରେ ଯିବା ଲାଗି ଅନୁମତି ମିଳିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ ସୂତ୍ରରୁ ମଙ୍ଗଳବାର ଏହା ଜଣାପଡ଼ିଛି। ଆୟୋଜକ ଦେଶର କଠୋର କ୍ୱାରାଣ୍ଟାଇନ୍ ନିୟମ ଦୃଷ୍ଟିରୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ବିସିସିଆଇର କୌଣସି ଅଫିସିଆଲ ଉପସ୍ଥିତ ରହିପାରିନାହାନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଡବ୍ଲ୍ୟୁଟିସି ଫାଇନାଲ ଜୁନ୍ ୧୮ରୁ ୨୨ ପର୍ଯ୍ୟନ୍ତ ସାଉଥାମ୍ପଟନରେ ହେବ। ଏପରିକି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏବଂ ସମ୍ପାଦକ ଜୟ ଶାହାଙ୍କୁ ମଧ୍ୟ ଅନୁମତି ମିଳିବନାହିଁ। ସାଧାରଣତଃ ଟେଷ୍ଟ ମ୍ୟାଚ ପୂର୍ବରୁ ଯଦି କୌଣସି ପ୍ରଶାସକ ଯାଆନ୍ତି ସେ ଖେଳାଳି ହୋଇ ନ ଥିବାରୁ ତାଙ୍କୁ ୧୦ ଦିନ କଠୋର କ୍ୱାରାଣ୍ଟାଇନରେ ରହିବାକୁ ହୋଇଥାଏ। ଟିମ୍ ପାଇଁ ରହିଥିବା ନିୟମ ସଭାପତି ଓ ସମ୍ପାଦକଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି ବିସିସିଆଇ ଅଫିସିଆଲ ଜଣକ କହିଛନ୍ତି। ଭାରତୀୟ ପୁରୁଷ ଓ ମହିଳା ଦଳ ଲଣ୍ଡନ ବାଟ ଦେଇ ସାଉଥାମ୍ପଟନ ଯିବ। ମହିଳା ଦଳ ଜୁନ୍ ୧୬ରୁ ୧୯ ବ୍ରିଷ୍ଟଲଠାରେ ଏକମାତ୍ର ଟେଷ୍ଟ ମ୍ୟାଚ ଖେଳିବ। ଏହାପୂର୍ବରୁ ସେମାନଙ୍କୁ ପୁରୁଷ ଦଳ ସହ ସାଉଥାମ୍ପଟନସ୍ଥିତ ହୋଟେଲ ହିଲ୍‌ଟନରେ କଠିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। କ୍ୱାରାଣ୍ଟାଇନ ପିରିୟଡ ଶେଷ ହେବା ପରେ ମହିଳା ଦଳ ବ୍ରିଷ୍ଟଲ ଗସ୍ତ କରିବ। ଉଭୟ ଭାରତୀୟ ଦଳ ଭାରତରେ (ନିଜ ଘରେ ଓ ହୋଟେଲରେ) ୧୪ ଦିନ କ୍ୱାରାଣ୍ଟାଇନରେ ରହିଛନ୍ତି।


ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ସହ ବିରାଟ କୋହଲି।

## ଅମୋଲ ମଜୁମ୍‌ଦାର ମୁମ୍ବାଇ କୋଚ୍ ନିଯୁକ୍ତ

**ମୁମ୍ବାଇ, ୧।୬(ପି.ଟି.)**



ରଣଜୀ ଟ୍ରଫି କିମ୍ବଦନ୍ତୀ ତଥା ପୂର୍ବତନ ମୁମ୍ବାଇ ଅଧିନାୟକ ଅମୋଲ ମଜୁମ୍‌ଦାର ଆସନ୍ତା ଘରୋଇ ସିଜନ ପାଇଁ ମଙ୍ଗଳବାର ସିନିୟର ଦଳର କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ରମେଶ ପାୱାର ଭାରତୀୟ ମହିଳା ଦଳର ଦାୟିତ୍ୱ ନେବା ପରେ ଏହି ପଦବୀ ଖାଲିପଡ଼ିଥିଲା। ଯତୀନ ପରଞ୍ଜପେ (ଚେୟାରମ୍ୟାନ), ନୀଲେଶ କୁଲକର୍ନୀ ଓ ବିନୋଦ କୁମ୍ବାଲିଙ୍କୁ ନେଇ ଗଠିତ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ର କ୍ରିକେଟ ଇମ୍ପ୍ରୁଭମେଣ୍ଟ କମିଟି (ସିଆଇଏସ୍) ମଜୁମ୍‌ଦାରଙ୍କୁ ମନୋନୀତ କରିଥିଲା। ମୁମ୍ବାଇ ସିନିୟର ଦଳ ପାଇଁ ଅନ୍ୟ ୮ ଜଣ ପ୍ରାର୍ଥୀ ରହିଥିଲେ। ସେମାନେ ହେଲେ ବଲୱିନ୍ଦର ସିଂ ସାନ୍ଧୁ, ୱାସିମ୍ ଜାଫର, ସାଇରାଜ ବାହୁତୁଲେ, ସୁଲକ୍ଷଣା କୁଲକର୍ନୀ, ପ୍ରଦୀପ ସୁନ୍ଦରମ, ନନ୍ଦନ ଫାଡ୍‌ନିସ, ଉମେଶ ପାଟୱାଲ ଓ ବିନୋଦ ରାଘବନ। ୪୬ ବର୍ଷୀୟ ମୁମ୍ବାଇ ଷ୍ଟଲୱାର୍ଟ ମଜୁମ୍‌ଦାର ୧୯୯୩ରୁ ୨୦୧୩ ମଧ୍ୟରେ ୧୭୧ ପ୍ରଥମଶ୍ରେଣୀ ମ୍ୟାଚରେ ୧୧,୧୬୭ ରନ କରିଛନ୍ତି। ଅବସର ନେବା ପରେ ସେ ଜଣେ ଭଲ କମେଣ୍ଟେଟର ଭାବେ ପରିଚିତି ଲାଭ କରିଥିଲେ।

## ଜୁନ୍ ୨୮ ସୁଦ୍ଧା ନିଷ୍ପତ୍ତି ନେବ ବିସିସିଆଇ

**ନୂଆଦିଲ୍ଲୀ, ୧।୬ (ପି.ଟି.)**

କରୋନା ମହାମାରୀ ଯୋଗୁ ଭାରତରେ ସୁରକ୍ଷିତ ଭାବେ ଟି୨୦ ବିଶ୍ୱକପ୍ ଆୟୋଜନ ହୋଇପାରିବ କି ନା ସେ ନେଇ ଦ୍ୱନ୍ଦ୍ୱରେ ଅଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)। ତେବେ ଜୁନ୍ ୨୮ ସୁଦ୍ଧା ଏହାର ନିଷ୍ପତ୍ତି ସ୍ପଷ୍ଟ କରିବାକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡକୁ କହିଛି। ମଙ୍ଗଳବାର ଆଇସିସି ବୋର୍ଡ ବୈଠକ ଭର୍ଚୁଆଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତରୁ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ପ୍ରତିନିଧିତ୍ୱ କରିଥିଲେ। ଟି୨୦ ବିଶ୍ୱକପ୍ ଚଳିତ ବର୍ଷ ଅକ୍ଟୋବର-ନଭେମ୍ବରରେ ହେବାର କାର୍ଯ୍ୟକ୍ରମ ରହିଛି। ଭାରତରେ ବର୍ତ୍ତମାନ କରୋନାର ଦ୍ୱିତୀୟ ଲହର ଦେଖାଦେଇଛି। ତୃତୀୟ ଲହରର ଆଶଙ୍କା କରାଯାଉଛି। ତେଣୁ ପରିସ୍ଥିତିର ଆକଳନ ପାଇଁ ବିସିସିଆଇ ଏକ ମାସ ମାଗିଥିଲା। ଆଇସିସି ବୋର୍ଡ ବିସିସିଆଇର ଅନୁରୋଧ ରକ୍ଷା କରିଛି। ଭାରତରେ ଟି୨୦ ବିଶ୍ୱକପ୍ ଆୟୋଜନ ହୋଇପାରିବ କି ନା ସେ ସମ୍ପର୍କରେ ଜୁନ୍ ୨୮ ସୁଦ୍ଧା ନିଷ୍ପତ୍ତି ନେବାକୁ କହିଛି। ଆସନ୍ତା ମାସରେ ପୁଣି ବୋର୍ଡ ବୈଠକ ବସିବ। ବିସିସିଆଇ ଯଦି ଭାରତରେ ଏହି ଇଭେଣ୍ଟ ଆୟୋଜନ କରିବାରେ ଅସମର୍ଥ ହୁଏ ତେବେ ଏହି ଟୁର୍ନାମେଣ୍ଟ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଆଇପିଏଲ ଶେଷ ପରେ ଆୟୋଜନ କରିବା ଲାଗି ବିଚାର କରାଯାଉଛି। ଏହାଦ୍ୱାରା ବିସିସିଆଇ ଆୟୋଜନ ଅଧିକାର ବଜାୟ ରଖିବ। କିନ୍ତୁ ବିସିସିଆଇ କୌଣସିମତେ ଇଭେଣ୍ଟକୁ ଭାରତରେ କରିବା ଲାଗି ଚାହୁଁଛି। ଏଥିପାଇଁ ୨୦୨୨ରେ ଦୁଇଟି ବିକଳ୍ପ ଯୋଜନା ରଖିଛି। ଫେବୃୟାରୀ ଅଥବା ଜୁନ୍‌ରେ ଆୟୋଜନ ପାଇଁ ପ୍ରସ୍ତାବ ରଖିପାରେ। ଅନ୍ୟପକ୍ଷରେ ଟୁର୍ନାମେଣ୍ଟରୁ ଆୟର ରାଜସ୍ୱରୁ ୯୦୦ କୋଟି ଟଙ୍କାର ଟିକସ ଛାଡ଼ ପ୍ରସଙ୍ଗ ନେଇ ସରକାରଙ୍କ ସହ କଥାବାର୍ତ୍ତା ଚାଲିଥିବା ବିସିସିଆଇ ବୈଠକରେ ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷରେ ୨୦୨୩ରୁ ୨୦୩୧ ମଧ୍ୟରେ ୪ଟି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଆୟୋଜନ ପାଇଁ ବୈଠକରେ ସ୍ଥିର କରାଯାଇଛି। କରୋନା ମହାମାରୀ ଯୋଗୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଛି। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏହାର ଫାଇନାଲ ମ୍ୟାଚ ଜୁନ୍ ୧୮ରୁ ୨୨ ପର୍ଯ୍ୟନ୍ତ ସାଉଥାମ୍ପଟନରେ ଖେଳାଯିବ। ଆସନ୍ତା ୮ ବର୍ଷର ଫ୍ୟୁଚର ଟୁର୍ସ ଆଣ୍ଡ୍ ପ୍ରୋଗ୍ରାମ (ଏଫ୍‌ଟିପି) ଅନୁସାରେ ପ୍ରତି ଦୁଇ ବର୍ଷରେ ଟି୨୦ ବିଶ୍ୱକପ୍ ହେବ। ୨୦୨୭ ସଂସ୍କରଣଠାରୁ ୧୪ଟି ଦଳକୁ ନେଇ ୫୦ ଓଭର ବିଶିଷ୍ଟ ଇଭେଣ୍ଟ ଖେଳାଯିବ। ଏଥିରେ ୫୪ଟି ମ୍ୟାଚ ଖେଳାଯିବ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ବିଦ୍ୟୁତ୍ ଡିଷ୍ଟ୍ରିବ୍ୟୁଶନ ପକ୍ଷରୁ ଚଢ଼ାଉ**

କାକଟପୁର,(ଡି.ଏନ୍.ଏ.)- କାକଟପୁର ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ଥିବା ୩ଟି ସେକ୍ସନରେ ବିଦ୍ୟୁତ୍ ଚୋରି ହେଉଥିବାରୁ ଲୋ ଭୋଲଟେଜ ସମସ୍ୟା ଲାଗି ରହୁଛି। ସମ୍ପୃକ୍ତ ଅଞ୍ଚଳର ଲାଇନମ୍ୟାନଙ୍କୁ ହାତକରି ଇଟାଭାଟି ମାଲିକ, ଘରୋଇ ଓ ବ୍ୟବସାୟୀ ଉପଭୋକ୍ତାମାନେ ବେଆଇନ କନେକ୍ସନ ରଖି ଫାଇଦା ନେଉଛନ୍ତି। କେତେକ ଲାଇନମ୍ୟାନ ଘରୋଇକରଣର ସୁବିଧା ନେଇ ନିଜ ସମ୍ପର୍କୀୟଙ୍କୁ ମାଗଣା ଲାଇନ କନେକ୍ସନ ଦେଇଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ମଙ୍ଗଳବାର ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ ପକ୍ଷରୁ ଇଂ. ଅଶୋକ ପରିଡ଼ା, ଇଂ. ଦୁଷ୍ମନ୍ତ ପରିଡା ଓ ଇଂ. ପ୍ରବୀଣା ପ୍ରିୟମ୍ବଦାଙ୍କ ନେତୃତ୍ୱରେ ଏକ ଟିମ ପ୍ରାଚୀ ବିହାରରେ ଚଢ଼ାଉ କରି ୨ଜଣ ବେଆଇନ ଉପଭୋକ୍ତାଙ୍କ ଲାଇନ କାଟିଛନ୍ତି। ଏଥିସହ ୧୭୦ ଓ ୫୫ମିଟରରୁ ଊର୍ଦ୍ଧ୍ୱ ସର୍ଭିସ ତାର ଜବତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।




୦୧।୦୬।୨୦୨୧
୧୩୦୭ ଟଙ୍କା

## ସଂକ୍ଷେପରେ

### ୨ ୱାର୍ଡ ଶଟ୍‌ଡାଉନ

ଗୋପ,୧।୬(ଡି.ଏନ୍.ଏ.)- ଗୋପ ବ୍ଲକର ଅଧିକାଂଶ ପଞ୍ଚାୟତରେ ଏବେ କରୋନା ମହାମାରୀ ଅଧିକ ମାତ୍ରାରେ ସଂକ୍ରମଣ ହେବାରେ ଲାଗିଛି। କେତେକ ପଞ୍ଚାୟତରେ ମଧ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ମଙ୍ଗଳବାରଠାରୁ ଶୁକ୍ରବାର ୪ ଦିନ ପର୍ଯ୍ୟନ୍ତ ପୟରା ପଞ୍ଚାୟତର ୨ଟି ୱାର୍ଡକୁ ସରପଞ୍ଚ ନିରୁପମା ନାୟକ ଜିଲାପାଳ କ୍ଷମତା ପ୍ରୟୋଗ କରି ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏ ନେଇ ସେ ପୁରୀ ଜିଲାପାଳ, ବିଡିଓ ଗୋପଙ୍କୁ ଅବଗତ କରିଛନ୍ତି। ଏହି ୱାର୍ଡରେ ଏକାସଙ୍ଗେ ସଂକ୍ରମଣ ସଂଖ୍ୟା ବଢ଼ିଥିବାରୁ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା ସରପଞ୍ଚ ପ୍ରକାଶ କରିଛନ୍ତି।

### ଆଜି ୪୫ରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ଟିକା

ସାକ୍ଷୀଗୋପାଳ,୧।୬(ସ୍ୱ.ପ୍ର.)- ସାକ୍ଷୀଗୋପାଳରେ ବୁଧବାର ସକାଳ ୯ ଘଟିକା ସମୟ ଠାରୁ ୪୫ ବର୍ଷ ଓ ତଦୂର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ପ୍ରଥମ ଡୋଜ ଟିକା ପ୍ରଦାନ କରାଯିବ। ଟିକା ନେବା ପାଇଁ ଆସୁଥିବା ପ୍ରତେକ ବ୍ୟକ୍ତି ନିଜର ବୟସ ପ୍ରମାଣପତ୍ର ନେଇ ଟିକା କେନ୍ଦ୍ରକୁ ଆସିବେ। ପାଣିଛତ୍ର ନୋଡାଲ ପ୍ରାଥମିକ ବିଦ୍ୟାଳୟ, ମହୁରା- ୨୦୦ ଜଣ, ବଳପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୦୦ଜଣ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ- ୯୦ ଜଣଙ୍କ ପାଇଁ ଟିକାକରଣର ବ୍ୟବସ୍ଥା କରାଯାଇଛି ବୋଲି ସତ୍ୟବାଦୀ ବିଡିଓ କ୍ଷୀରୋଦ ବେହେରା ପ୍ରକାଶ କରିଛନ୍ତି।

# ପୁରୀ କୋଭିଡ୍ ମେଡିକାଲରେ ଅକ୍ସିଜେନ ଅଭାବ

**ପୁରୀ ଅଫିସ,୧।୬**

ମହାମାରୀ କରୋନାରେ ଆକ୍ରାନ୍ତ ହୋଇ ପୁରୀ କୋଭିଡ୍ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ରୋଗୀ ଅକ୍ସିଜେନ ଅଭାବରୁ ମୃତ୍ୟୁବରଣ କରିଛନ୍ତି। ଏପିରିକି ଅଧିକାଂଶ ସମୟ ପୁରୀର କୋଭିଡ୍ ମେଡିକାଲଗୁଡ଼ିକରେ ଅକ୍ସିଜେନ ଅଭାବ ରହୁଥିବାରୁ ରୋଗୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଆବାହକ ଅନିଲ କୁମାର ସାହୁ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ଉତ୍ପାଦନ ହେଉଛି ଏବଂ ମୁଖ୍ୟମନ୍ତ୍ରୀ ରାଜ୍ୟ ବାହାରକୁ ମଧ୍ୟ ଅକ୍ସିଜେନ ପଠାଉଛନ୍ତି। କିନ୍ତୁ ଦୁଃଖର ବିଷୟ ଗତ କିଛି ଦିନ ମଧ୍ୟରେ ପୁରୀ ଆଇଡିଏଚ୍ ମେଡିକାଲ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅକ୍ସିଜେନ ଅଭାବରୁ ୪/୫ଜଣ ରୋଗୀ ମୃତ୍ୟୁବରଣ କଲେଣି। ଡାକ୍ତରଖାନାରେ ଗୁରୁତର ରୋଗୀଙ୍କୁ ଅକ୍ସିଜେନ ଦେବାରେ କର୍ମଚାରୀମାନେ ଅବହେଳା କରୁଥିବା ନେଇ ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରୁଥିବା ସାହୁ ଦାବି କରିଛନ୍ତି। ସେହିପରି ଗତ ୨୪ ତାରିଖରେ କେତେଜଣ ବ୍ୟକ୍ତି ଅକ୍ସିଜେନ ଅଭାବ ନେଇ ଟୁଇଟର ମାଧ୍ୟମରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ଘଟଣାକୁ ଗୁରୁତର ସହ ନେଇ ରୋଗୀଙ୍କୁ ଅକ୍ସିଜେନ ଦେବାରେ ବିଳମ୍ବ କରୁଥିବା କର୍ମଚାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ପୁରୀକୁ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ଯୋଗାଇଦେବା ନିମନ୍ତେ ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ଜିଲାପାଳଙ୍କୁ ଦାବିପତ୍ର ମାଧ୍ୟମରେ ଅନୁରୋଧ କରିଛି । ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ବିଶ୍ୱଜିତ ପ୍ରଧାନ, ଶୁଭାଶିଷ ମହାନ୍ତି ଏବଂ ମନୋଜ ମହାପାତ୍ରଙ୍କ ସମେତ ସଂଘର ଅନେକ ସଦସ୍ୟ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଯୁବ ଅଧିବକ୍ତା ସଂଘର ସଦସ୍ୟମାନେ ।

**ଜିଲାପାଳଙ୍କୁ ଦାବିପତ୍ର ଦେଲା ଯୁବ ଅଧିବକ୍ତା ସଂଘ**

# ଜିଲାରେ ୪୬୭ ସଂକ୍ରମିତ, ୪ ମୃତ

**ପୁରୀ ଅଫିସ, ୧।୬**

ବହୁ ଦିନର ବ୍ୟବଧାନ ପରେ ପୁରୀ ଜିଲାରେ ପୁଣି କରୋନା ସଂକ୍ରମଣ ଉପର ମୁହାଁ ହେବାରେ ଲାଗିଛି। ଗତ କିଛି ଦିନ ହେବ ଜିଲାରୁ ପ୍ରତି ଦିନ ୪୦୦ ଉପରେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରୁ ୪୬୭ ଜଣ ଆକ୍ରାନ୍ତ ଚିହ୍ନଟ ହେଇଛନ୍ତି। ସେହିପରି ୪ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ପୁରୀ ସହରରୁ ସର୍ବାଧିକ ୧୦୧ଜଣ ରହିଛନ୍ତି। ସେହିପରି ପୁରୀ ସଦରରୁ ୪୮ଜଣ, ନିମାପଡାରୁ ୮୯, କଣାସ ବ୍ଲକ୍‌ରୁ ୫, ସତ୍ୟବାଦୀରୁ ୨୯, ଗୋପରୁ ୪୨, ପିପିଲିରୁ ୨୮, ଅସ୍ତରଙ୍ଗରୁ ୨୯, ବ୍ରହ୍ମଗିରିରୁ ୮, ଡେଲାଙ୍ଗରୁ ୧୮, କାକଟପୁରରୁ ୪୯, କୃଷ୍ଣପ୍ରସାଦରୁ ୪, ନିମାପଡା ଏନଏସିରୁ ୩, ପିପିଲି ଏନ୍‌ଏସିରୁ ୫, କୋଣାର୍କ ଏନ୍‌ଏସିରୁ ଜଣେ ଏବଂ ଅନ୍ୟ ଜିଲାରୁ ୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ଗତ ୨୪ ଘଣ୍ଟାରେ ପୁରୀ ବାସେଳି ସାହି ଅଞ୍ଚଳର ଜଣେ ୬୮ ବର୍ଷୀୟ ପୁରୁଷ ମୃତ୍ୟୁବରଣ କରିଛନ୍ତି। ଚନ୍ଦନପୁର ଥାନା ଅଞ୍ଚଳର ଜଣେ ୭୫ ବର୍ଷୀୟା ମହିଳା, ଗୋପ ଥାନା ଅଞ୍ଚଳର ଜଣେ ୭୫ ବର୍ଷୀୟ ପୁରୁଷ ଓ ୭୯ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି। କୋଭିଡରେ ମୃତ୍ୟୁବରଣ କରିଥିବା ସମସ୍ତ ଆକ୍ରାନ୍ତଙ୍କ ମୃତଦେହକୁ ଗିରଳସ୍ଥିତ ସିପ ସରୁବାଲି ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତେବେ ୩୦ତାରିଖର ଜିଲାର କୋଭିଡ୍ ସମ୍ପର୍କିତ ଖବର ଏବଂ ଆକ୍ରାନ୍ତଙ୍କ ସଂଖ୍ୟା ଗଣମାଧ୍ୟମକୁ ପ୍ରଦାନ କରାଯାଇ ନ ଥିଲା। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେ ସମସ୍ତ ତଥ୍ୟ ଜିଲା ପ୍ରଶାସନକୁ ପ୍ରଦାନ କରିଥିବା ସୂଚନା ଦେଇଥିଲେ। ମାତ୍ର ଜିଲା ପ୍ରଶାସନ କୌଣସି ତଥ୍ୟ ଗଣମାଧ୍ୟମକୁ ପ୍ରଦାନ କରି ନ ଥିଲେ। ସେହିପରି କୋଭିଡରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ତଥ୍ୟ ସମ୍ପର୍କରେ ଜିଲା ଚିକିତ୍ସା ଅଧିକାରୀ ଡା. ସୁଜାତା ମିଶ୍ରଙ୍କୁ ପଚାରିବାରୁ କୋଭିଡରେ ମୃତ୍ୟୁବରଣ କରୁଥିବା ଆକ୍ରାନ୍ତଙ୍କ ତଥ୍ୟ କେବଳ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଉଛି। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ମୃତ୍ୟୁ ସମ୍ପର୍କରେ ତଥ୍ୟ ଜିଲା ପ୍ରଶାସନଙ୍କୁ ପ୍ରଦାନ କରାଯାଉ ନାହିଁ ବୋଲି କହିଥିଲେ।

# ନିଯୁକ୍ତିର ୨୦ ମାସ ପରେ ବି ମିଳୁନି ଦାୟିତ୍ୱ

**ଗୋପ,୧।୬(ଡି.ଏନ୍.ଏ.)**

ଗୋପ ଶିକ୍ଷା ବିଭାଗ ଅଧୀନରେ ଦୀର୍ଘ ୨୦ମାସ ଧରି ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ଭାବେ ୧୦ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲେ ମଧ ଏପର୍ଯ୍ୟନ୍ତ ସେମାନଙ୍କୁ ଦାୟିତ୍ୱ ମିଳି ନ ଥିବା ଅଭିଯୋଗ ହୋଇଛି। ଉପରିସ୍ଥ ଅଧିକାରୀଙ୍କୁ ଏ ବିଷୟରେ ବାରମ୍ବାର ଜଣାଇଥିଲେ ମଧ କିଛି ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି। ଫଳରେ ଏହି ବ୍ଲକର ଶିକ୍ଷା ବିଭାଗରେ ବିଭିନ୍ନ କାର୍ଯ୍ୟରେ ଅନିୟମିତତା ହେଉଥିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ୨୦୧୯ ସେପ୍ଟେମ୍ବର ୧୭ରେ ସରକାରୀ ନିୟମ ଅନୁସାରେ ଗୋପ ବ୍ଲକ ଅଧୀନରେ ଥିବା ୨୦ କ୍ଲଷ୍ଟର ମଧ୍ୟରୁ ୧୬ଟି କ୍ଲଷ୍ଟର ଲାଗି ୧୬ଜଣ ସିଆର୍‌ସିସିଙ୍କୁ ନିଯୁକ୍ତି ଦିଆଯାଇଥିଲା। ମାତ୍ର ଏହି ୧୬ଟି କ୍ଲଷ୍ଟର ମଧ୍ୟରୁ ବିଳମ୍ବରେ ୬ଟି କ୍ଲଷ୍ଟରର ସିଆରସିସିଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଆଉ ୧୦ସିଆର୍‌ସିସିଙ୍କୁ ଦାୟିତ୍ୱ ମିଳିପାରି ନାହିଁ। ଫଳରେ ନିଯୁକ୍ତିପତ୍ର ପାଇଥିଲେ ମଧ ଦୀର୍ଘ ୨୦ ମାସ ଧରି ଏହି ଦାୟିତ୍ୱ ନେବା ପାଇଁ ୧୦ ସିଆର୍‌ସିସି ବାରମ୍ବାର ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ ନିକଟକୁ ଦୌଡ଼ି ନିରାଶ ହେଉଛନ୍ତି। ସିଆରସିସିମାନଙ୍କ ଦ୍ୱାରା ସ୍କୁଲକୁ ଆସୁଥିବା ସରକାରୀ ଅର୍ଥ ସଦୁପଯୋଗ କିପରି ହେଉଛି ଏହି ସରକାରୀ ଅର୍ଥକୁ କିଏ କିପରି ଉଠାଉଛନ୍ତି ତାହା ଏବେ ତଦନ୍ତ ସାପେକ୍ଷ ହୋଇପଡ଼ିଛି। ନିଯୁକ୍ତି ପାଇ ଦାୟିତ୍ୱ ମିଳି ନ ଥିବା କ୍ଲଷ୍ଟର ମଧ୍ୟରୁ ଅଚ୍ୟୁତପୁର, ଗଣେଶ୍ୱରପୁର, ଶାରଦା, ବରିମୁଣ୍ଡ ରହିଛି। ଅପରପକ୍ଷେ ଆଉ ୪ଟି କ୍ଲଷ୍ଟରରେ ସମୟ ସୀମା ସରିଯାଇଥିଲେ ମଧ ଏପର୍ଯ୍ୟନ୍ତ ସେଠାରେ ସିଆର୍‌ସିସିଙ୍କୁ ନିଯୁକ୍ତି ମିଳିନାହିଁ। ଏ ସମ୍ପର୍କରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ମୋ ନିକଟରେ ସେମିତି କୌଣସି ଅଭିଯୋଗ ହୋଇନାହିଁ। ତଥାପି ଏପରି ଅଭିଯୋଗ ସମ୍ପର୍କରେ ବୁଧବାର ଜିଲା ଶିକ୍ଷା ବିଭାଗ ଅଧିକାରୀଙ୍କୁ ତଦନ୍ତ ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଅନ୍ୟପଟେ ବିଇଓ ବସନ୍ତ କୁମାର ମିଶ୍ର କହିଛନ୍ତି, ସବୁ ଠିକ ଅଛି। କୌଣସି ଆର୍ଥିକ ଅନିୟମିତତା ହୋଇ ନ ଥିବା ସଫେଇ ଦେଇଛନ୍ତି।

# ବଡ଼ଦାଣ୍ଡ ଭଜନ ପ୍ରକଳ୍ପକୁ ନିୟମିତ କାର୍ଯ୍ୟକ୍ଷମ ଦାବି

**ପୁରୀ ଅଫିସ,୧।୬**

ପୁରୀରେ ବଡ଼ଦାଣ୍ଡ ଭଜନ ପ୍ରକଳ୍ପକୁ ନିୟମିତ କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରି ମଙ୍ଗଳବାର ସାମାଜିକ ଅନୁଷ୍ଠାନ ଆସୋସିଏଶନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟସ୍ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଏବଂ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରୀକ୍ଷେତ୍ରରେ ଧାର୍ମିକ ବାତାବରଣ ସୃଷ୍ଟି ତଥା ମହାପ୍ରଭୁଙ୍କ ମହିମା ଗାନ ଓ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତିଭାବ ଜାଗ୍ରତ ନିମନ୍ତେ କିଛି ବର୍ଷ ପୂର୍ବେ ବଡ଼ଦାଣ୍ଡ ଭଜନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଯେଉଁଥିରେ ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ଖୁଣ୍ଟରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଡାକବାଜି ଯନ୍ତ୍ର ସ୍ଥାପନ କରାଯାଇ ଶ୍ରୀଜଗନ୍ନାଥଙ୍କ ଭଜନ କୀର୍ତ୍ତନ ପରିବେଷଣ କରାଯାଉଥିଲା। ଏହାକି ପବିତ୍ର ବଡ଼ଦାଣ୍ଡର ଗରିମା ବୃଦ୍ଧି କରିବା ସହ ଜଗନ୍ନାଥ ପ୍ରେମରେ ସବୁରିକୁ ଉଦ୍‌ବୁଦ୍ଧ କରୁଥିଲା ବୋଲି ଅନୁଷ୍ଠାନ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ଅନେକ ଦିନରୁ ଏହି ପ୍ରକଳ୍ପ ଅଚଳାବସ୍ଥାରେ ପଡ଼ିରହିଛି। ଏହା ଦୁର୍ଭାଗ୍ୟଜନକ ଅଟେ। ବର୍ତ୍ତମାନ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଓ ରଥଯାତ୍ରାର ସମୟ। ଅପରପକ୍ଷେ ଏହାର କାର୍ଯ୍ୟକ୍ଷମ ନ ହେଲେ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ଯନ୍ତ୍ରାଂଶ ନଷ୍ଟ ହେବା ଆଶଙ୍କା ରହିଛି। ତେଣୁ ଏହି ବଡ଼ଦାଣ୍ଡ ଭଜନ ପ୍ରକଳ୍ପକୁ ପୁନଃ ନିୟମିତ କାର୍ଯ୍ୟକ୍ଷମ କରାଇବା ପାଇଁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି। ଅନୁଷ୍ଠାନର ସଦସ୍ୟ ସତ୍ୟନାରାୟଣ ସାହୁ, ଆଇନଜୀବୀ ଦେବାଶିଷ ଦାସ, ସନ୍ତୋଷ ସେନାପତି ଏବଂ କୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଜିଲାପାଳ ସମର୍ଥ ବର୍ମା ଏବଂ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଯଥାଶୀଘ୍ର ଭଜନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯିବ ବୋଲି ଜିଲାପାଳ ଓ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ପ୍ରତିଶ୍ରୁତି ଦେଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।



ଜିଲାପାଳ ଓ ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଆସୋସିଏଶନ ଅଫ୍ ଟୁଇଟର ଆକ୍ଟିଭିଟି ସଂଘର ସଦସ୍ୟମାନେ ।


**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 3354/PSC, (DR-IV) (2PG-01-2021-22)** **Dt. 01.06.2021**

**No. D-30:-** The Commission, forthwith cancels the Advertisement No. 16 of 2019-20 for recruitment to the post of Programmer in the office of the Odisha Public Service Commission, Cuttack in view of the revised Recruitment Rule for the said post.

All subsequent Notices/ Orders to the above advertisement thus stands rescinded.

OIPR-12002/11/0015/2122 **Sd./- Secretary**



**ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ**
**ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ**
ଖଲ୍ଲିକୋଟ, ଗଞ୍ଜାମ, ଓଡ଼ିଶା-୭୬୧୦୩୦, ଦୂରଭାଷ- ୦୬୮୧୦୨୫୬୩୫୨
ପତ୍ର ସଂଖ୍ୟା ୨୬୫/ ସ.ଚା.କା.ମ. ଖଲ୍ଲିକୋଟ ତାରିଖ ୦୧।୦୬।୨୦୨୧
Email ID: govtcollegeofartandcrafts@gmail.com

**ନାମଲେଖା ବିଜ୍ଞପ୍ତି**
**ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଖଲ୍ଲିକୋଟ**

No.RR-02:- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅନୁବନ୍ଧନରେ ଥିବା ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଖଲ୍ଲିକୋଟରେ ଚିତ୍ରକଳା ଓ କାରୁ କଳାରେ ବି.ଭି.ଏ. ୧ମ ବର୍ଷ ପାଉଣ୍ଡେସନ୍ (ଚାରିବର୍ଷିଆ ସ୍ନାତକ ଶ୍ରେଣୀ), ବି.ଭି.ଏ. ପାଠ୍ୟକ୍ରମରେ ୨୦୨୧-୨୨ ଶିକ୍ଷାବର୍ଷରେ ନାମ ଲେଖାଇବା ପାଇଁ ପୁରୁଷ ଓ ମହିଳା ପ୍ରାର୍ଥୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଯେଉଁମାନେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାରୁ +୨ ପାସ୍ କରିଥିବେ କିମ୍ବା ତତ୍ତୁଲ୍ୟ ଯୋଗ୍ୟତା ଥିବା ପ୍ରାର୍ଥୀ / ପ୍ରାର୍ଥିନୀ ଯେଉଁମାନଙ୍କର କଳାଶିକ୍ଷା ପ୍ରତି ଆଗ୍ରହ ଥିବ ସେମାନେ ଦରଖାସ୍ତ କରିପାରିବେ। ସେମାନଙ୍କ ଚୟନ ଏକ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ନିର୍ଣ୍ଣୟ କରାଯିବ। ଏଥିରେ ଚିତ୍ରକଳା ସହିତ, ସାଧାରଣ ଜ୍ଞାନ ବିଷୟରେ ପରୀକ୍ଷା କରାଯିବ। ସର୍ବୋଚ୍ଚ ବୟସ ସୀମା ୨୩ ବର୍ଷ। ଶାରୀରିକ ଅକ୍ଷମ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ କ୍ଷେତ୍ରରେ ୫ ବର୍ଷ କୋହଳ କରାଯିବ।

ଆବଶ୍ୟକୀୟ ଫର୍ମ ପ୍ରତ୍ୟେକ କାର୍ଯ୍ୟଦିବସରେ ମହାବିଦ୍ୟାଳୟର ଅଫିସରୁ Rs.୪୫ (ପଞ୍ଚଚାଳିଶ ଟଙ୍କା) ବିନିମୟରେ ଉପଲବ୍ଧ ହୋଇପାରିବ। ଡିମାଣ୍ଡ ଡ୍ରାଫ୍ଟ / ପୋଷ୍ଟାଲ ଅର୍ଡର ଗ୍ରହଣୀୟ ନୁହେଁ। ମନିଅର୍ଡର ମାଧ୍ୟମରେ ନିମ୍ନ ଅଧିକାରୀଙ୍କ ଠିକଣାରେ ୧୦୦ ଟଙ୍କା ପଇଠ କଲେ ଫର୍ମ ପଠାଇବା ବ୍ୟବସ୍ଥା କରାଯିବ।

ଇଚ୍ଛୁକ ପ୍ରାର୍ଥୀ / ପ୍ରାର୍ଥିନୀ +୨ ପରିଷଦ, ଓଡ଼ିଶା ଫଳ ପ୍ରକାଶନଠାରୁ ୧୫ ଦିନ ମଧ୍ୟରେ ଆବଶ୍ୟକୀୟ ଫର୍ମ ସଂଗ୍ରହ ଓ ଦାଖଲ ପ୍ରତ୍ୟେକ କାର୍ଯ୍ୟଦିବସରେ କରିପାରିବେ।

**ସ୍ୱା./- ଅଧ୍ୟକ୍ଷ**
**ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଖଲ୍ଲିକୋଟ, ଗଞ୍ଜାମ**
OIPR-03003/11/0001/2122



**ଓଡ଼ିଶା ରାଜ୍ୟ ବିହନ ନିଗମ ଲିଃ**
**ବିଶେଷ ସୂଚନା**

No. CAD-376:- ଏତଦ୍ୱାରା ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ରାଜ୍ୟ ବିହନ ନିଗମ ତାର ସମସ୍ତ ନିଜସ୍ୱ ଡିଲର, ପ୍ୟାକ୍‌ସ, ଲ୍ୟାମ୍ପ୍‌ସ ଓ ନିଜସ୍ୱ ବିହନ ବିକ୍ରୟ କେନ୍ଦ୍ର ଜରିଆରେ ବିହନ ଯୋଗାଉଅଛି । ରାଜ୍ୟ ସରକାରଙ୍କ ପତ୍ର ସଂଖ୍ୟା- 2980/R&DM/DM Dt.30.05.2021 ଦ୍ୱାରା କୃଷି ପାଇଁ ବିହନ ପ୍ରକ୍ରିୟାକରଣ, ବିହନ ପ୍ରାମାଣୀକରଣ, ବିହନ ପରିବହନ ଓ ବିହନ ବିକ୍ରୟ ପ୍ରକ୍ରିୟାକୁ କୋଭିଡ-19 କଟକଣାମୁକ୍ତ କରାଯାଇଅଛି ଏବଂ ଉପଯୁକ୍ତ ସମୟରେ ଚାଷୀମାନଙ୍କୁ ବିହନ ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ବିହନ ବିକ୍ରୟ କେନ୍ଦ୍ରଗୁଡ଼ିକ ସଦାସର୍ବଦା ଖୋଲା ରହିଅଛି । ତେଣୁ ଚାଷୀ ଭାଇ / ଡିଲର / ପ୍ୟାକ୍‌ସ / ଲ୍ୟାମ୍ପ୍‌ସ ସପ୍ତାହର ଯେକୌଣସି ଦିନ ବା ଯେକୌଣସି ସମୟରେ ନିଜ ଇଚ୍ଛା ମୁତାବକ ନିକଟସ୍ଥ ବିହନ ବିକ୍ରୟ କେନ୍ଦ୍ର କିମ୍ବା ରାଜ୍ୟ ବିହନ ନିଗମର ନିଜସ୍ୱ ବିକ୍ରୟ କେନ୍ଦ୍ରଗୁଡ଼ିକରୁ ବିହନ କ୍ରୟ କରିପାରିବେ । ବିହନ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ କରୋନା କଟକଣାମୁକ୍ତ ଅଟେ ।

Sd./- ପରିଚାଳନା ନିର୍ଦ୍ଦେଶକ
ଓଡ଼ିଶା ରାଜ୍ୟ ବିହନ ନିଗମ
OIPR-01045/11/0002/2122


## ରଥଖଳାରୁ

# ତିନି ରଥର ୧୮ ଚକ ନିର୍ମାଣ କାର୍ଯ୍ୟ ଶେଷ

**ପୁରୀ ଅଫିସ, ୧।୬**

ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ପବିତ୍ର ଭଉଁରି ତିଥିରେ ତିନି ରଥର ଚକ ଅଖ ଡେରା ନୀତି ସମ୍ପନ୍ନ ହେବ। ଏଥିପାଇଁ ତିନିରଥର ତିନୋଟି ଅଖ କାର୍ଯ୍ୟ ଶେଷ ହୋଇଛି। ତିନିର ରଥର ୪୨ଟି ଚକ ମଧ୍ୟରୁ ୧୮ଟି ଚକର ନିର୍ମାଣ କାର୍ଯ୍ୟ ସରିଛି। ମଙ୍ଗଳବାର ୩ରଥ ନିର୍ମାଣର ଅଗ୍ରଗତି ନେଇ ଜିଲାପାଳ ସମର୍ଥ ବର୍ମା ରଥଖଳାକୁ ଯାଇ ସେବକ, ମହାରଣାମାନଙ୍କ ସହ ଆଲୋଚନା କରିଛନ୍ତି। ତାଳଧ୍ୱଜ ରଥର ଅନୁକୂଳ ମୁଖ୍ୟ ନାହାକା ଅଖର ଦୁଇପାର୍ଶ୍ୱ ଗୋଲେଇ କାର୍ଯ୍ୟ ଶେଷ ହୋଇ ଆଉ ଦୁଇଟି ପଡି ନାହାକା ଅଖର ଦୁଇ ପାର୍ଶ୍ୱ ଗୋଲେଇ ପାଇଁ ଚଉପଟ କାର୍ଯ୍ୟ ଜାରି ରହିଛି। ସେହିପରି ରଥର ୬ଟି ଚକର ସମ୍ପୂର୍ଣ୍ଣ କାର୍ଯ୍ୟ ସରିଛି। ଦେବଦଳନ ରଥର ଅନୁକୂଳ ନାହାକା ଅଖକୁ ମିଶାଇ ୨ଗୋଟି ନାହାକା ଅଖର ଗୋଲେଇ କାର୍ଯ୍ୟ ଶେଷ ହୋଇ ଗୋଟିଏ ପଡିନାହାକା ଅଖର ଗୋଲେଇ ପାଇଁ ଦୁଇ ପାର୍ଶ୍ୱ ଚଉପଟ କାର୍ଯ୍ୟ ଚାଲିଛି। ସେହିପରି ଦେବଦଳନ ରଥର ୫ଟି ଚକ ଶେଷ ହୋଇଛି। ଏଥିସହ ରଥର ୨ଟି ଧଉରା କାଠର ୧୨ ଫୁଟିଆ ଓରା ବିନ୍ଧ ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଓରା ରଥର ପ୍ରଥମ ଭୂଇଁ ଉପରେ ୪ ଗୋଟି ଓରା ଲାଗିଥାଏ। ନନ୍ଦିଘୋଷ ରଥର ଅନୁକୂଳ ହେବାକୁ ଥିବା ନାହାକା ଅଖ ସମେତ ୩ଗୋଟି ନାହାକା ଅଖର ଗୋଲେଇ କାର୍ଯ୍ୟ ଶେଷ ହୋଇ ଚତୁର୍ଥ ନାହାକା ଅଖର ଗୋଲେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥର ୬ଟି ଚକ କାର୍ଯ୍ୟ ଶେଷ ହୋଇଛି। ସେହିପରି ଆଉ ଦୁଇଟି ତୁମ୍ବରେ ଅର ଫିଟିଂ ସରି ସିଙ୍ଗଡ଼ା ବାଡ଼ିଆ ଜାରି ରହିଛି। ବୁଧବାର ପଇ ବିନ୍ଧ କାମ ଆରମ୍ଭ ହେବା ସହ ଅନ୍ୟ ଚକଗୁଡ଼ିକର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏଥିସହ ବାକି ଥିବା ଦୁଇଟି ତୁମ୍ବର ଘେର କଟା ସମ୍ପୂର୍ଣ୍ଣ ହୋଇଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ନନ୍ଦିଘୋଷ ରଥର ୧୨ଟି କୁଡୁକା ମଧ୍ୟରୁ ୧୧ଟିର ସରିଛି। ୧୧ଟି ସାଲଗୁଜ କାମ ଶେଷ ହୋଇଛି। ତେବେ ୮ଟି ତିଖ ଗୁଜରୁ ୨ଟି ର କାର୍ଯ୍ୟ ଶେଷ ହୋଇଛି। ୯ଟି ଜଳଯନ୍ତ୍ର (ପାର୍ଶ୍ୱ ଦେବଦେବୀଙ୍କ ଆସ୍ଥାନ) କାର୍ଯ୍ୟ ମଧ ଶେଷ ହୋଇଛି। ସେହିପରି ତିନି ରଥର ରୂପକାର ସେବକମାନେ ସାଲ ଗୁଜରେ ସିଂହ ବିରାଳ ରୂପ ଖୋଦେଇ କରିବା ସହ ଅନ୍ୟ ଗୁଜଗୁଡିକର ରୂପ ଖୋଦେଇ ପାଇଁ ଗୁଜରେ ରୂପ ଅଙ୍କନ ଜାରି ରଖିଛନ୍ତି। ଅପରପକ୍ଷେରେ ଦୋଳ ବେଦୀସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନି ରଥର ତୁମ୍ବ ପାଇଁ ପନ୍ଦାରି, ପନ୍ଦାରି ଚାବି ଏବଂ ତୁମ୍ବର ମାପ ଅନୁଯାୟୀ ବଳା ନିର୍ମାଣ ଶେଷ କରିଛନ୍ତି। ସନ୍ଧ୍ୟା ସୁଦ୍ଧା ୪୨ଟି ବଳାର ନିର୍ମାଣ କାର୍ଯ୍ୟ ସରିଛି। ଏଥିସହ ଓଝା ସେବକମାନେ ରଥର ଉପରି ଭାଗ କାର୍ଯ୍ୟ ପାଇଁ ଗୟଳ କଣ୍ଟା ନିର୍ମାଣ ଆରମ୍ଭ କରିଛନ୍ତି। ମଙ୍ଗଳବାର ରଥକାର୍ଯ୍ୟରେ ସମୁଦାୟ ୧୭୯ଜଣ ସେବକ ଏବଂ କାରିଗର ନିୟୋଜିତ ଥିଲେ।




**ODISHA PUBLIC SERVICE COMMISSION**
**ADVERTISEMENT No.03 OF 2021-22**

**Recruitment to the post of Programmer in Group-B in the Office of Odisha Public Service Commission, Cuttack**

**WEBSITE - http://opsconline.gov.in**

**No. D-31:-** On-line applications are invited from the prospective candidates through the Proforma application to be made available on the Website (**http://opsconline.gov.in**) **from 08.06.2021 to 29.06.2021** for recruitment to 02 (Two) posts of Programmer in Group - B in the Office of Odisha Public Service Commission, Cuttack on contractual basis. During the period of contractual appointment, he/she shall draw consolidated monthly remuneration of Rs. 16,880/- (falling under the scale of pay of Rs. 35,400/- in Level - 9, Cell 1 as per the Pay Matrix provided under Rule - 3 of ORSP, 2017 corresponding to pre-revised scale of pay of Rs. 9,300-34,800/- with Grade Pay of Rs, 4,200/-). The post shall continue on contractual basis for a period of 06 (Six) years. On the date of satisfactory completion of six years of contractual service, he/she shall be deemed to have been regularly appointed.

2. **VACANCY POSITION:**

| Category | No. of vacancies |
|---|---|
| Un-reserved | 02 |

3. **AGE:**
A candidate must have attained the age of **21 (Twenty-one)** years and must not be above the age of **32 (Thirty-two) years** as on **1st day of January 2021** i.e. he/she must have been born **not earlier than 2nd January, 1989 and not later than 1st January, 2000.**
The upper age limit prescribed above shall be relaxable by 5 (five) years in respect of Women (UR) candidates.
SAVE AS PROVIDED ABOVE, THE AGE LIMITS PRESCRIBED CAN IN NO CASE BE RELAXED.
Date of birth entered in the High School Certificate or equivalent certificate issued by the concerned Board/Council will only be accepted by the Commission.

4. **EDUCATIONAL QUALIFICATION:**
A candidate should possess Master's Degree in Computer Application from a recognized University with at least 60% marks.

5. **HOW TO APPLY:**
(a) **Candidate must go through the details of the Long Advertisement available in the Website of OPSC before filling up the Online Application Form.**
(b) Candidates must apply online through the website of OPSC i.e. **http://opsconline.gov.in**. Applications received through any other mode will not be accepted and summarily be rejected.
The candidates are required to visit the Website of the Commission at **http://opsc.gov.in** for detailed information about the programme of the examination, notice regarding rejection of applications; other important notices etc. and also keep track of publication of various notices to the effect in the leading local daily newspapers for information.

CUTTACK
DATE- 01.06.2021

Sd./- SECRETARY
ODISHA PUBLIC SERVICE COMMISSION
CUTTACK
OIPR-12002/11/0014/2122



**ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା**
**"ଏ ଆର୍" (AR) ସିରିଜ୍**
**ବିଶେଷ ସୂଚନା**

No. DSPL-41: ଓଡ଼ିଶା ସ୍ୱଳ୍ପ ସଞ୍ଚୟ ଜମାକାରୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସାମ୍ପ୍ରତିକ କରୋନା ଭୂତାଣୁ ସଂକ୍ରମଣ (Covid-19) ଓ ତଦ୍‌ଜନିତ ପରିସ୍ଥିତି ପରିପ୍ରେକ୍ଷୀରେ, ଏହି ଯୋଜନା ଅନ୍ତର୍ଗତ କୁପନ ସଂଗ୍ରହର ଶେଷ ତାରିଖ ତା୩୧।୦୫।୨୦୨୧ରିଖ ପରିବର୍ତ୍ତେ ତା୩୧।୦୭।୨୦୨୧ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା ଏବଂ ତଦନୁସାରେ ଏହାର ଉଠାଣ କାର୍ଯ୍ୟକ୍ରମ ତା୧୮।୦୬।୨୦୨୧ରିଖ ପରିବର୍ତ୍ତେ ତା୨୬।୦୯।୨୦୨୧ରିଖରେ ଅନୁଷ୍ଠିତ ହେବା ପାଇଁ ଆପାତତଃ ସ୍ଥିର କରାଗଲା ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡ଼ିଶା ସରକାର
OIPR-05001/13/0001/2122

## ୪ ଗାଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

ବେଗୁନିଆ,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବେଗୁନିଆ ବ୍ଲକର ୪ଗାଁକୁ ଦଶଦିନ ପାଇଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ବାଘମାରି ପଞ୍ଚାୟତ ଅନ୍ତର୍ଗତ ବାମଡିହ ଗ୍ରାମ, କୁଞ୍ଜୁରୀ ପଞ୍ଚାୟତର ନିଆମୁହାଁ, ସାରୁଆ ପଞ୍ଚାୟତ ଅନ୍ତର୍ଗତ ସାରୁଆ ଏବଂ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ଗୋଡି ଗ୍ରାମକୁ କଣ୍ଟେନ୍‌ମେଣ୍ଟ କରାଯାଇଛି। ସୋମବାର ରାତି ୯ଟାରୁ ଆସନ୍ତା ୯ ତାରିଖ ରାତି ୯ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। କଣ୍ଟେନ୍‌ମେଣ୍ଟ ଅଞ୍ଚଳର ଲୋକେ ବାହାରକୁ ଯିବେ ନାହିଁ ଏବଂ ଉକ୍ତ ଗ୍ରାମକୁ ବାହାର ଲୋକେ ପ୍ରବେଶ କରିପାରିବେ ନାହିଁ। ଉକ୍ତ ଅଞ୍ଚଳକୁ ବିଶୋଧନ କରାଯିବା ପାଇଁ ଅଗ୍ନିଶମ ବିଭାଗକୁ ଚିଠି କରାଯାଇଛି।

## ସଂକ୍ଷେପରେ

### ମାଙ୍କଡ଼ା ବୋଝେଇ ୩ ଗାଡ଼ି ଜବତ

ବେଗୁନିଆ,୧।୬(ଡି.ଏନ୍.ଏ.): ବେଗୁନିଆ ପୋଲିସ ପାଟ୍ରୋଲିଂ ବେଳେ ସୋମବାର ରାତିରେ ମାଙ୍କଡ଼ା ବୋଝେଇ ଗୋଟିଏ ଟ୍ରାକ୍ଟର ଏବଂ ୨ଟି ମିନିଟ୍ରକ ଜବତ କରିଛି। ଗୋରୁ ଓ ମାଙ୍କଡ଼ା ବୋଝେଇ ଗାଡିକୁ ଧରିବା ପାଇଁ ପାଟ୍ରୋଲିଂ ଟିମ୍‌କୁ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ ରହିଥିଲା। ଡିଙ୍ଗର-ରାଉତପଡା ରାସ୍ତା ଓ ଟିକାତାଳ-ଚଟୁଆ ରାସ୍ତାରେ ପାଟ୍ରୋଲିଂ ବେଳେ ଉକ୍ତ ଗାଡ଼ିଗୁଡ଼ିକୁ ଅଟକାଯାଇଥିଲା। ଗୋଟିଏ ମିନି ଟ୍ରକର ନମ୍ବର ଠିକ୍ ଥିବାବେଳେ ଅନ୍ୟ ଦୁଇଟି ଗାଡିରେ ଦୀର୍ଘ ବର୍ଷ ହେବ ବେଆଇନଭାବେ ମାଙ୍କଡା ଚାଲାଣ ହେଉଥିଲା। ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କ ଅଭିଯୋଗକ୍ରମେ ଦୁଇଟି ମାମଲା (ନଂ.୧୦୧/୨୧, ୧୦୨/୨୧) ରୁଜୁ ହୋଇଛି। ଅନ୍ୟ ମିନି ଟ୍ରକଠାରୁ ଜରିମାନା ଆଦାୟ ପରେ ଛାଡି ଦିଆଯିବ ବୋଲି ତହସିଲଦାର କହିଛନ୍ତି।

### କଂଗ୍ରେସ ନେତା ସେକ୍ ଅବଦୁଲ ବାରୀଙ୍କ ପରଲୋକ



ଖୋର୍ଦ୍ଧା ଅଫିସ,୧।୬: ଖୋର୍ଦ୍ଧା ଜିଲାର ବରିଷ୍ଠ କଂଗ୍ରେସ ନେତା ତଥା ଓଡ଼ିଶା ପ୍ରଦେଶ କମିଟିର ପୂର୍ବତନ ସଂଖ୍ୟାଲଘୁ ବର୍ଗର ଅଧକ୍ଷ, ବରିଷ୍ଠ ଆଇନଜୀବୀ ସେକ୍ ଅବଦୁଲ ବାରୀଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। କରୋନାରେ ଆକ୍ରାନ୍ତ ହୋଇ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଖୋର୍ଦ୍ଧା ବ୍ଲକ ବାଜପୁର ଗ୍ରାମରେ ସେ ଜନ୍ମ ହୋଇଥିଲେ। ତୃଣମୂଳ ସ୍ତରରେ ସେ କଂଗ୍ରେସ ଦଳକୁ ସୁଦୃଢ଼ କରିଥିଲେ। ତାଙ୍କ ବିୟୋଗରେ ଜଟଣୀ ବିଧାୟକ ସୁରେଶ ରାଉତରାୟ, ପିସିସି ସଭ୍ୟ ଶିଶିର ପରିଡା, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ପ୍ରକାଶ ସାମନ୍ତରାୟ, ରାଜ୍ୟ ମୁଖପାତ୍ର ଅମିତ ମହାନ୍ତି, ପ୍ଲାବନ ପଟ୍ଟନାୟକ, ଶିଲାଦିତ୍ୟ ପଟ୍ଟନାୟକ, ପ୍ରଦୋଷ ହରିଚନ୍ଦନ, ମହମ୍ମଦ କେଫାତୁଲ୍ଲା, ଶାହାଜାନ ଖାଁ, ରମାଜାନି ଖାଁ, ରଞ୍ଜିତ ମହାପାତ୍ର, କଂଗ୍ରେସ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

### କୁହୁଡ଼ି ପଞ୍ଚାୟତ ୩ଦିନ ଶଟ୍‌ଡାଉନ

ଟାଙ୍ଗୀ(ଖୋର୍ଦ୍ଧା),୧।୬(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ପଞ୍ଚାୟତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। କୁହୁଡ଼ି ସରପଞ୍ଚ ବିପିନ ଉଦୟ ସିଂହଙ୍କ ସୁପାରିଶରେ ଉପଜିଲାପାଳ ଅଶୋକ କୁମାର ବେହୁରିଆ କୁହୁଡ଼ି ପଞ୍ଚାୟତକୁ ସୋମବାର ପୂର୍ବାହ୍ନ ୧୧ଟାରୁ ଶୁକ୍ରବାର ସକାଳ ୭ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟ ମଧ୍ୟରେ ଗ୍ରାମରୁ କେହି ବାହାରକୁ ଯିବେ ନାହିଁ କି ବାହାରୁ କେହି ଗ୍ରାମକୁ ପ୍ରବେଶ କରିବାକୁ ବାରଣ କରାଯାଇଛି। ୧ନଂ. ୱାର୍ଡ ଗୋପୀନାଥପୁର ଗାଁକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

# ପୁରୀରେ ଶିଶୁ ଉଦ୍ଧାରକୁ ଗୁରୁତ୍ୱ

ପୁରୀ ଅଫିସ,୧।୬

- କରୋନା କାଳରେ ଉଦ୍ଧାର ହେଲେଣି ୬୯
- ୨ୟ ଲହରରେ ରାଜ୍ୟ ବାହାରୁ ୧୧

କୋଭିଡ୍ ସମୟରେ ପୁରୀରେ ବର୍ତ୍ତମାନ ସୁଦ୍ଧା ୬୯ ଶିଶୁ ଉଦ୍ଧାର ହୋଇଛନ୍ତି। କୋଭିଡ୍ ପ୍ରଥମ ଲହରରେ ୩୮ ଜଣ ଓ ୨ୟ ଲହରରେ ଏଯାବତ୍ ୩୧ଜଣ ଶିଶୁ ପୁରୀ ରେଳଷ୍ଟେଶନରୁ ଉଦ୍ଧାର ହେଲେଣି। ତେବେ ୨ୟ ଲହରରେ ଶିଶୁ ଉଦ୍ଧାର ହାର ବଢ଼ିଛି। ପ୍ରତି ୨/୪ ଦିନରେ ଜଣେ ଲେଖାଏ ଶିଶୁ ଉଦ୍ଧାର ହେଉଛନ୍ତି। କରୋନା ୨ୟ ଲହରରେ ପୁରୀ ରେଳଷ୍ଟେଶନରୁ ରାଜ୍ୟର ୨୦ଜଣ ଶିଶୁ ଉଦ୍ଧାର ହୋଇଥିବା ବେଳେ ଭଦ୍ରକ, ବ୍ରହ୍ମପୁର ଓ ସମ୍ବଲପୁର ଅଞ୍ଚଳର ଅଧିକାଂଶ ଶିଶୁ ହୋଇଥିବା ଦେଖିବାକୁ ମିଳୁଛି। ସେହିଭଳି ରାଜ୍ୟ ବାହାର ବିହାରରୁ ୨ଜଣ, ଝାଡ଼ଖଣ୍ଡରୁ ୨, ଉତ୍ତରପ୍ରଦେଶରୁ ୩, ପଶ୍ଚିମବଙ୍ଗରୁ ୩ ଓ ଛତିଶଗଡ଼ରୁ ଜଣେ ଶିଶୁ ପୁରୀ ରେଳଷ୍ଟେଶନରୁ ଉଦ୍ଧାର ହୋଇଛନ୍ତି। ଏ ନେଇ ରେଳ ସୁରକ୍ଷା ବଳ(ଆର୍‌ପିଏଫ୍)ର ଆଇଆଇସି ଅନୀଲ କୁମାର ସିଂ କହିଛନ୍ତି, ଅଧିକାଂଶ ଶିଶୁଙ୍କ ସହ ଆଲୋଚନା କରିବାରୁ ଜଣାପଡୁଛି ଯେ, ପରିବାର ଲୋକଙ୍କ ଉପରେ ରାଗି ଘର ଛାଡ଼ି ଚାଲି ଆସୁଛନ୍ତି।



ଉଦ୍ଧାର ହୋଇଥିବା ଶିଶୁ।

ଅଭିଭାବକ ଓ ପିଲାଙ୍କ ମଧ୍ୟରେ ଯୋଗାଯୋଗର ଅଭାବ ହେତୁ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ରେଳଷ୍ଟେଶନ ଓ ରେଳବଗିରେ ଶିଶୁଙ୍କୁ ଏକା ଦେଖିବା ପରେ ତାଙ୍କୁ ଉଦ୍ଧାର କରାଯାଇ ଚାଇଲ୍ଡ ହେଲ୍ପଲାଇନ୍‌କୁ ଜଣାଇ ଦିଆଯାଉଛି। ଏହାପରେ ଶିଶୁ କଲ୍ୟାଣ କମିଟିକୁ ଶିଶୁର ଦାୟିତ୍ୱ ହସ୍ତାନ୍ତର କରାଯାଉଛି। ଅନେକ ଶିଶୁ ନିଜ ପରିଚୟ ଦେଇପାରୁ ନ ଥିବାବେଳେ ସେମାନଙ୍କୁ କାଉନସେଲିଂ ମଧ୍ୟ କରାଯାଉଛି। ଆର୍‌ପିଏଫ୍ କେବଳ ଶିଶୁର ଭଲମନ୍ଦ ବୁଝିବା ସହ ଠିକଣା ଜାଣିବାକୁ ଚେଷ୍ଟା କରିଥାଏ। ଶିଶୁ ଭୟଭୀତ ହୋଇ ଠିକଣା କହି ନ ପାରିଲେ ତାଙ୍କୁ ଶିଶୁ କଲ୍ୟାଣ କମିଟିକୁ ହସ୍ତାନ୍ତର କରାଯାଇଥାଏ। ଅନ୍ୟପକ୍ଷେ ପୁରୀ ଜିଲା ଶିଶୁ କଲ୍ୟାଣ କମିଟିର ଅଧକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ କହିଛନ୍ତି, ସାମ୍ପ୍ରତିକ ସ୍ଥିତି ରେଳଷ୍ଟେଶନରୁ ବହୁ ପରିମାଣର ଶିଶୁ ଉଦ୍ଧାର ହେଉଛନ୍ତି। ଶିଶୁଙ୍କ ଠିକଣା ରାଜ୍ୟ ଭିତରେ ହୋଇଥିଲେ ସେମାନଙ୍କ ପରିବାର ସହ ଯୋଗାଯୋଗ କରି ଶିଶୁଙ୍କୁ ପହଞ୍ଚାଇ ଦିଆଯାଏ। ମାତ୍ର ରାଜ୍ୟ ବାହାର ଶିଶୁଙ୍କୁ ନେଇ ସମସ୍ୟା ହେଉଛି। ଯୋଗାଯୋଗରେ ସାମାନ୍ୟ ସମସ୍ୟା ହେଉଥିବା ବେଳେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ସହ କଥାବାର୍ତ୍ତା କରି ଶିଶୁଙ୍କୁ ଅଭିଭାବକଙ୍କ ସହ ଯୋଗାଯୋଗ କରାଯାଇଥାଏ। ଏବେ କୋଭିଡ୍ କାଳରେ ଅଭିଭାବକମାନେ ପିଲାଙ୍କୁ ନେବାକୁ ଆସିବାରେ ସମସ୍ୟା ହେଉଛି ତେଣୁ ବାଧ ହୋଇ ଶିଶୁ କଲ୍ୟାଣ କମିଟି, ଶିଶୁ ସୁରକ୍ଷା ଅଧିକାରୀ ଓ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ଏକ ଟିମ୍ ଶିଶୁଙ୍କୁ ସମ୍ପୃକ୍ତ ରାଜ୍ୟରେ ଛାଡ଼ିବା ପାଇଁ ବ୍ୟବସ୍ଥା କରେ। ତେବେ ଯୋଗାଯୋଗ ନ ହେବା ପର୍ଯ୍ୟନ୍ତ ଶିଶୁମାନଙ୍କୁ ଶିଶୁ କଲ୍ୟାଣ କମିଟି ନିଜ ତତ୍ତ୍ୱାବଧାନରେ ରଖିଥାଏ। ରେଳଷ୍ଟେଶନରୁ ଏବେ ଉଦ୍ଧାର ହୋଇଥିବା ବିହାର ଓ ଝାଡ଼ଖଣ୍ଡର ୨ଜଣ ଶିଶୁ ଶିଶୁ କଲ୍ୟାଣ କମିଟି ଦାୟିତ୍ୱରେ ରହିଛନ୍ତି। କମିଟିର ଅଧକ୍ଷ ରୁଦ୍ର ନାରାୟଣ ସାହୁ କହିଛନ୍ତି, ଶିଶୁମାନଙ୍କୁ ଅନେକ ଦିନ କାଉନସେଲିଂ କରିବା ପରେ ଠିକଣା ଜଣାପଡ଼େ। ଭଦ୍ରକର ଜଣେ ଶିଶୁ ନିଜ ଠିକଣା କହିବା ପାଇଁ ୨ବର୍ଷ ସମୟ ନେଇଥିଲେ। ଅନେକ ଥର ଭୁଲ ଠିକଣା କହିବା ପରେ ଶେଷରେ ତାଙ୍କଠାରୁ ଠିକ ଠିକଣା ମିଳିପାରିଥିଲା ଓ ସଂପୃକ୍ତ ଶିଶୁଙ୍କୁ ପରିବାର ଲୋକଙ୍କ ପାଖରେ ପହଞ୍ଚାଯାଇଛି। ଶିଶୁମାନେ ଘର ଛାଡ଼ି ଆସିବା ପଛରେ ଅନେକ କାରଣ ରହିଛି। ତନ୍ମଧ୍ୟରୁ ଶିଶୁଙ୍କ ଗାଳିମାଡ଼, ମାନସିକ ଅନଗ୍ରସରତା ଓ ପ୍ରେମ ବିବାଦ ପ୍ରମୁଖ କାରଣ ।

# ଫିକା ପଡ଼ିଲା ଚନ୍ଦନଯାତ୍ରା

କୃଷ୍ଣପ୍ରସାଦ,୧।୬(ଡି.ଏନ୍.ଏ.)

କରୋନା କଟକଣା ଯୋଗୁ ଚଳିତବର୍ଷ କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ଚନ୍ଦନଯାତ୍ରା ଫିକା ପଡିଛି। କୃଷ୍ଣପ୍ରସାଦ ଗଡ଼ଠାରେ ପାରିକୁଦ ରାଜାସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ନେତୃତ୍ୱରେ ଏହି ଉତ୍ସବ ନିରାଡ଼ମ୍ବର ଭାବେ ଆରମ୍ଭ ହୋଇଛି। ପ୍ରଥମ କରି ଠାକୁର ବିମାନ ପରିବର୍ତ୍ତେ ଖଟୁଲିରେ ବିଜେ କରିଛନ୍ତି। ପାରିକୁଦ ରାଜବାଟୀରୁ ଗୋପୀନାଥ ଦେବ ଖଟୁଲିରେ ମଶାଲ ଜାଳି ଇପିଙ୍ଗସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ଯଥାରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଦୁଇ ବର୍ଷ ଧରି ଏହି ଉତ୍ସବ ନିରାଡ଼ମ୍ବର ଭାବେ ପାଳନ ହେଉଛି। ପୂର୍ବରୁ ଶହେରୁ ଅଧିକ ବର୍ଷ ଧରି ଏହି ଉତ୍ସବ ହଜାର ହଜାର ଶ୍ରଦ୍ଧାଳୁଙ୍କ



ଠାକୁରଙ୍କୁ ବିମାନ ପରିବର୍ତ୍ତେ ଖଟୁଲିରେ ନିଆଯାଉଛି।

ସମାଗମ, ଆତସବାଜି ସହ ଠାକୁର ସୁସଜ୍ଜିତ ବିମାନରେ ଚନ୍ଦନ ପଡିଆରେ ବିଜେ କରିଥାନ୍ତି। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥାଏ। କରୋନା ପାଇଁ ସବୁ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିବା ବେଳେ ପରମ୍ପରାକୁ ବଜାୟ ରଖିବା ପାଇଁ ନିରାଡ଼ମ୍ବରରେ ଏହି ଯାତ୍ରା ପାଳନ କରାଯାଉଛି।

## ଫନୀ ଟଙ୍କା ଫେରିପାଇବା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

ପୁରୀ ଅଫିସ,୧।୬

ଫନୀରେ ଘରଦ୍ୱାର ଭାଙ୍ଗିଗଲା। ଫନୀ ପ୍ରଭାବିତ ବୋଲି ଚିହ୍ନଟ ହେବା ପରେ ପ୍ରଥମ ପର୍ଯ୍ୟାୟରେ ୨୦ ହଜାର ଟଙ୍କା ମିଳିଛି। ତେବେ ଏହାପରେ ମିଳିବାକୁ ଥିବା ପ୍ରମୁଖ ଅର୍ଥରାଶିଟି ମିଳିନାହିଁ। ପଚରାଉଚରା କରିବା ପରେ ଆସିଥିବା ସହୟତା ଟଙ୍କା ଅନ୍ୟ କାହା ଆକାଉଣ୍ଟକୁ ଚାଲିଯାଇଛି। ଟଙ୍କା ଫେରି ପାଇବା ପାଇଁ ବିପନ୍ନ ଜଣକ ବାରମ୍ବାର ତହସିଲାଦର ଓ ଆଇଆଇସିଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଓଲଟା ପ୍ରଶାସନ ସମୟର ଆଳ ଦେଖାଇ କାମ ଆଗେଇ ଦେଉନି। ଏଭଳି ଅଭିଯୋଗ କରିଛନ୍ତି ପୁରୀ ସଦର ବାସିନ୍ଦା ଫନୀ ବିପନ୍ନ ପ୍ରଫୁଲ୍ଲ ଗୋଚ୍ଛିକାର। କୌଣସି ଅଧିକାରୀଙ୍କଠାରୁ ସହଯୋଗ ନ ମିଳିବାରୁ ଶେଷରେ ମଙ୍ଗଳବାର ପ୍ରଫୁଲ୍ଲ ପୁରୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ସହାୟତା ରାଶି କିଭଳି ଭାବେ ମିଳିପାରିବ ସେନେଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପ୍ରଫୁଲ୍ଲଙ୍କ କହିବା କଥା ଯେ, ଅନ୍ୟ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟକୁ ତାଙ୍କୁ ମିଳିବାକୁ ଥିବା ସହାୟତା ରାଶି ଚାଲିଯାଇଛି। ଉକ୍ତ ରାଶିକୁ ଫେରିପାଇବା ପାଇଁ ଅନେକଥର ବ୍ଲକସ୍ତର ଓ ଥାନାରେ ପ୍ରୟାସ କରିଛି। ହେଲେ କେହି ବି ତାଙ୍କ କଥାକୁ ଗୁରୁତ୍ୱ ଦେଉନାହାନ୍ତି। ତେଣୁ ବାଧ ହୋଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛି। ଅନ୍ୟପକ୍ଷରେ ଜିଲାପାଳ ଘଟଣାର ଯାଞ୍ଚ କରି ଅଭିଯୋଗ ସତ୍ୟ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଜଣାଇଛନ୍ତି।

# ଗ୍ରାମାଞ୍ଚଳରେ ୨୦ ହଜାର ଟପିଲା ସୁସ୍ଥ ସଂଖ୍ୟା

ଖୋର୍ଦ୍ଧା ଅଫିସ,୧।୬

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ତୁଳନାରେ ସୁସ୍ଥ ହାର ଅଧିକ ରହିଛି। ଦୈନିକ ସଂକ୍ରମଣ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ମଙ୍ଗଳବାର ୨୬୪ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୯୧ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୨୫, ବାଲିପାଟଣା ୨୧, ଭୁବନେଶ୍ୱର ବ୍ଲକ ୩୨, ଜଟଣୀ ୩୬, ଖୋର୍ଦ୍ଧା ୪୩, ବେଗୁନିଆ ୨୩, ବୋଲଗଡ଼ ୨୪, ଟାଙ୍ଗୀ ୨୦, ଚିଲିକା ୧୩ ଏବଂ ବାଣପୁରର ୨୭ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁଯାୟୀ, ସୋମବାର ସୁଦ୍ଧା ୩,୪୮,୩୯୯ ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୧,୫୨୪ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୦,୦୬୩ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମୃତ୍ୟୁସଂଖ୍ୟା ୬୮ରେ ପହଞ୍ଚିଛି। ୧୩୯୩ ସକ୍ରିୟ ସଂକ୍ରମିତ ରହିଛନ୍ତି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୨୦, ବାଲିଅନ୍ତା ୧, ବାଲିପାଟଣା ୩, ଭୁବନେଶ୍ୱର ଓ ଜଟଣୀ ୭ ଲେଖାଏଁ, ବେଗୁନିଆ ୪, ବୋଲଗଡ଼ ୯, ଟାଙ୍ଗୀ ଓ ଚିଲିକାରୁ ୫ଜଣ ଲେଖାଏ ରହିଥିବା ବେଳେ ବାଣପୁରର ୭ଜଣ ରହିଛନ୍ତି। ଅନ୍ୟପକ୍ଷେ ଖୋର୍ଦ୍ଧା ସବ୍‌ଡିଭିଜନରେ ମଙ୍ଗଳବାର ୧୧୮ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୭୯ଜଣ ସୁସ୍ଥ ହୋଇଛନ୍ତି। ଏହି ସବ୍‌ଡିଭିଜନରେ ମଙ୍ଗଳବାର ସୁଦ୍ଧା ମୋଟ ୪୪୧୧ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୩୪୨୭ଜଣ ସୁସ୍ଥ ହୋଇଛନ୍ତି। ୪ଜଣଙ୍କ ମୃତ୍ୟୁ ଘଟିଛି। ୯୭୯ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେଥିରୁ ୮୧୮ ସଙ୍ଗରୋଧ ଏବଂ ୧୬୦ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ରହିଥିବା ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି।

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

metroselfie@gmail.com



@ ଦୁର୍ଗାମାଧବ



@ ଜ୍ୟୋତିରଞ୍ଜନ



@ ରାଜେଶ



@ ବାଦଲ



@ ପ୍ରିୟଙ୍କା



@ ଉମାଶଙ୍କର



ଖୋର୍ଦ୍ଧା ଜିଲା ଓଷ୍ଟା କର୍ମକର୍ତ୍ତାମାନେ ମଙ୍ଗଳବାର ନୂତନ ଭାବେ ଯୋଗ ଦେଇଥିବା ଅତିରିକ୍ତ ଜିଲା ଶିକ୍ଷାଧିକାରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

# ସମସ୍ୟା ସମ୍ପର୍କରେ ଡିଇଓଙ୍କ ଦୃଷ୍ଟି ଆକର୍ଷଣ

ଖୋର୍ଦ୍ଧା ଅଫିସ,୧।୬

ଖୋର୍ଦ୍ଧା ଜିଲାରେ କାର୍ଯ୍ୟରତ ଶିକ୍ଷୟତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଓଷ୍ଟା ପକ୍ଷରୁ ମଙ୍ଗଳବାର ଜିଲା ଶିକ୍ଷାଧିକାରୀ(ଡିଇଓ) ବନ୍ଦନା ମହାପାତ୍ରଙ୍କ ସହିତ ଏକ ପ୍ରତିନିଧି ଦଳ ଆଲୋଚନା କରିଛନ୍ତି। ବହୁ ଦିନ ଧରି ଶିକ୍ଷକଙ୍କ ପଡି ରହିଥିବା ଏରିଅର, ଏମଏ ପାସଧାରୀ ହିନ୍ଦି ଶିକ୍ଷକଙ୍କ ଉଚ୍ଚ ବେତନକୁ ଅନୁମୋଦନ, ଚୁକ୍ତିଭିତ୍ତିକ ଶିକ୍ଷକ ଓ ଅବସରପ୍ରାପ୍ତ ଶିକ୍ଷକଙ୍କ ବକେୟା ପ୍ରଦାନ ଲାଗି ଦାବି କରିଥିଲେ। ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ସୁଧାକର ମହାପାତ୍ର, ଓଷ୍ଟାର ରାଜ୍ୟ ଯୁଗ୍ମ ସମ୍ପାଦକ ରଞ୍ଜନ ଦାଶ ପ୍ରମୁଖ ଶିକ୍ଷୟତ୍ରୀ,ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଡିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କରୋନା ସମୟରେ ପିଲାଙ୍କୁ ଅନଲାଇନ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶିକ୍ଷକ ମାନଙ୍କ ଏକ ପ୍ରମୁଖ ଭୂମିକା ରହିଛି। ଆଗାମୀ ଦିନରେ ଖୋର୍ଦ୍ଧା ଜିଲାକୁ ଶିକ୍ଷାକ୍ଷେତ୍ରରେ ଏକ ଅଗ୍ରଣୀ ଜିଲାରେ ପରିଣତ ଲାଗି ସମସ୍ତ ସହଯୋଗ ଜାରି ରହିବ। ଏହି ଅବସରରେ ଜିଲାରେ ନୂତନ ଭାବେ ଯୋଗଦାନ କରିଥିବା ୩ଜଣ ଅତିରିକ୍ତ ଜିଲା ଶିକ୍ଷାଧିକାରୀ(ଏଡିଇଓ) ମହେଶ୍ୱର ସାହୁ, ସ୍ନିଗ୍ଧାରାଣୀ ମିଶ୍ର, ଅମ୍ରିତା ପ୍ରିତିନନ୍ଦାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ପଥର ମାଫିଆଙ୍କୁ ସୁହାଉଛି ଲକ୍‌ଡାଉନ୍

ଖୋର୍ଦ୍ଧା ଅଫିସ,୧।୬

ରାଜ୍ୟରେ କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ପଥର ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ଦୈନନ୍ଦିନ ଖୋର୍ଦ୍ଧା, ଟାଙ୍ଗୀ ଓ ବେଗୁନିଆ ତହସିଲ ଅଞ୍ଚଳରୁ ବିଳମ୍ବିତ ରାତିରେ ବେଆଇନ ଭାବେ ମାଙ୍କଡ଼ା ଓ ବଉଳମାଳା ପଥର ଭୁବନେଶ୍ୱର ସମେତ ବିଭିନ୍ନ ଜିଲାକୁ ଚାଲାଣ ହେଉଛି। ପାୱାର ଟିଲରରେ ଏକର ଏକର ଜମିରୁ ମାଙ୍କଡା ପଥର କଟାଚାଲିଛି। ଫଳରେ କୃତ୍ରିମ ହ୍ରଦ ସୃଷ୍ଟି ହେବା ସହ ଜଙ୍ଗଲ ପଦା ହେବାରେ ଲାଗିଛି। ପୋଲିସ ଏବଂ ରାଜସ୍ୱ ବିଭାଗ ଜାଣତରେ ଚୋରା ଚାଲାଣ ଚାଲିଥିବା ବେଳେ କେବଳ କାଁ ଭାଁ ଗାଡିକୁ ଜବତ କରିବା ସହ ଜରିମାନା ଆଦାୟ କରି ପ୍ରଶାସନ ଚୁପ ବସିଛି।

ସୂଚନାଯୋଗ୍ୟ, ଜିଲାର ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ ତହସିଲ ଅଞ୍ଚଳରୁ ବେଆଇନ ଭାବେ ପଥର ଖଣିରୁ ଚୋରା ଚାଲାଣ ଚାଲିଛି। ଭୁବନେଶ୍ୱର-ଚେନ୍ନାଇ ୧୬ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ଆଳରେ ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବା ପାହାଡ କଟାଚାଲିଛି। ଆଗାମୀ



ଉପଜିଲାପାଳ ଅଶୋକ ବେହୁରିଆ ଟାଙ୍ଗୀ ଅଞ୍ଚଳର ଏକ ପଥରଖଣି ଅନୁଧ୍ୟାନ କରୁଛନ୍ତି।

ଦିନରେ ପାହାଡ଼ ସମ୍ପୂର୍ଣ୍ଣ ଲଣ୍ଡା ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ମାଫିଆଙ୍କ ଦୌରାତ୍ମ୍ୟ ଯୋଗୁ ସରକାରୀ ଜାଗା, ଜଙ୍ଗଲ ଜମି ବାଦ ପଡୁନି। ଗତବର୍ଷ ଶରଧାପୁର ନିକଟରେ କାଜୁ ଜଙ୍ଗଲରୁ ବେଆଇନ ଭାବେ ଏକାଧିକ ଏକର ଜମିରୁ ପଥର ଚାଲାଣ କରାଯାଇ କୃତ୍ରିମ ହ୍ରଦ ସୃଷ୍ଟି କରାଯାଇଥିବା ନେଇ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଜଟଣୀ ଏବଂ ଭୁବନେଶ୍ୱର ତହସିଲ ଅନ୍ତର୍ଗତ ରାଜଧାନୀ ଉପକଣ୍ଠ ଗାଁ ଗୁଡିକରୁ ଶହ ଶହ ଟ୍ରକରେ ମୋରମ ଏବଂ ମାଙ୍କଡା ଚାଲାଣ ହେଉଥିବା ନେଇ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ଶ୍ରୀଜଗନ୍ନାଥଙ୍କ ଜମି ବି ବାଦ୍ ପଡିନି। ଜଟଣୀ ତହସିଲ ମହୁଲ ଗ୍ରାମରୁ ଏକାଧିକ ଏକର କାଜୁ ଜଙ୍ଗଲ ଏବଂ ସରକାରୀ ଜାଗା, ଗୋଚର ଜମିରୁ ମାଙ୍କଡାପଥର ଚାଲାଣ ନେଇ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଜଟଣୀ ତହସିଲ ପଦନପୁରରୁ ଅନୁରୂପ ଭାବେ ସରକାରୀ ଜମିରୁ ମୋରମ ଏବଂ ମାଙ୍କଡା ପଥର ଚାଲାଣ ନେଇ ଅଭିଯୋଗ ପରେ ଏହା ବନ୍ଦ ହୋଇଥିଲା। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଟାଉନ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି, ଜାତୀୟ ରାଜପଥ ଦେଇ ବେଆଇନ ଭାବେ ଚାଲାଣ ହେଉଥିବା ପଥର ଗାଡିକୁ ଜବତ କରାଯାଉଛି। ନିକଟରେ କୁମାରବସ୍ତରୁ ୨ଟି ପଥର ଗାଡି ଚାଲାଣ ହେଉଥିବା ବେଳେ ଶିଳ୍ପାଞ୍ଚଳ ଫାଣ୍ଡି ଧରିଥିଲା। ସେହିପରି ଜଙ୍କିଆ ଥାନାଧିକାରୀ ଭବାନୀ ଖଣ୍ଟିଆ କହିଛନ୍ତି, ନରଣଗଡରୁ ବେଆଇନ ଭାବେ ଦୁଇଟି ୪୦୭ ବୋଝେଇ ବଉଳମାଳା ପଥର ଜବତ କରାଯାଇଛି। ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ କହିଛନ୍ତି, ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ବିଭିନ୍ନ ପଥର ଖଣିରେ ଲକଡାଉନ ସମୟରେ ଚଢ଼ାଉ କରାଯାଇ ପାୱାର ଟିଲର, ଟ୍ରାକ୍ଟର, ଟ୍ରକ ଜବତ କରିବା ସହ ଏକାଧିକ ପଥର ବୋଝେଇ ଗାଡିକୁ ଜବତ କରାଯାଇଛି।

## ୧.୯୫ଲକ୍ଷ ଟଙ୍କା ଜରିମାନା ଆଦାୟ

ଖୋର୍ଦ୍ଧା ସବଡିଭିଜନ ଅନ୍ତର୍ଗତ ବିଭିନ୍ନ ତହସିଲ ଅଞ୍ଚଳରେ ବେଆଇନ ଭାବେ ପଥର ଚାଲାଣ ନେଇ ମେ' ୩୧ସୁଦ୍ଧା ୧ଲକ୍ଷ ୯୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ସେଥିରୁ ଖୋର୍ଦ୍ଧା ତହସିଲରୁ ସର୍ବାଧିକ ୧.୪୦ଲକ୍ଷ, ଟାଙ୍ଗୀ ତହସିଲରୁ ୪୦ହଜାର ଏବଂ ଚିଲିକା ତହସିଲ ଅଞ୍ଚଳରୁ ୧୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ମଙ୍ଗଳବାର ଟାଙ୍ଗୀ ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ପଥର ଖଣି ଚଢଉ କରାଯାଇଥିବା ଉପଜିଲାପାଳ କହିଛନ୍ତି। ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ତହସିଲ ଅଞ୍ଚଳରେ ଚୋରା ପଥର ଚାଲାଣ ଉପରେ ପ୍ରଶାସନ ପକ୍ଷରୁ ନଜର ରହିଛି। ଗତବର୍ଷ ବେଆଇନ ଭାବେ ଚାଲିଥିବା ପଥର ଚାଲାଣକାରୀଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି। ଚଳିତ ବର୍ଷ ମଧ୍ୟ ଏହାକୁ ତ୍ୱରାନ୍ୱିତ କରାଯାଇଛି ବୋଲି ସେ କହିଛନ୍ତି।